


ଖୁବ୍ଶୀଘ୍ର ସେନାରେ ଧ୍ରୁବାସ୍ତ୍ର ମିସାଇଲ୍ ପୃଷ୍ଠା ୫

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 22 ଭାଗ ୩୪ | ସଂଖ୍ୟା ୨୨ | Monday 13 April 2026 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର ୧୩ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




### ୨୦୨୯ ନିର୍ବାଚନରେ ମହିଳାଙ୍କୁ ମିଳିବ ୩୩% ସଂରକ୍ଷଣ

# ସବୁ ଦଳର ସହଯୋଗ ଲୋଡ଼ିଲେ ମୋଦି

- ନାରୀ ଶକ୍ତି ବନ୍ଦନ ଆଇନ ନେଇ ସ୍ୱତନ୍ତ୍ର ଆଲୋଚନା
- ରାଜନୈତିକ ଦଳ ମୁଖ୍ୟଙ୍କୁ ପ୍ରଧାନମନ୍ତ୍ରୀଙ୍କ ଚିଠି
- ସବୁ ସାଂସଦଙ୍କ ପାଇଁ ହ୍ୱିପ ଜାରି କଲା ବିଜେପି
- ରାଜନୈତିକ ଫାଇଦା ପାଇଁ ଉଦ୍ୟମ: ଖଡ୍‌ଗେ



ନୂଆଦିଲ୍ଲୀ,୧୨।୪:ଆସନ୍ତା ୧୬ ତାରିଖରେ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ନାରୀ ଶକ୍ତି ବନ୍ଦନ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦର ସବୁ ରାଜନୈତିକ ଦଳ ମୁଖ୍ୟଙ୍କୁ ଚିଠି ଲେଖିଛନ୍ତି। ରାଜନୈତିକ ଓ ବ୍ୟକ୍ତିଗତ ଆଭିମୁଖ୍ୟରୁ ଊର୍ଦ୍ଧ୍ୱକୁ ଆସି ରାଜ୍ୟ ବିଧାନସଭା ଓ ସଂସଦରେ ମହିଳାଙ୍କ ପାଇଁ ସଂରକ୍ଷଣ ବିଲକୁ ସମର୍ଥନ କରିବାକୁ ଅପିଲ୍ କରିଛନ୍ତି।

ରାଜନୈତିକ ଦଳର ମୁଖ୍ୟଙ୍କୁ ଲେଖିଥିବା ଚିଠିରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବହୁ ଆଲୋଚନା ପରେ ଏବେ ସମୟ ଆସିଛି ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ। ଆସନ୍ତା ୨୦୨୯ ସାଧାରଣ ନିର୍ବାଚନ ମହିଳାଙ୍କ ପାଇଁ ସଂରକ୍ଷଣ ସହ ହେବା ଜରୁରୀ ବୋଲି ସେ କହିଛନ୍ତି। ଏହି ବିଲ୍‌କୁ କାର୍ଯ୍ୟକାରୀ କରିବାରେ ରାଜନୈତିକ ଦଳଗୁଡ଼ିକ ମହିଳାଙ୍କ ପ୍ରତି ସେମାନଙ୍କ ଦାୟିତ୍ୱ ତୁଲାଇବା ଆବଶ୍ୟକ। ଏଥିସହ ଭବିଷ୍ୟତ ପିଢ଼ି ପାଇଁ ଏହି ଆଇନର କାର୍ଯ୍ୟକାରିତା ଆବଶ୍ୟକ ବୋଲି ସେ କହିଛନ୍ତି। ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ସଂସଦରେ ସ୍ୱତନ୍ତ୍ର ଆଲୋଚନାରେ ସମସ୍ତେ ଭାଗ ନେବା ଉଚିତ। ଭାରତୀୟ ରାଜନୀତିରେ ମହିଳାଙ୍କ ପାଇଁ ଏକ ବଡ଼ ଉପଲବ୍ଧି ହେବ ବୋଲି ସେ କହିଛନ୍ତି।

ମହିଳାଙ୍କୁ ଉଚିତ ସୁଯୋଗ ଦିଆଗଲେ ହିଁ ଏକ ସମାଜର ଉନ୍ନତି ହୋଇପାରିବ। ଏହି ବିଲ୍ ଏକ ବିକଶିତ ଭାରତ ଗଠନର ମୂଳଦୂଆ ପକାଇବ। ଆସନ୍ତା ୧୬ ତାରିଖରେ ଏହି ବିଲ୍ ନେଇ ଆଲୋଚନା ହେବ। ନାରୀ ଶକ୍ତି ବନ୍ଦନ ଅଧିନୟମରେ ସଂଶୋଧନ ପ୍ରସ୍ତାବ ଆଲୋଚନାରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ପ୍ରଧାନମନ୍ତ୍ରୀ। ୨୦୨୩ରେ ଏହି ପୃଷ୍ଠା-୬



ରବିବାର ଅଭିଯୋଗ ଶୁଣିଲେ ମୋହନ

# ଲୋକଙ୍କ ସହ ଲୋକଙ୍କ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧୨।୪(ସଂଚାର ବ୍ୟୁରୋ):ଚାରିଦିନିଆ କେନ୍ଦୁଝର ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦିନତମାମ ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଲୋକଙ୍କ ଅଭିଯୋଗ ଶୁଣିବାକୁ ବି ସମୟ ଦେଇଛନ୍ତି। ଗତକାଲି ଜିଲ୍ଲା ଗସ୍ତରେ ଯାଇ ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଜି ସକାଳୁ କେନ୍ଦୁଝର ସର୍କିଟ୍ ହାଉସରେ ଲୋକଙ୍କ ଅଭିଯୋଗ ଶୁଣିବା ସହ ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କୁ ଭେଟିଥିଲେ।

ରାଜଧାନୀରେ ସରକାରୀ କାର୍ଯ୍ୟରୁ କିଛି ସମୟ କାଢ଼ି ନିଜ ଜିଲ୍ଲାକୁ ଯାଇଛନ୍ତି ମୁଖ୍ୟମନ୍ତ୍ରୀ। ଅବଶ୍ୟ ସେଠାରେ ତାଙ୍କୁ ସରକାରୀ କାର୍ଯ୍ୟରୁ ଫୁରୁସତ୍ ନାହିଁ। ହେଲେ ନିଜ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ଯାଇଥିବାରୁ ଲୋକଙ୍କ ଆଶା ଅନେକ। ଜିଲ୍ଲା ପ୍ରତିନିଧି ସାଙ୍ଗକୁ ମୁଖ୍ୟମନ୍ତ୍ରୀ, ତେଣୁ ତାଙ୍କ ଉପରେ ଜିଲ୍ଲାବାସୀ ହକ ଜମାଇବା ସ୍ୱାଭାବିକ କଥା। ତେଣୁ ଆଜି ସକାଳୁ ମୁଖ୍ୟମନ୍ତ୍ରୀ ସରକାରୀ କାର୍ଯ୍ୟକ୍ରମକୁ ବାହାରିବା ପୂର୍ବରୁ ପ୍ରଥମେ ସର୍କିଟ ହାଉସରେ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ପୃଷ୍ଠା-୬

# ୨୧ ଘଣ୍ଟାର ଶାନ୍ତି ଆଲୋଚନା ବିଫଳ

- ବୁଝାମଣା ବାଟ ବନ୍ଦ ହୋଇନାହିଁ: ଭାନ୍ସ
- ଶାନ୍ତିଦୂତ ସାଜିବାକୁ ପୁଟିନ୍ ପ୍ରସ୍ତୁତ



ଇସଲାମାବାଦ, ୧୨।୪: ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ପାକିସ୍ତାନର ରାଜଧାନୀ ଇସଲାମାବାଦଠାରେ ପାକିସ୍ତାନ ମଧ୍ୟସ୍ଥତାରେ ଶନିବାର ଆୟୋଜିତ ବହୁ ପ୍ରତୀକ୍ଷିତ ଆମେରିକା-ଇରାନ୍ ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନା ବିନା ନିଷ୍କର୍ଷ ଶେଷ ହୋଇଛି। ଦୀର୍ଘ ୨୧ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଆମେରିକା ଓ ଇରାନର ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ବିଫଳ ହୋଇଛି ବୋଲି ଆମେରିକା ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ମାର୍କିନ୍ ଉପରାଷ୍ଟ୍ରପତି ଜେଡି ଭାନ୍ସ ଘୋଷଣା କରିଛନ୍ତି। ଏହି ଘୋଷଣା ଫଳରେ ମଧ୍ୟପ୍ରାଚ୍ୟ ଶାନ୍ତିକୁ ଅପେକ୍ଷାରେ ଥିବା ବିଶ୍ୱର ଜନସାଧାରଣ ଏକପ୍ରକାର ସ୍ତବ୍ଧ ହୋଇଯାଇଛନ୍ତି।

ଶାନ୍ତି ଅଲୋଚନା ବିଫଳ ହେବା ପରେ ଆମେରିକାର ପୃଷ୍ଠା-୬

# ଆରପାରିରେ ଆଶା

- ୭ ଦଶକର ଯାତ୍ରାରେ ପୂର୍ଣ୍ଣଚ୍ଛେଦ
- ୯୨ ବର୍ଷରେ ପରଲୋକ
- ଗାଇଥିଲେ ୧୨ ହଜାରରୁ ଅଧିକ ଗୀତ
- ଓଡ଼ିଆ ଗୀତରେ ବି କରିଥିଲେ କଣ୍ଠଦାନ
- ଆଜି ଶିବାଜୀ ପାର୍କରେ ହେବ ଶେଷକୃତ୍ୟ
- ମୋଦି, ମୋହନ ଓ ଧର୍ମେନ୍ଦ୍ରଙ୍କ ଶୋକ



୧୯୩୩-୨୦୨୬

ମୁମ୍ବାଇ/ ଭୁବନେଶ୍ୱର,୧୨।୪:ଏକ ଦୁଃଖଦାୟକ ଘଟଣାକ୍ରମରେ ଭାରତୀୟ ସଙ୍ଗୀତ ଜଗତର କିମ୍ବଦନ୍ତୀ ଗାୟିକା ଆଶା ଭୋସଲେଙ୍କର ଦେହାନ୍ତ ଘଟିଛି। ୯୨ ବର୍ଷ ବୟସରେ ଏହି ପ୍ରସିଦ୍ଧ ପ୍ଲେ-ବ୍ୟାକ୍ ସିଙ୍ଗର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ପାଖାପାଖି ୭ ଦଶନ୍ଧିରୁ ଅଧିକ ସମୟ ଧରି ନିଜର ଯାଦୁକରୀ କଣ୍ଠ ସ୍ୱରରେ କୋଟି କୋଟି ଶ୍ରୋତାଙ୍କ ହୃଦୟକୁ ଜୟ କରିଥିବା ଆଶା ଶେଷରେ ନିଜର ହୃଦୟ ନିକଟରେ ହାରିଯାଇଛନ୍ତି।

ସୂଚନାଯୋଗ୍ୟ ଯେ ଶନିବାର ଆଶା ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜାତୀୟ ଗଣମାଧ୍ୟମରେ ଆଶା ହୃଦ୍‌ଘାତରେ ପୀଡ଼ିତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ପ୍ରଚାରିତ ହୋଇଥିଲେ ମଧ୍ୟ ଏହି ଖବରକୁ ତାଙ୍କ ନାତୁଣୀ ଖଣ୍ଡନ କରିଥିଲେ। ସେ କହିଥିଲେ ଯେ, ଅତ୍ୟଧିକ ଦୁର୍ବଳତା ଏବଂ ଛାତି ସଂକ୍ରମଣ ଜନିତ ଯନ୍ତ୍ରଣା ଯୋଗୁ ଆଶାଙ୍କୁ ହସ୍ପିଟାଲରେ ଆଡମିଟ୍ କରାଯାଇଛି। ମାତ୍ର ଆଜି ଡାକ୍ତରମାନେ ହୃଦଘାତ ଯୋଗୁ ଆଶାଙ୍କ ପରଲୋକ ଘଟିଛି ବୋଲି ଘୋଷଣା କରିଥିଲେ।

ଆଶାଙ୍କ ନିଧନ ଖବର କେବଳ ସଙ୍ଗୀତ ପ୍ରେମୀଙ୍କ ପାଇଁ ନୁହେଁ, ବରଂ ସମଗ୍ର ପୃଷ୍ଠା-୬

SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ୨.୩୪ ଲକ୍ଷ ସହ ଧରାପଡ଼ିଲେ ରେଞ୍ଜର



ନବରଙ୍ଗପୁର, ୧୨।୪ (ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା ଗୁଡାରି ରେଞ୍ଜର ସୁକୁମାର ଦୁଖୁଙ୍କ ଗାଡ଼ିରୁ ଭିଜିଲାନ୍ସ ୨ଲକ୍ଷରୁ ଅଧିକ ଟଙ୍କା ଜବତ କରିଛି। ନବରଙ୍ଗପୁର ସହର ସ୍ଥିତ ନିଜ ବାସଭବନକୁ ବ୍ୟକ୍ତିଗତ ଗାଡ଼ିରେ ଫେରୁଥିବା ବେଳେ ଇନ୍ଦ୍ରାବତୀ ବ୍ରିଜ ନିକଟରେ ଭିଜିଲାନ୍ସ ଦୁଖୁଙ୍କୁ ମାଡି ବସିଥିଲା। ସେ ଗାଡ଼ିରେ ୨ ଲକ୍ଷ ୩୪ ହଜାର ୮୦୦ ଟଙ୍କା ଧରି ନବରଙ୍ଗପୁର ଆସୁଥିଲେ। ଟଙ୍କାକୁ ଜବତ କରିବା ସହିତ ରେଞ୍ଜରଙ୍କୁ ଭିଜିଲାନ୍ସ ଟିମ୍ ସାଙ୍ଗରେ ନେଇ ଭିଜିଲାନ୍ସ ଟିମ୍ ତାଙ୍କର ଗୁଡାରି ସରକାରୀ ବାସଭବନରେ ଅଧିକ ତଦନ୍ତ କରୁଛି।

# ଝାଡ଼ାବାନ୍ତିରେ ୧୨୦ ଛାତ୍ରଛାତ୍ରୀ ଆକ୍ରାନ୍ତ

ବାରିପଦା, ୧୨।୪ (ସଂଚାର ବ୍ୟୁରୋ): ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ, ଝାଡାବାନ୍ତି ଯୋଗୁ ୧୨୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକର କାକବନ୍ଧ ଆଶ୍ରମ ସ୍କୁଲରେ। ଆଜି ସକାଳୁ ଛାତ୍ରଛାତ୍ରୀ ମାନେ ପଖାଳ ଭାତ ଏବଂ ଆଳୁଚଟଣି ଖାଇଥିଲେ। ଏହାପରେ କିଛି ପିଲାଙ୍କୁ ଝାଡା ହେବା ସହ ବାନ୍ତି ହୋଇଥିଲା। ସେମାନଙ୍କୁ ତୁରନ୍ତ ରାସଗୋବିନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା।

सत्यमेव जयते



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ଓ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



## ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ଆମ ରାଜଧାନୀ ଭୁବନେଶ୍ୱର । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଆଜି ଭୁବନେଶ୍ୱର ଦେଶରେ ଏକ ପ୍ରମୁଖ ସହରର ମାନ୍ୟତା ପାଇଛି । ବର୍ତ୍ତମାନ ଅନେକ ଭବିଷ୍ୟମୁଖୀ ଯୋଜନା ସହିତ ଆମ ରାଜଧାନୀ ଏକ କାୟାକଳ୍ପ ପରିବର୍ତ୍ତନ ଦିଗରେ ଅଗ୍ରସର ହେଉଛି ।

ଭୁବନେଶ୍ୱର ଆମ ରାଜ୍ୟର ପରିଚୟ ଓ ଆମ ଗୌରବ । ଏବେ ସମୟ ଆସିଛି ଆମ ସହର ପାଇଁ ଆମକୁ କିଛି କରିବା ପାଇଁ । ଆସନ୍ତୁ, ଆମର ଐତିହ୍ୟ ନଗରୀର ସୁରକ୍ଷା ସହିତ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ିତୋଳିବା ଦିଗରେ ସମସ୍ତେ ଉଦ୍ୟମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

सत्यमेव जयते



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ବାଚସ୍ପତି

DSPL/320920-15001/12/2627

## ବାଲିଚର ଉପରେ ପଥର ସ୍ତର ଘଟଣା

# ଅମାନିଆ ଢଙ୍ଗରେ କାର୍ଯ୍ୟ କରୁଛି ମହାନଦୀ ଉତ୍ତର ବିଭାଜନ

କେନ୍ଦ୍ରାପଡ଼ା,୧୨।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଇନ୍ଦାଳ ନିକଟ କରାଣ୍ଡିଆ ନଦୀବନ୍ଧ ବାମପାର୍ଶ୍ୱ ରେ ଚାଲୁଥିବା ନଦୀବନ୍ଧ ସୁରକ୍ଷା କାର୍ଯ୍ୟର ଚଞ୍ଚକତା ଧରା ପଡିଲେ ବି ମାନୁନାହାନ୍ତି ଅମାନିଆ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀ। ବୁଦ୍ଧିଜୀବୀଙ୍କ ଅଭିଯୋଗ ଅନୁଯାୟୀ ପାଣିରେ ନୁହେଁ ବାଲି ପୋତା ଯାଉଛି ଅଢ଼େଇ କୋଟି ଟଙ୍କା। ବିଭାଗୀୟ ଯନ୍ତ୍ରୀ ମନୋରଞ୍ଜନ ମହାନ୍ତି ଘଟଣା ସମ୍ପର୍କରେ ସମସ୍ତ ସତ୍ୟତା ଜାଣିବା ପରେ ମଧ୍ୟ କାର୍ଯ୍ୟ ତଦନ୍ତ କରିନାହାନ୍ତି କି ଏହି ନଦୀ ବନ୍ଧ ସୁରକ୍ଷା କାର୍ଯ୍ୟ ନୀରିକ୍ଷଣ ପାଇଁ ଜଳସମ୍ପଦ ବିଭାଗର କୌଣସି ବରିଷ୍ଠ ଅଧିକାରୀ ନୀରିକ୍ଷଣ କରିବା ପାଇଁ ଆସିନାହାନ୍ତି। ଏଠି ବାସ୍ତବ ରେ ଦେଖିବାକୁ ଗଲେ ନଦୀବନ୍ଧ ସୁରକ୍ଷା ଜାଗାରେ ବାଲିଚର ସୁରକ୍ଷା କାର୍ଯ୍ୟ ଚାଲୁଅଛି ।

ପାଖାପାଖି ୪୫୦ ଫୁଟ୍ ଲମ୍ବାରେ ନିମ୍ନମାନର ପଥରକୁ ୨ ଫୁଟ ଲଗାଯାଇ ତା ଉପରେ କାଁ ଭାଁ ବଡ଼ ପଥର ଖଞ୍ଜା ଯାଉଛି। ଅଢ଼େଇ କୋଟିରୁ ଉର୍ଦ୍ଧ ଟଙ୍କା



ଖର୍ଚ୍ଚ ହୋଇ ଚାଲୁଛି ପଥର ଲଞ୍ଚିଂ, ପ୍ୟାକିଂ ଓ ପଥର ସ୍ତର ହେଲେ କାର୍ଯ୍ୟ ଏଠି ମୂଲ୍ୟ ହୀନ। ଏହି କାର୍ଯ୍ୟକୁ କେଉଁ ଉଦ୍ଦେଶ୍ୟରେ କରାଯାଉଛି ତାହା କେବଳ କାର୍ଯ୍ୟ କରାଉଥିବା ମହାନଦୀ ଉତ୍ତର ବିଭାଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ହିଁ ଜଣାଅଛି। ନଦୀର ଶାଖାରେ ଥିବା ନଦୀ ଧାରରେ ପାଦ ବୁଡୁନଥିବା ବେଳେ ବାଲି ଚରକୁ ଟପି ନଦୀ ସୁଅ କିଭଳି ନଦୀବନ୍ଧକୁ କ୍ଷତି କରିବ ତାହାକୁ

### କାର୍ଯ୍ୟାନୁଷ୍ଠାନ ବଦଳରେ ମିଳୁଛି ପ୍ରୋତ୍ସାହନ

ନେଇ ଏବେ ପ୍ରଶ୍ନ ଉଠିଛି।

ସେହିଭଳି ଆଶ୍ଚର୍ଯ୍ୟ କରିବା ବିଷୟ ନଦୀ ସୁଅ କାଟିବା ପାଇଁ ତିଆରି ହେଉଥିବା ପଥର ସ୍ତର ବାଲିଚର ଉପରେ ନିର୍ମାଣ କରାଯାଇଛି । କାର୍ଯ୍ୟ କରୁଥିବା ଠିକା ସଂସ୍ଥା ର ନାମ ଗୋଟେ ରହିଥିବା ବେଳେ କାର୍ଯ୍ୟ କରୁଥିବା ଠିକାଦାର କେନ୍ଦ୍ରାପଡ଼ାର ସୁପର କ୍ଲାସ୍ ଲାଇସେନ୍ସ ପ୍ରାପ୍ତ ଠିକାଦାର ଶିବ ପ୍ରାସାଦ ପରିଡ଼ା (ରତ୍ନା) ବାବୁ କରୁଛନ୍ତି ବୋଲି ବିଭାଗୀୟ ଯନ୍ତ୍ରୀଙ୍କଠୁ ଜାଣିବାକୁ ମିଳିଛି । ତାଙ୍କ ଠିକା କାର୍ଯ୍ୟକୁ ନେଇ ସବୁବେଳେ ଚର୍ଚ୍ଚା ଲାଗି ରହିଥିବା ବେଳେ ଏହି ପ୍ରଭାବଶାଳୀ ଠିକାଦାରଙ୍କ ଚାପରେ ଚୁପ୍ ହୋଇଯାଇଛନ୍ତି ମହାନଦୀ ଉତ୍ତର ବିଭାଜନ ର ଅଧୀକ୍ଷଣ ଯନ୍ତ୍ରୀ।

ସେହିଭଳି କରାଣ୍ଡିଆ ନଦୀବନ୍ଧ ସୁରକ୍ଷା କାର୍ଯ୍ୟ ରେ ମଧ୍ୟ ଏଭଳି ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରି ବିବାଦକୁ ଆସିଛି ଠିକା ସଂସ୍ଥା ସମେତ କାର୍ଯ୍ୟ କରାଉ ଥିବା ମହାନଦୀ ଉତ୍ତର ବିଭାଜନ। ପର୍ଯ୍ୟାପ୍ତ ପରିମାଣରେ ନଦୀ କୂଳରେ ବାଲି ଚର ଥିବାବେଳେ ମାଟିବନ୍ଧକୁ କାଟି ପଥରଲଞ୍ଚିଂ କରିବା ପାଇଁ ପଥର ବିଛା ଚାଲିଛି। ଅନାବଶ୍ୟକ ଭାବେ କୋଟି କୋଟି ଟଙ୍କା ଏଠି ପାଣି ବଦଳରେ ବାଲି ରେ ପୋତା ଚାଲିଛି। ଏହି କାର୍ଯ୍ୟର ମାନ ଠିକ୍ କରିବା ଜାଗାରେ ଠିକା ସଂସ୍ଥାକୁ ଦୁର୍ନିତୀ କରାଇବାକୁ ସୁଯୋଗ ଦେଉଛନ୍ତି ବିଭାଗୀୟ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ।

ଏହି କରାଣ୍ଡିଆ ନଦୀ କୂଳରେ ହେଉଥିବା କାର୍ଯ୍ୟକୁ ବନ୍ଦ୍ କରି ଅନତ୍ର ସ୍ଥାନରେ କୁଳ ଖାଉଥିବା ସ୍ଥାନରେ କାର୍ଯ୍ୟ କରାଇବା ସହ ଏ କାର୍ଯ୍ୟ ପାଇଁ ର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯାଉ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କଲା ଜିଲ୍ଲା କଂଗ୍ରେସ



ଢେଙ୍କାନାଳ,୧୨।୪ (ସଂଚାର ବ୍ୟୁରୋ)ଃ ଆଜି ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ଦଳର ନେତା ଏବଂ କର୍ମୀମାନେ ସ୍ଥାନୀୟ ଗାନ୍ଧୀ ମନ୍ଦିର ସମ୍ମୁଖରେ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତା ବିଶ୍ୱଶର୍ମାଙ୍କ କୁଶପୁତଳିକା ଦହନ କରିଛନ୍ତି । ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ହେମନ୍ତା ବିଶ୍ୱଶର୍ମା ସାଧାରଣ ସଭାରେ ଅପମାନ ଜନକ ମନ୍ତବ୍ୟ ଦେବା ସହିତ ତାଙ୍କ ନାମରେ ଅପଶବ୍ଦ ବ୍ୟବହାର କରିବାକୁ କଂଗ୍ରେସ ତରଫରୁ ଦୃଢ଼ ନିନ୍ଦା କରାଯିବା ସହିତ ପ୍ରତିବାଦ କରାଯାଇ ଏହି ପ୍ରତିକାତ୍ମକ ଦହନ କରାଯାଇଥିଲା । ବିଜେପି ଦଳରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଠାରୁ ଆରମ୍ଭ କରି ଅନେକ ନେତା କଂଗ୍ରେସର ବରିଷ୍ଠ ନେତାଙ୍କୁ ଏପରିକି ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେବା, ଅସମ୍ମାନ କରିବା ଅଭ୍ୟାସଗତ ହୋଇଗଲାଣି। ଏହା ଗଣତନ୍ତ୍ରର ସୁସ୍ଥ ପରମ୍ପରାକୁ କ୍ଷୁଣ୍ଣ କରୁଅଛି ଏବଂ ସର୍ବସାଧାରଣରେ ଆଲୋଡ଼ନ ସୃଷ୍ଟି କରୁଛି ବୋଲି ଜିଲ୍ଲା କଂଗ୍ରେସର ନେତାମାନେ ଅଭିଯୋଗ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ଉପସଭାପତି ବିନୟ କୁମାର ସାହୁ, ସରୋଜ ସତପଥି, ଗୋପାଳ ଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଅଜିତାନନ୍ଦ ବିହାରି, ଟାଉନ ସଭାପତି ବିକାଶ ସାଇଁ, ନାରୀ ନେତ୍ରୀ ସ୍ମିତା ରାଣୀ ସାମଲ, ଜିଲ୍ଲା କାର୍ଯ୍ୟକାରୀଣୀ ସଦସ୍ୟ ପ୍ରେମ ଶଙ୍କର ମିଶ୍ର, ଡାକ୍ତର ତୁଷାର କାନ୍ତ ନାୟକ, ରୁଦ୍ର ପ୍ରକାଶ ଶରଣ, ନିଶାକର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ପାଦକ ନୁରୁଲ ଇସଲାମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜିଲ୍ଲା ଆଶାକର୍ମୀ ସଂଘର ବୈଠକ



କେନ୍ଦ୍ରାପଡା,୧୨।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ଆଶାକର୍ମୀ ସଂଘର ଏକ ଜରୁରୀ ବୈଠକ ଗୋପଠାରେ ଅନୁଷ୍ଠିତ ହୋଇଯାଇଛି। ରମଣୀ ରଂଜନ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରଞ୍ଜୁଲତା ବେହେରା, ସଂଜୁକ୍ତା ସାହୁ, ବିଜୟଲକ୍ଷ୍ମୀ ନାଥ ଶର୍ମା, ଭଜହରି ପ୍ରଧାନ, ମିନତୀ ପୋଥାଳ, ଉଷାରାଣୀ ସାହୁ ପ୍ରମୁଖ ଉପସ୍ଥିତ ରହି ଆଶାକର୍ମୀ ମାନଙ୍କର ମାସିକ ଦରମା ୨୬ ହଜାର ଟଙ୍କାକୁ ବୃଦ୍ଧି, ପଦୋନ୍ନତି ଓ ପେନସନ୍ ବ୍ୟବସ୍ଥା କରିବା, ମୃତକାଳୀନ ବିମା ୫ ଲକ୍ଷ ପ୍ରଦାନ କରିବା, ଶିକ୍ଷାଗତ ଯୋଗ୍ୟତାକୁ ଆଧାର କରି ପଦୋନ୍ନତି ଦେବା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଆଲୋଚନା ସମୟରେ ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ କୁମାର ସାମଲଙ୍କ ସମେତ ବହୁ କର୍ମକା ଉପସ୍ଥିତ ଥିଲେ ।

## ଅଙ୍ଗନବାଡି କର୍ମୀ ସଂଘର ଆଲୋଚନା



କେନ୍ଦ୍ରାପଡା,୧୨।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ଅଙ୍ଗନୱାଡୀ କର୍ମୀ ସଂଘର ଏକ ଆଲୋଚନା ସ୍ଥାନୀୟ ଗୋପଛକଠାରେ ସଭାପତି ସ୍ୱର୍ଣ୍ଣପ୍ରଭା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ପାଦିକା ମମତାମୟୀ ଖଟୁଆ, ସୋନାଲି କର, କାଂଚନବାଳା ପଣ୍ଡା, ରୀନା ଜେନା, ମିନତୀ ଖଟୁଆ ପ୍ରମୁଖ ଉପସ୍ଥିତ ରହି ଅଙ୍ଗନୱାଡୀ କର୍ମୀଙ୍କର ଦରମା ବୃଦ୍ଧି, ଏସ୍ଏନ୍ପି ଦର ବୃଦ୍ଧି, ପୋଷଣ କାର୍ଯ୍ୟରୁ ବାଦ୍ ଦେବା, ଜିକେଏସ୍ରୁ ବାଦ୍ ଦେବା, ପେନସନ୍ ଲାଗୁ କରିବା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ନିଖିଳ ଓଡିଶା ନାଇଟ୍ ୱାଚମ୍ୟାନ୍ ଓ ହାଉସ୍ କିପିଙ୍ଗ ସଂଘ ବୈଠକ




କେନ୍ଦ୍ରାପଡା,୧୨।୪(ସଂଚାର ବ୍ୟୁରୋ)ଃ ନିଖିଳ ଓଡିଶା ନାଇଟ୍ ୱାଚମ୍ୟାନ୍ ଓ ହାଉସ୍ କିପିଙ୍ଗ କର୍ମଚାରୀ ସଂଘର ଏକ ବୈଠକ ଜିଲ୍ଲା ସଭାପତି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କର୍ମଚାରୀଙ୍କ ବକେୟା ଦରମା, ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ କରାଯିବା, ମାସକୁ ୨୬ ହଜାର ଟଙ୍କା ଦରମା ବୃଦ୍ଧି କରାଯିବା, ଦେହ ଖରାପ ହେଲେ ଛୁଟି ଦେବାର ବ୍ୟବସ୍ଥା କରାଯିବା, ଆକାଉଣ୍ଟକୁ ଦରମା ପ୍ରଦାନ କରାଯିବା, ଅବସର ସୀମା ୬୫ ବର୍ଷକୁ ବୃଦ୍ଧି କରାଯିବା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ବରିଷ୍ଠ ନାଗରିକଙ୍କ ବୈଠକ

କେନ୍ଦ୍ରାପଡ଼ା,୧୨।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବସପୁର ପଞ୍ଚାୟତ ବରିଷ୍ଠ ନାଗରିକ ମାନଙ୍କର ତୃତୀୟ ପର୍ଯ୍ୟାୟ ବୈଠକ ଆରିପଦାସ୍ଥିତ ସାହାରା ସୁନ୍ଦରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଧିବେଶନରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ଦାସ ସଭାପତିତ୍ୱ କରିଥିଲେ । ଉକ୍ତ ଅଧିବେଶନରେ ୨୬ଜଣ ସଦସ୍ୟ ଉପସ୍ଥିତ ଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ଏହି ସଭାରେ ସଂଯୋଜକ ଭାବେ ଯୋଗଦାନ କରି ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସଭାପତିଙ୍କ ପରାମର୍ଶ କ୍ରମେ ଏକ ଏକଜିକ୍ୟୁଟିଭ କମିଟି ଓ ଉପଦେଷ୍ଟା କମିଟି ଗଠନ କରାଯାଇଥିଲା । ଉପଦେଷ୍ଟା କମିଟିରେ ଗଙ୍ଗାଧର ସାହୁ, ମୁଖ୍ୟ ଉପଦେଷ୍ଟା ଗୌରାଙ୍ଗ ବେହେରା, ଉପମୁଖ୍ୟ ଉପଦେଷ୍ଟା ସୌରି ପ୍ରସାଦ ଦାସ ଓ ଗୌରିଶଙ୍କର ଦାସ ପ୍ରମୁଖ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ । ଏକଜିକ୍ୟୁଟିଭ କମିଟି ସଦସ୍ୟମାନଙ୍କ ମଧ୍ୟରୁ ରମେଶ ଚନ୍ଦ୍ର ସେଠୀ ସଭାପତି, ମଳୟ କେତନ ଦାସ, ସମ୍ପାଦକ ଗୌରାଙ୍ଗ ଚରଣ ମଣ୍ଡଳ, କୋଷାଧ୍ୟକ୍ଷ ନରହରି ନାୟକ, ଉପସଭାପତି ଅମୂଲ୍ୟ କୁମାର ନାୟକ, ସାଂସ୍କୃତିକ ସମ୍ପାଦକ ପିତାମ୍ବର ସାହୁ ଅର୍ଗାନାଇଜିଙ୍ଗ ସମ୍ପାଦକ ଭାବେ ଓ ସଦସ୍ୟ ଭାବେ ସନାତନ ଦାସ,ଡମ୍ବରୁଧର ଦାସ,ବସନ୍ତ କୁମାର ଘଡେଇ, ନିରଞ୍ଜନ ପରିଡା, ଗୁରୁପ୍ରସାଦ ପରିଡା, ସୁନାକର ଦାସ, ପ୍ରମୁଖ ମନୋନୀତ ହୋଇଥିଲେ ।

## ଆବାସ ଯୋଜନାରୁ ବଞ୍ଚିତ ରାମରାଇ ହାଁସଦା

# ଭଙ୍ଗା କୁଡିଆରେ ବିତୁଛି ଜୀବନ

ଯାଜପୁର ରୋଡ଼, ୧୨।୪ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ-୧୦ ମୋହରମ ଛକ ସାହିରେ ଥିବା ବଡ ବଡ ଅଟ୍ଟାଳିକା ଥିଲାବାଲା ଓ ପଇସାବାଲା ସରକାରୀ ଯୋଜନା ହାତେଇଥିବା ନେଇ ଆଲୋଚନା ହେଉଥିବା ବେଳେ ଏହି ସାହିର ଗରିବ ଗୁରୁବା ଶ୍ରେଣୀର ରାମରାଇ ହାଁସଦା ଓ ତାଙ୍କ ପତ୍ନୀ ଡୋମିନି ହାଁସଦା'ଙ୍କ ପରିବାର ଲୋକଙ୍କ ଲାଗି ବିଭିନ୍ନ ସରକାରୀ ଯୋଜନା କାମରେ ଆସୁନଥିବା କିମ୍ବା ସୁଫଳ ମିଳୁନଥିବା ନେଇ ଦେଖିବାକୁ ମିଳିଛି।



ରାମରାଇ'ଙ୍କ ପରିବାର ୪ପୁଅ, ବୋହୁ ଥିବା ବେଳେ ଏମାନେ ବିଲବାଡ଼ିରେ କାମଧନ୍ଦା କରି ପ୍ରତ୍ୟେକ ଦିନ ନିଜ ପରିବାର ପ୍ରତି ପୋଷଣ କରିଥାନ୍ତି। ଦୀର୍ଘ ୪୦ ବର୍ଷ ହେଲା ସେ ମାଟି କାନ୍ଥ, ଛିଣ୍ଡା ପାଲ ଓ ଜରି ଘୋଡାଇ ନିଜ କୁଡିଆଘରେ ପରିବାର ବର୍ଗଙ୍କୁ ନେଇ ଜୀବନ କାଟୁଛନ୍ତି। ଏ ନେଇ ସ୍ଥାନୀୟ କାଉନସିଲର ଠାରୁ ଆରମ୍ଭ କରି ବ୍ୟାସନଗର ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା, ନିର୍ବାହୀ ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କୁ ବାର୍ଦ୍ଧକ୍ୟ ଭର୍ତା, ଖଣ୍ଡିଏ ମୋ କୁଡିଆ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳୁନାହିଁ କି ବିଭିନ୍ନ ଜନହିତକର ଯୋଜନାରେ ସାମିଲ କରାଯାଉନାହିଁ। ଯାହାଫଳରେ ସେ ଭଙ୍ଗାଘରେ ଜୀବନ କାଟୁଛନ୍ତି। ତୁରନ୍ତ ତାଙ୍କୁ ମୋ କୁଡିଆ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇଦେବା ପରିବାର ପକ୍ଷରୁ ନିବେଦନ କରାଯାଇଛି।

## ମାଇଁ ଏନସିସି ଆଲୁମନି ଆସୋସିଏସନର ପ୍ରତିଷ୍ଠା ଦିବସ




କେନ୍ଦ୍ରାପଡ଼ା,୧୨।୪(ସଂଚାର ବ୍ୟୁରୋ)ଃ ମାଇଁ ଏନ.ସି.ସି. ଆଲୁମନି ଆସୋସିଏସନର ଦଶମ ପ୍ରତିଷ୍ଠା ଦିବସ ଅବସରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଏକ ସାର୍ବଜନୀନ ସେବାମୂଳକ "ଜଳଛତ୍ର" କାର୍ଯ୍ୟକ୍ରମ ଗରିମାମୟ ଓ ସୁସଂଗଠିତ ଭାବେ ଆୟୋଜିତ ହୋଇଯାଇଛି। ଏହି ଗରିମାମୟ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳଛତ୍ରର ଶୁଭ ଉଦଘାଟନ କରିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ଦେବେନ୍ଦ୍ର କୁମାର ମଲ୍ଲିକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଗାରିମା ବୃଦ୍ଧି କରିଥିଲେ । ଓରମାସ୍ର ଡେପୁଟୀ ସି.ଇ.ଓ. ନିରୋଦ କୁମାର ଜେନା ଓ କେନ୍ଦ୍ରାପଡ଼ା ଟାଉନ ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇଥିଲେ ।ତତ୍ସହିତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନା, ଏନସିସି(ବାଳିକା ବିଭାଗ) ଏ.ଏନ.ଓ କ୍ୟାପଟେନ ସୀମା ମହାନ୍ତି, (ବାଳକ ବିଭାଗ) ଏ.ଏନ.ଓ ଲେଫ୍ଟନା ରଜନୀକାନ୍ତ ତ୍ରିପାଠୀଙ୍କ ସମେତ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ସମସ୍ତ ବିଭାଗ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି ସମର୍ଥନ ଓ ଉତ୍ସାହ ପ୍ରଦାନ କରିଥିଲେ। ଏହି ଜଳଛତ୍ର କାର୍ଯ୍ୟକ୍ରମଟି ମାଇଁ ଏନ.ସି.ସି. ଆଲୁମନି ଆସୋସିଏସନ ଏବଂ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ.ସି.ସି.(ବାଳକ ଓ ବାଳିକା ବିଭାଗ)ର ମିଳିତ ପ୍ରୟାସରେ ତିନିଦିନ ଧରି ଆୟୋଜିତ ହୋଇଥିଲା। ଆସୋସିଏସନର ସମସ୍ତ ସଦସ୍ୟ ଓ ସଦସ୍ୟାଙ୍କ ସକ୍ରିୟ ସହଭାଗିତା ଏବଂ ଏନ.ସି.ସି. କ୍ୟାଡେଟମାନଙ୍କ ନିଷ୍ଠା, ଶୃଙ୍ଖଳା ଓ ସେବା ଭାବନାର ଫଳ ସ୍ୱରୂପ କାର୍ଯ୍ୟକ୍ରମଟି ସୁଚାରୁ ଓ ସଫଳ ଭାବେ ପରିଚାଳିତ ହୋଇଥିଲା । ପ୍ରଚଣ୍ଡ ଗ୍ରୀଷ୍ମ ତାପକୁ ଦୃଷ୍ଟିରେ ରଖି ସାଧାରଣ ଲୋକଙ୍କୁ ଶୀତଳ ପାନୀୟ ଜଳ ପ୍ରଦାନ କରି ତାଙ୍କର ତୃଷ୍ଣା ନିବାରଣ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହାସହିତ ପ୍ଲାଷ୍ଟିକ ବର୍ଜନ ଓ ପରିବେଶ ସୁରକ୍ଷା ଉପରେ ଫ୍ଲାଗ କାର୍ଡ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା । ଯାହା ସାଧାରଣ ଲୋକଙ୍କ ମନରେ ସକାରାତ୍ମକ ସଚେତନତା ସୃଷ୍ଟି କରିଥିଲା । ଏସମସ୍ତ କାର୍ଯ୍ୟକ୍ରମକୁ ମାଇଁ ଏନ.ସି.ସି. ଆଲୁମନି ଆସୋସିଏସନର ସଭ୍ୟ/ ସଭ୍ୟାମାନେ ପରିଚାଳନା କରିଥିବା ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ ଜଣାଇଛନ୍ତି ।

## କମ୍ପ୍ୟୁଟର ଶିକ୍ଷା ପାଇଁ ସଚେତନତା ରଥ




ବାଲିଆପାଳ,୧୨।୪(ସଂଚାର ବ୍ୟୁରୋ)ଃ ଓକେସିଏଲ ସାରା ରାଜ୍ୟରେ କମ୍ପ୍ୟୁଟର ଶିକ୍ଷା ସଚେତନତା ରଥ ପରିକ୍ରମା କରି ଛାତ୍ରଛାତ୍ରୀ ମାନଙ୍କୁ ଆଇଟି କ୍ଷେତ୍ରରେ ପାରଦର୍ଶିତା ଦିଗରେ ପ୍ରୋତ୍ସାହିତ କରୁଛି। ସେହି ଆଧାରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଲଙ୍ଗଳେଶ୍ୱର ଠାରେ ଥିବା ଓକେସିଏଲର ସ୍ୱୀକୃତିପ୍ରାପ୍ତ ଶିକ୍ଷାକେନ୍ଦ୍ର ଆର କେ ଇନ୍ଫୋ ଏକାଡେମୀ ତରଫରୁ ଆଜି ଏହି ସଚେତନତା ରଥକୁ ସ୍ୱାଗତ କରାଯାଇଛି। ଶିକ୍ଷା ଅନୁଷ୍ଠାନର ସଂଯୋଜକ ରାଜକିଶୋର ପାତ୍ରଙ୍କ ପୌରୋହିତ୍ୟରେ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ସରକାରୀ କିରାଣୀ କେଶବ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ରହି ନଡ଼ିଆ ଫଟେଇ ରଥର ଶୁଭାରମ୍ଭ କରିଥିଲେ। ଓଡିଶା ସରକାରଙ୍କ ଦ୍ୱାରା ଅନୁବନ୍ଧିତ ଓ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦନ ପ୍ରାପ୍ତ ଓକେସିଏଲର ଓଏସ-ସିଆଇଟି ତିନିମାସିଆ, ଛଅ ମାସିଆ, ଏକ ବର୍ଷିଆ ଆଦି ପାଠ୍ୟକ୍ରମ ଏହି ଶିକ୍ଷାଅନୁଷ୍ଠାନ ତରଫରୁ ପ୍ରଦାନ କରାଯାଉଛି। ସମସ୍ତ ଛାତ୍ର ଛାତ୍ରୀ କିଭଳି ଉନ୍ନତ ମାନର ଶିକ୍ଷା ଗ୍ରହଣ କରିପାରିବେ ସେଥିପାଇଁ ଅନୁଷ୍ଠାନ ତରଫରୁ ତାମିଲପ୍ରାପ୍ତ ଶିକ୍ଷକଙ୍କ ସହିତ ସ୍ୱତନ୍ତ୍ର କମ୍ପ୍ୟୁଟର ଲ୍ୟାବ ଏବଂ ଥିଓରୀ ରୁମର ବ୍ୟବସ୍ଥା କରାଯାଇଛି। ଲଙ୍ଗଳେଶ୍ୱର ଠାରେ ଥିବା ଏହି ଶିକ୍ଷାନୁଷ୍ଠାନ ଦୀର୍ଘ ୧୨ ବର୍ଷରୁ ଉର୍ଦ୍ଧ୍ୱ ନିରନ୍ତର କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରି ବହୁ ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବାରେ ଏକ ସ୍ୱତନ୍ତ୍ର ଶିକ୍ଷାକେନ୍ଦ୍ରର ପରିଚୟ ସୃଷ୍ଟି କରିପାରିଛି।

## ପୂର୍ବତନ କାଉନସିଲର ମନୋରମା ମହାନ୍ତିଙ୍କ ବିୟୋଗ

ବାରିପଦା,୧୨।୪(ସଂଚାର ବ୍ୟୁରୋ)ଃ ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ କାଉନସିଲର ମନୋରମା ମହାନ୍ତି ଙ୍କ ଆଜି ସକାଳ ୮.୩୦ ମିନିଟ ପାଖାପାଖି ସମୟରେ ବାରିପଦା ସହରର ୱାର୍ଡ ନମ୍ବର ୪ ମାର୍କେଟସ୍ଥିତ ନିଜ ବାସଭବନରେ ଦେହାନ୍ତ ଘଟିଅଛି । ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା ସ୍ୱର୍ଗତ ମନୋରମା ମହାନ୍ତି ବାରିପଦା ପୌରପରିଷଦ ର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଙ୍କ ମାତା । ସିଏ ପୂର୍ବରୁ ବାରିପଦା ପୌରପରିଷଦର କାଉନସିଲର ମଧ୍ୟ ଥିଲେ । ସିଏ ଜଣେ ମେଳାପି, ମିଷ୍ଟଭାସୀ ମହିଳା ଥିଲେ । ତାଙ୍କ ବିୟୋଗର ଖବର ପାଇ ବାରିପଦା ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ତାଙ୍କର ଶେଷ ଦର୍ଶନ କରିଥିଲେ । ଆଜି ସ୍ଥାନୀୟ ବାରୁଣୀ ଶ୍ମସାନଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଅଛି ।

## ଯୌନ ଶୋଷଣ ସୁରକ୍ଷା ବିଷୟରେ ସଚେତନତା କାର୍ଯ୍ୟକ୍ରମ

ବାଲିଆପାଳ,୧୨।୪(ସଂଚାର ବ୍ୟୁରୋ)ଃ ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକ ଅନ୍ତର୍ଗତ ଦଣ୍ଡିକା ଗ୍ରାମରେ ଅବସ୍ଥିତ ଗୋଛାୟତ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବସ୍ତା ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଯୌନ ଶୋଷଣରୁ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତାଲୁକ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ଶ୍ରୀମତୀ ସିଲଭାସା ବଡ଼ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଗୋପୀନାଥ ବେହେରା ସହିତ ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ, ଆଇନଜୀବୀ, ପୋଲିସ କର୍ମଚାରୀ ଓ




ପାରାଲିଗାଲ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଶ୍ରୀମତୀ ବଡ଼ଜେନା ଯୌନ ଶୋଷଣ, ମହିଳା ସୁରକ୍ଷା ଓ ବାଳ ଅପରାଧ ସମ୍ବନ୍ଧୀୟ ବିଭିନ୍ନ ଆଇନ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ସେ ଛାତ୍ରଛାତ୍ରୀଙ୍କୁ ଏହି ପ୍ରକାର ଅପରାଧରୁ କିପରି ସତର୍କ ରହିବା, ଏବଂ ଯଦି କୌଣସି ଘଟଣା ଘଟେ ତେବେ କିପରି ଆଇନୀ ସହାୟତା ଓ ସୁରକ୍ଷା ପାଇପାରିବେ ସେଥି ପ୍ରତି ସଚେତନ କରିଥିଲେ। ଏଥି ସହିତ ଶୋଷଣର ଶିକାର ହେଉଥିବା ପୀଡିତାଙ୍କ ପୁନର୍ବାସ, ଉଦ୍ଧାର ଓ ପୁନଃସ୍ଥାପନ ପ୍ରକ୍ରିୟା ସମ୍ବନ୍ଧରେ ମଧ୍ୟ ସ୍ପଷ୍ଟ ଧାରଣା ଦିଆଯାଇଥିଲା। କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ସୁଚାରୁ ଭାବେ ପରିଚାଳନା କରିଥିବାବେଳେ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ ଓ କୋର୍ଟ କର୍ମଚାରୀମାନେ ସହଯୋଗ କରିଥିଲେ।

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାଲରେ ଭିସା କାରଖାନା

# ଭିସା କୋକ୍ ଲିଃ'କୁ କାରଣ ଦର୍ଶାଅ ନୋଟିସ

ଯାଜପୁର,୧୨।୪(ସଂଚାର ବ୍ୟୁରୋ)ଃ ଏସପିସିବି (ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ) ଜାଲରେ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଭିସା ଷ୍ଟିଲ କାରଖାନା। କାରଣ ଭିସା ଷ୍ଟିଲ ପଦାଧିକାରୀ ପ୍ରଦୂଷଣ ନିୟମ ମାନୁନି। ଏପରିକି ପ୍ରଦୂଷଣ ନିୟମ ସର୍ତ୍ତାବଳୀଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ପାଳନ ନ କରି ଖୋଲା ଖୋଲି ଉଲ୍ଲଙ୍ଘନ କରୁଛି। ଯାହା ଫଳରେ ଓଏସପିସିବି ପତ୍ର ସଂଖ୍ୟା ନଂ ୪୮୫୫ ତା ୧.୪.୨୦୨୬ରେ ଭିସା କୋକ ଲିଃର ପରିଚାଳନା ନିର୍ଦ୍ଦେଶକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ନୋଟିସରେ ଭିସା ଷ୍ଟିଲ୍ କାରଖାନା ମାତ୍ରାଧିକ ବାୟୁ ଓ ଜଳ ପ୍ରଦୂଷଣ କରିବା, ଜମି ଅଧିଗ୍ରହଣ ସଂକ୍ରାନ୍ତୀୟ ଅନିୟମିତତା, ଭିସା ସ୍ପେଶାଲ ଲିଃ ଓ ଭିସା ଷ୍ଟିଲ ଅଧିଗ୍ରହଣ ଜମିର ନିର୍ଦ୍ଧାରିତ ସୀମା ନିର୍ଦ୍ଧାରଣ କରିବା ଆଦି ଉଲ୍ଲେଖ ରହିଛି। ଏପରି କି ଏହାକୁ ପାଳନ ନ କଲେ କାରଖାନା ବନ୍ଦ କରିବାକୁ ଏସ୍ପିସିବି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଆସନ୍ତା ୩୦.୯.୨୦୨୬ ସୁଦ୍ଧା ଉକ୍ତ ନିର୍ଦ୍ଦେଶଗୁଡିକ କାରଖାନା ପଦାଧିକାରୀ




ପାଳନ ନ କଲେ ପରିଚାଳନା ଅନୁମତି (ସିଟିଓ) କୁ ପ୍ରତ୍ୟାହାର କରାଯିବ ବୋଲି କାରଣ ଦର୍ଶାଅ ନୋଟିସରେ ଉଲ୍ଲେଖ ରହିଛି ।

ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି, ବିନା ପରିବେଶ ମଞ୍ଜୁରୀରେ ଭିସା ଷ୍ଟିଲ ପରିସରରେ ୨ଟି (ଭିସା କୋକ ଲିଃ ଏବଂ ଭିସା ସ୍ପେଶାଲ ଷ୍ଟିଲ ) କାରଖାନା ଚାଲିଥିବା ଓ ଏସ ପି ସି ବି (ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ)ର ଗତ ବର୍ଷ ନଜରକୁ ଆସିଥିଲା। ଯାହାକି ବିନା (ଇସି) ପରିବେଶ ମଞ୍ଜୁରୀରେ ପ୍ରଦୂଷଣ ବିଭାଗ ପକ୍ଷରୁ ଭିସା କୋକ ଏବଂ ଭିସା ଷ୍ଟିଲକୁ କିପରି ସିଟିଓ ( କନସେଣ୍ଟ ଟୁ ଅପରେଟ ) ପ୍ରଦାନ କରାଗଲା ତାହା ଉପରେ ମଧ୍ୟ ସେତେବେଳେ ପ୍ରଶ୍ନ ଉଠିଥିଲା। ଏବେ ଦିଆଯାଇଥିବା କାରଣ ଦର୍ଶାଅ ନୋଟିସରେ ଭିସା କୋକ ଲିମିଟେଡ ନାମରେ କୋକ ଓଭନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ପାଇଁ ଓଏସପିସିବି ଠାରୁ ଅନୁମତି ମିଳିଛି। ଉକ୍ତ ୩ଟି ସଂସ୍ଥାର ଜମି ସୀମା ନିର୍ଦ୍ଧାରଣ କରାଯିବା ଏହିସବୁ ସର୍ତ୍ତଗୁଡିକ ଭିସା ଷ୍ଟିଲ ପକ୍ଷରୁ ପାଳନ କରାଯାଇନାହିଁ। ଫଳରେ ଏସ୍ପିସିବି ପକ୍ଷରୁ ସମସ୍ତ ସଂସ୍ଥାର ନିଜ ନାମରେ ଜମି ଆବଣ୍ଟନ ଏବଂ ରେକର୍ଡ ସହିତ ଜଡ଼ିତ ସମସ୍ତ ଔପଚାରିକତା ପୂରଣ କରିବା, ୟୁନିଟ ପାଖରେ ପ୍ରାସଙ୍ଗିକ ଆଇନ ଅନୁଯାୟୀ ବୈଧାନିକ ମଞ୍ଜୁରୀ ଏବଂ ପରିଚାଳନା ପାଇଁ ଅନୁମତି ପତ୍ର, ଭିସା ଷ୍ଟିଲ ଲିମିଟେଡ ଓ ଭିସା ସ୍ପେଶାଲ ଷ୍ଟିଲ ଲିମିଟେଡ ତୁଳନାରେ ଏହାର ଜମି ସୀମାକୁ ସ୍ପଷ୍ଟ ଭାବେ ନିର୍ଦ୍ଧାରଣ କରିବା, ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ପରିବେଶଗତ ଅନୁମତି ଉପରେ ସର୍ତ୍ତାବଳୀ ପାଳନ, ସମସ୍ତ ସଂସ୍ଥାର ବାୟୁ ଏବଂ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବା ଉପରେ କାରଣ ଦର୍ଶାଅ ନୋଟିସରେ ଉଲ୍ଲେଖ କରାଯାଇଛି ।

ଯଦି ଉକ୍ତ ସର୍ତ୍ତାବଳିକୁ କାରଖାନା ପଦାଧିକାରୀ ପାଳନ ନ କରନ୍ତି ତେବେ କାରଖାନା ବିରୁଦ୍ଧରେ ଓଏସପିସିବି ପକ୍ଷରୁ ଆଇନୀଗତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ପ୍ରଦୂଷଣ ବିଭାଗ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି ।

## ଖଡ଼ିଅଣ୍ଟା ହାଇସ୍କୁଲରେ ଗୁରୁ ପୂଜନ



ପଟ୍ଟାମୁଣ୍ଡାଇ,୧୨।୪(ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଡିଅଣ୍ଟା ହାଇସ୍କୁଲରେ ୨୦୦୭ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଆଶିଷ କୁମାର ଦାସଙ୍କ ପୌରହିତ୍ୟରେ ଆୟୋଜିତ ଗୁରୁ ପୂଜନ ଉତ୍ସବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ପ୍ରାକ୍ତନ ଶିକ୍ଷକ ସର୍ବେଶ୍ୱର ଜେନା, ଅଭୟ ଜେନା ବିଦ୍ୟାଧର ମହାନ୍ତି, ମଧୁସୂଦନ ଦାସ, ଗୋକୁଳ ଜେନା ରବୀନ୍ଦ୍ର ଦାଶ ପିତାମ୍ବର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରାତନ ଛାତ୍ରଛାତ୍ରୀମାନେ ଏହି ଶିକ୍ଷାନୁଷ୍ଠାନ ବିକାଶ ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ପୁରାତନ ଛାତ୍ରଛାତ୍ରୀ ମାନେ ଗୁରୁ ମାନଙ୍କୁ ଫୁଲ ଚନ୍ଦନ ଦେଇ ପୂଜାର୍ଚ୍ଚନା କରିବା ସହିତ ମାନପତ୍ର, ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପୁରାତନ ଛାତ୍ର ପ୍ରଶାନ୍ତ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ପୁରାତନ ଛାତ୍ରୀ ସ୍ୱାଗତିକା ଦାଶ ସ୍ୱାଗତ ଭାଷଣ ଓ ଶୁଚିସ୍ମିତା ସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ସସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ ।

## କୋଟିଏ ଟଙ୍କାର ଗଞ୍ଜେଇ ଜବତ

ମୋହନା, ୧୨।୪ (ସଂଚାର ବ୍ୟୁରୋ): ଆଜି ମୋହନା ଓ ଅଡ଼ବା ଥାନା ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ଗୁଡ଼ାରିପଙ୍କାର ଏକ ପାହାଡ଼ ଖୋଲରୁ ୧୦ କୁଇଣ୍ଟାରୁ ଅଧିକ ଓଜନର ଗଞ୍ଜେଇ ଜବତ କରାଯାଇଛି। ଏହି ସବୁ ଗଞ୍ଜେଇର ଆନୁମାନିକ କୋଟିଏ ଟଙ୍କାରୁ ଅଧିକ ହେବ। ମାଫିଆମାନେ ବିପୁଳ ପରିମାଣର ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ କରୁଥିବା ଖବର ପାଇ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ମାଫିଆମାନେ ପାହାଡ଼ ଖୋଲରେ ୧୦ କୁଇଣ୍ଟାଲ ୫୪ କିଲୋ ଗଞ୍ଜେଇ ଲୁଚେଇ ରଖିଥିଲେ।

## ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକଲା କଂଗ୍ରେସ




ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ଆସାମ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ହିମନ୍ତ ବିଶ୍ୱଶର୍ମା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ପ୍ରତି ଅଶାଳୀନ ଟିପ୍ପଣୀ ଦେଇଥିବା ବେଳେ ଏହା ବିରୋଧରେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ କଂଗ୍ରେସ ଭବନରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଶିବାନନ୍ଦ ରାୟ, ମନୋରଞ୍ଜନ ଦାସ, ସୁଦର୍ଶନ ଦାସ, ପ୍ରଶାନ୍ତ ଚମ୍ପତି, ମିହିରି ଆଚାର୍ଯ୍ୟ, ଅଶୋକ ଦାସ, ରାଜୁ ବାରିକ, ଆଲୋକ ମହାନ୍ତି, ଯୋଗୀ ନାୟକ, କୈଳାସ ସାହୁ, ଜୟକୃଷ୍ଣ ସୁବୁଦ୍ଧି, ସୁନିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ନିଶାମୁକ୍ତ ଅଭିଯାନ ଆରମ୍ଭ କରିବ କଂଗ୍ରେସ



ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ଗତବର୍ଷ ଗାନ୍ଧି ଜୟନ୍ତୀରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା 'ଗାନ୍ଧି ପଥେ ଓଡ଼ିଶା' ଅଭିଯାନର ଏକ ଅଂଶ ଭାବେ ଆସନ୍ତା ୧୫ରୁ ନିଶାମୁକ୍ତ ଓଡ଼ିଶା ଜନ ଜାଗରଣ ଅଭିଯାନ ପୁରୀ ଜିଲ୍ଲାର ସୁଆଣ୍ଡୋଠାରୁ ପିସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆରମ୍ଭ ହେବ। ଆଜି କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମଲ୍ଲିକ କହିଛନ୍ତି ଯେ ନିଶାର ଭୟାବହତା ବିଷୟରେ ସମସ୍ତେ ଅବଗତ ଅଛନ୍ତି ଓ ସଡକ ଦୁର୍ଘଟଣା, ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ ଆଦି ଅଘଟଣର ମୂଳ ଏହା ମୂଳ କାରଣ। ପୁରୀକୁ ଶ୍ରୀକ୍ଷେତ୍ର କୁହାଯାଉଥିବା ବେଳେ ଏହି ପବିତ୍ର ସହରର ଗଳିକନ୍ଦିରେ ମଦ ଦୋକାନ ଗଢ଼ିଉଠିବା ନିଶ୍ଚିତ ଭାବେ ଦୁଃଖ ଓ ପରିତାପର ବିଷୟ। ଯୁବଗୋଷ୍ଠୀ ଆଜି ନିଶା ସେବନ କରି ପଥଭ୍ରଷ୍ଟ। ତେଣୁ ରାଜ୍ୟକୁ ନିଶାମୁକ୍ତ କରିବା ସକାଶେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପ୍ରଦେଶ ଅନୁସୂଚିତ ଜାତି ବିଭାଗ ରାଜ୍ୟର ୩୧୪ଟି ବ୍ଲକରେ ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ ଆରମ୍ଭ କରିବ। ଏଥିସହ ସରକାର ସମସ୍ତ ପ୍ରକାର ନିଶାର ପ୍ରଚଳନ ବନ୍ଦ ନ କରିବା ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁ ରହିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସମ୍ପାଦିକା ଅନିମା ମିଞ୍ଜ, ପୁରୀ ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ଅଧ୍ୟକ୍ଷ ଗୋବିନ୍ଦ ମଲ୍ଲିକ, ଅନୁଗୁଳ ଜିଲ୍ଲା ଅଧ୍ୟକ୍ଷ ରାଜକିଶୋର ନାୟକ, ବରଗଡ଼ ଜିଲ୍ଲା ଅଧ୍ୟକ୍ଷ ଅଭିଶେକ ସେଠ୍, ଜୟନ୍ତ ବେହେରା ଉପସ୍ଥିତ ଥିଲେ।

## ଚିତ୍ରଭୂମି ସଣ୍ଡେ ଆର୍ଟ ଏକାଡେମୀ ଉଦ୍‌ଘାଟିତ



କଟକ ସଦର,୧୨।୪(ସଂଚାର ବ୍ୟୁରୋ): ବୟାଳିଶମୌଜା ଶ୍ରୀରାମ ମାର୍କେଟସ୍ଥିତ ମେଡପ୍ଲସଠାରେ ଚିତ୍ରଭୂମି ସଣ୍ଡେ ଆର୍ଟ ଏକାଡେମୀର ଉଦ୍‌ଘାଟନୀ ଉତ୍ସବ ଶିରିଡ଼ି ସାଇ ଚାରି ଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. ରୁଦ୍ର ମହାନ୍ତିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ମୁଖ୍ୟ ବକ୍ତା ଭାବେ ଧର୍ମପଦ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର କଳା ଅଧ୍ୟାପକ ଶୁକଦେବ ମହାରଣା, ସୁଦର୍ଶନ ମହାବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ୍ୱର ଦାଶ, ଅଧ୍ୟାପକ ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ବୀରବର ସାମନ୍ତ ମହାବିଦ୍ୟାଳୟ, କୁଜଙ୍ଗର ଅଧ୍ୟକ୍ଷା ଡ. ବନପ୍ରଭା ପରିଡ଼ା, ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଅଭିନୟ ଚିତ୍ରକଳା ଭୁବନେଶ୍ୱରର ସଙ୍ଗୀତ ଶିକ୍ଷକ ଅମିତାଭ ସାହୁ ଓ ୪୨ ମୌଜା ସାମ୍ବାଦିକ ସଙ୍ଘର ସଭାପତି ଅନିଲ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ପରିଚାଳକ ଚିତ୍ରଶିଳ୍ପୀ ସତ୍ୟ ଶେଖର ପରିଡ଼ା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଧର୍ମାନନ୍ଦ ପାଣ୍ଡେ, ଶରତ ଚନ୍ଦ୍ର ପରିଡ଼ା, ଦୀପ୍ତିମୟୀ ବେହେରା, କୁନ୍‌ମୁନ ସାହୁ, ସୁଶ୍ରୀସ୍ମିତା ନନ୍ଦ, ଗଣେଶ ଚନ୍ଦ୍ର ମୁଦୁଲି, ସରାଫଦ ବେଗ, ନିକୁଞ୍ଜ କୁମାର ସ୍ୱାଇଁ, ଚିନ୍ମୟ ମହାପାତ୍ର, ନିରଞ୍ଜନ ନାୟକ, ସୁରେନ୍ଦ୍ର ବେହେରା ଓ ଶଶାଙ୍କ ଶେଖର ପରିଡ଼ା ଉପସ୍ଥିତ ଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶିକ୍ଷାବିତ ଶ୍ୟାମ ସୁନ୍ଦର ପରିଡ଼ା ଧନ୍ୟବାଦ ଦେଇଥିଲେ।

### ୧୬ରୁ ସଂସଦର ନାରୀଶକ୍ତି ପାଇଁ ବିଶେଷ ଅଧିବେଶନ

# ୩୩% ସଂରକ୍ଷଣ ବିକଶିତ ଭାରତର ଆଧାରଶୀଳା: ପ୍ରଭାତୀ

ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ଆସନ୍ତା ୧୬ରୁ ୧୮ ତାରିଖ ଦେଶର ୨୫ ବର୍ଷର ଅମୃତକାଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅମୃତ ବେଳା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସଂସଦରେ ତିନିଦିନିଆ ମାତୃଶକ୍ତି ବନ୍ଦନ ଅଧିନିୟମ ଉପରେ ବିଶଦ ଚର୍ଚ୍ଚା କେବଳ ଦେଶର ନାରୀଶକ୍ତିକୁ ଆଗାମୀ ୨୦୨୯ରେ ସଂସଦ ଓ ବିଧାନସଭାରେ ଏକ-ତୃତୀୟାଂଶ ସଂରକ୍ଷଣ ଦେବନାହିଁ, ବରଂ ୨୦୪୭ ମସିହାରେ ଏହା ବିକଶିତ ଭାରତର ସ୍ୱପ୍ନକୁ ସଫଳ ରୂପାୟନ କରିବାର ଆଧାରଶୀଳା ହେବ। ଏହା ମହିଳାଙ୍କ ନେତୃତ୍ୱରେ ଅର୍ଥନୈତିକ ବିକାଶର ରାସ୍ତା ଖୋଲିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରମତୀ ପରିଡ଼ା ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ସାମ୍ବାଦିକଙ୍କୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି।

'ସମ୍ମାନ, ସୁରକ୍ଷା, ସମାନତା, ସହଭାଗିତା, ସଶକ୍ତିକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ନେତୃତ୍ୱ', ଏହି ୭ଟି 'ସ' ହେଉଛି ନାରୀ ଅଧିକାର ପାଇଁ ମୂଳ ଆଧାର। ମହିଳାଙ୍କୁ ସ୍ଥାନ ସଂରକ୍ଷଣ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ରର ଦୀର୍ଘଦିନର ବହୁ ପ୍ରତୀକ୍ଷିତ ଶୁଭ ମୁହୂର୍ତ୍ତର ଆରମ୍ଭ ସହ ଏପ୍ରିଲ ୧୬ରୁ ୧୮ ଭିତରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦୃଢ଼ ନିର୍ଣ୍ଣୟ ନେବାର ଶକ୍ତିକୁ ସାର ବିଶ୍ୱ ଦେଖିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

- ନୀତି ନିର୍ମାଣକୁ ଅଧିକ ସମାବେଶୀ ଓ ସମ୍ବେଦନଶୀଳ କରିବ
- ଐତିହାସିକ ମୁହୂର୍ତ୍ତକୁ ଉତ୍ସବ ରୂପେ ପାଳନ କରାଯିବ




୨୦୨୩ରେ ୧୨୮ତମ ସମ୍ବିଧାନ ସଂଶୋଧନ ଭାରତ ଇତିହାସର ଏକ ଯୁଗାନ୍ତକାରୀ ପଦକ୍ଷେପ। ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସଂରକ୍ଷଣ କେବଳ ମହିଳା ପ୍ରତିନିଧି ବୃଦ୍ଧିରେ ସୀମିତ ନୁହେଁ, ବରଂ ନୀତି ନିର୍ମାଣକୁ ଅଧିକ ସମାବେଶୀ, ସମ୍ବେଦନଶୀଳ ଓ ପ୍ରଭାବଶାଳୀ କରିବା ଦିଗରେ ଏକ ଦୃଢ଼ ପ୍ରୟାସ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

୩୩ ପ୍ରତିଶତ ମହିଳା ସଂରକ୍ଷଣର କ୍ରିୟାନ୍ୱୟନ ନିର୍ଣ୍ଣୟ ପ୍ରକ୍ରିୟାରୁ ଦୂରରେ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ମହିଳାଙ୍କୁ ନୀତି ରହିତାଧିକାରୀରୁ ନୀତିର ନିର୍ମାତା ହେବାର ପଥ ପ୍ରଶସ୍ତ କରିବ। ପ୍ରଧାନମନ୍ତ୍ରୀଙ୍କ ସଫଳ ନେତୃତ୍ୱରେ ୨୦୨୩ରେ ସମ୍ବିଧାନର ୧୨୮ତମ ସଂଶୋଧନରେ ମାତୃଶକ୍ତି ବନ୍ଦନା ହେଉ ଅଥବା ୨୦୨୬ ଏପ୍ରିଲ ୧୬ରୁ ୧୮ ସଂସଦର ପ୍ରସ୍ତାବିତ ବିଶେଷ ଅଧିବେଶନ ତତ୍କାଳିକ ନିଷ୍ପତ୍ତି ନୁହେଁ। ୨୦୧୪ ମସିହାରେ ଦେଶର ପ୍ରଧାନମନ୍ତ୍ରିତ୍ୱ ସମ୍ଭାଳିବା ଦିନରୁ ନରେନ୍ଦ୍ର ମୋଦି ମହିଳାଙ୍କ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବାର ବଡ଼ ଉଦ୍ୟମ କରିଛନ୍ତି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ସଂସଦରେ ତିନିଦିନିଆ ଐତିହାସିକ ଆଲୋଚନା ଓ ଏହାର ପୂର୍ବଦିନଗୁଡ଼ିକରେ ଓଡ଼ିଶାର ମାତୃଶକ୍ତି ଏହି ଐତିହାସିକ ଦିନଗୁଡ଼ିକ ଉତ୍ସବ ରୂପରେ ପାଳନ କରିବାକୁ ଉପମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ଘରେ ବସି ୯୬୬୭୧୭୩୩୩୩ ନମ୍ବରରେ ମିସ୍ଡ କଲ ମାଧ୍ୟମରେ ଏହି ଅଧିନିୟମକୁ ସମର୍ଥନ ର୍ୟାଲି, ଶୋଭାଯାତ୍ରା ଓ ସଭା ମାଧ୍ୟମରେ ନାରୀଶକ୍ତି ବିଜୟର ଏହି ମହାନ ଦିନଗୁଡ଼ିକୁ ଆହୁରି ସ୍ମରଣୀୟ କରିବାକୁ ମଧ୍ୟ ସେ ଅପିଲ କରିଛନ୍ତି।

### ଗଣତନ୍ତ୍ରର ପଞ୍ଚମ ସ୍ତମ୍ଭର ସ୍ୱାଧୀନତା ପାଇଁ ଅଭିଯାନ ଆରମ୍ଭ

## ଡିଜିଟାଲ୍ ମିଡିଆ ସହ ଛିଡ଼ା ହେବ ଯୁବ କଂଗ୍ରେସ

ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ଅଖିଳ ଭାରତ ଯୁବ କଂଗ୍ରେସ ଗଣତନ୍ତ୍ରର ପଞ୍ଚମ ସ୍ତମ୍ଭ ଡିଜିଟାଲ ମିଡିଆର ସ୍ୱାଧୀନତା ପାଇଁ ସାରା ଦେଶରେ ଏକ ବୃହତ୍ ଅଭିଯାନ ଆରମ୍ଭ କରିଛି। ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏ ସଂକ୍ରାନ୍ତରେ ଭାରତୀୟ ଯୁବ କଂଗ୍ରେସର ମିଡିଆ ବିଭାଗ ପ୍ରଭାରୀ ରାଜା ଅହମ୍ମଦ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଆଜିର ଦିନରେ ସମ୍ବାଦ ପରିବେଷଣ ବ୍ୟବସ୍ଥାକୁ ଡିଜିଟାଲ୍ ମିଡିଆ ଅଧିକ କ୍ରିୟାଶୀଳ କରିଛି। ସଠିକ୍ ସମ୍ବାଦ ପରିବେଷଣ କ୍ଷେତ୍ରରେ ମଧ୍ୟ ଡିଜିଟାଲ ମିଡିଆ ବିପ୍ଳବ ଆଣିଛି। ଉଦ୍ଦେଶ୍ୟମୂଳକ ଭାବେ ଚାପି ଦିଆଯାଉଥିବା ଖବରକୁ ମଧ୍ୟ ଡିଜିଟାଲ ମିଡିଆ ଲୋକଲୋଚନକୁ ଆଣିପାରିଛି। ଶ୍ରୀ ରାଜା କହିଛନ୍ତି ଯେ ସମ୍ବିଧାନକୁ ସଶକ୍ତ କରିବା ପାଇଁ ଡିଜିଟାଲ ଗଣମାଧ୍ୟମର ବଳିଷ୍ଠ ଭୂମିକା ରହିଛି। କଂଗ୍ରେସ ଯେଉଁମାନେ ଡିଜିଟାଲ ମିଡିଆ ଚଳାଉଛନ୍ତି, ବିଶେଷକରି ୟୁଟ୍ୟୁବ୍, ଫେସବୁକ୍ ଓ ଇନ୍‌ଷ୍ଟାଗ୍ରାମ ଆଦିରେ ସମ୍ବାଦ ପରିବେଷଣ କରି ପ୍ରଭାବ ସୃଷ୍ଟି କରିପାରୁଛନ୍ତି, ସେମାନେ ଅଧିକାଂଶ ସମୟରେ କ୍ଷମତାଶାଳୀ ଲୋକଙ୍କ ରୋଷର ଶିକାର ହେଉଛନ୍ତି। ତେଣୁ ଯୁବ କଂଗ୍ରେସ ସେମାନଙ୍କ ସହ ସବୁବେଳେ ଛିଡ଼ା ହେବ ବୋଲି ଶ୍ରୀ ରାଜା କହିଛନ୍ତି। ଏନେଇ ପ୍ରଥମେ ଭୁବନେଶ୍ୱର ଓ ପରେ ବିଭିନ୍ନ ଜିଲ୍ଲାରେ ୟୁଟ୍ୟୁବରଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ। ଏପରିକି ଗ୍ରାମାଞ୍ଚଳର ୟୁଟ୍ୟୁବରଙ୍କ ସହ ଯୋଗାଯୋଗ କରାଯାଇ ସମସ୍ତଙ୍କୁ ଏକାଠି କରାଯିବ। ଲୋକଙ୍କ ସ୍ୱର ଡିଜିଟାଲ ମାଧ୍ୟମର ପ୍ରଭାବକାରୀଙ୍କ ଜରିଆରେ ପ୍ରକାଶ କରାଯିବା ପାଇଁ ପ୍ରଚେଷ୍ଟା ଜାରି ରହିବ। ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ସୁଦୀପ ସାମଲ ଉପସ୍ଥିତ ଥିଲେ।



## ୨ ଶିଶୁଙ୍କୁ ପନିକିରେ ହାଣିଦେଲା ମା'

ଝାରସୁଗୁଡା, ୧୨।୪ (ସଂଚାର ବ୍ୟୁରୋ) : ଝାରସୁଗୁଡା ବିମାନ ବନ୍ଦର ଥାନା ଓରାମପଡ଼ାଠାରେ ଶନିବାର ବିଳମ୍ବିତ ରାତ୍ରିରେ ଏକ ହୃଦୟ ବିଦାରକ ଘଟଣା ଘଟିଛି। ସ୍ୱାମୀଙ୍କ ସହ ଝଗଡା ପରେ ରାଗ ସୁହାଇବା ପାଇଁ ନିଜର ଦୁଇ ଜଣ ନିଷ୍ପାପ ଶିଶୁଙ୍କୁ ପନିକି ଏବଂ ଟାଙ୍ଗିଆରେ ହାଣି ହତ୍ୟା କରିଛି। ଅଭିଯୁକ୍ତା ରଞ୍ଜିତା ଓରାମ ନିଜର ସ୍ୱାମୀ ସୀତାରାମ ଓରାମଙ୍କ ସହିତ ଝାରସୁଗୁଡା ବିମାନ ବନ୍ଦର ଥାନା ନିକଟରେ ଥିବା ଓରାମପଡାରେ ରହି ଆସୁଥିଲେ। ରଞ୍ଜିତା ସବୁବେଳେ ସ୍ୱାମୀ ସୀତାରାମଙ୍କୁ ଅନ୍ୟ ସ୍ତ୍ରୀ ସହିତ ସମ୍ପର୍କ ଥିବା ନେଇ ସନ୍ଦେହ କରୁଥିଲେ ଏବଂ ନିଜ ସହିତ ଦୁଇ ଶିଶୁଙ୍କୁ ମାରିଦେବା ପାଇଁ ସ୍ୱାମୀଙ୍କୁ ଧମକ ଦେଉଥିଲେ। ପୂର୍ବଦିନ ରଞ୍ଜିତା ଏବଂ ସୀତାରାମଙ୍କ ମଧ୍ୟରେ କଳି ଝଗଡା ହୋଇଥିଲା। ଶନିବାର ରାତି ପ୍ରାୟ ୧୧.୩୦ ସମୟରେ ରଞ୍ଜିତା ଶୌଚ ଯିବାପାଇଁ ସ୍ୱାମୀ ସୀତାରାମଙ୍କୁ ଉଠାଇଥିଲେ। ସୀତାରାମ ଘରର କବାଟ ଖୋଲି ବାହାରକୁ ବାହାରି ପଡିବା ପରେ ରଞ୍ଜିତା ପଛପଟୁ କବାଟ ବନ୍ଦ କରିଦେଇଥିଲେ। ଭିତରେ ଥିବା ପନିକି ଏବଂ ଟାଙ୍ଗିଆରେ ୧୦ ବର୍ଷର ଝିଅ ଜିଜ୍ଞାସା ଏବଂ ୫ ବର୍ଷର ପୁଅ ବିହାଂଶୁଙ୍କୁ ନିର୍ମମ ଭାବେ ହତ୍ୟା କରି ନିଜକୁ ମଧ୍ୟ କ୍ଷତାକ୍ତ କରିଥିଲେ। ସ୍ୱାମୀ ସୀତାରାମ ବଡ଼ଭାଇଙ୍କୁ ଡାକି ପଛପଟ ଝରକା ଭାଙ୍ଗି ଭିତରକୁ ପଶିଥିଲେ। ସେତେବେଳେକୁ ଝିଅ ମରି ସାରିଥିବାବେଳେ ପୁଅ ଅତ୍ୟନ୍ତ ଗୁରୁତର ହୋଇ ସାରିଥିଲେ। ପୁଲିସ ସହାୟତାରେ ଦୁଇଟି ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

### ଆଜାଦ ହିନ୍ଦ୍ ବାହିନୀର ଚାରିଦିନିଆ କର୍ମଶାଳା ଉଦଯାପିତ

## ନେତାଜୀଙ୍କ ଆଦର୍ଶରେ ଗଠିତ ହେଉ ନୂତନ ଭାରତ

ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ଆଜାଦ ହିନ୍ଦ ବାହିନୀ ପକ୍ଷରୁ ଆୟୋଜିତ ଚାରିଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମାଜବାଦୀ ଚିନ୍ତାଧାରା ଓ ଆଜିର ଭାରତର ପରିସ୍ଥିତି ଉପରେ ଆଲୋକପାତ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସ୍ତମ୍ଭକାର ତୁଷାରକାନ୍ତ ଶତପଥୀ, ବରିଷ୍ଠ ସାମ୍ବାଦିକ ତଥା କବି କେଦାର ମିଶ୍ର ଏବଂ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର, ଫରୱାର୍ଡ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ନେତାଜୀଙ୍କ ଜୀବନୀ ଓ ତାଙ୍କ ସଂଗ୍ରାମୀ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଦେଶ ଏବେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି ବୋଲି ଅଭିଯୋଗ କରିଥିଲେ। ଏଭଳି ସମୟରେ ଦେଶ ଓ ଦେଶବାସୀଙ୍କ ସୁରକ୍ଷା ପାଇଁ ସୁଭାଷବାଦ ଓ ସମାଜବାଦୀ ଚିନ୍ତାଧାରାକୁ ଆଧାର କରି ସଂଗ୍ରାମ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ତେଣୁ ଆଜାଦ ହିନ୍ଦ ବାହିନୀର ସିପାହୀମାନେ ନେତାଜୀ ସୁଭାଷଙ୍କ ଧାରାରେ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ କରିଥିଲେ। କର୍ମଶାଳାରେ ଲକ୍ଷ୍ମୀ ଦୋରା, ଦିଶା ଆଜାଦ, ରିଙ୍କି ସାହୁ, ଖୋଜନ୍ତି କାଣ୍ଡକି, ଈଶ୍ୱର ଖିଲଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ।




## ରକ୍ତଦାନ ପାଇଁ ମହିଳାଙ୍କ ମଧ୍ୟରେ ଅହେତୁକ ଆଗ୍ରହ

ଭୁବନେଶ୍ୱର, ୧୨।୪ (ସଂଚାର ବ୍ୟୁରୋ) : ଗ୍ରୀଷ୍ମ ଋତୁରେ ରକ୍ତର ଅଭାବକୁ ଦୂର କରିବା ଓ ସମାଜରେ ସେବା ମନୋଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଚନ୍ଦକାସ୍ଥିତ ମଳିପଡ଼ା ଅଞ୍ଚଳର ଶ୍ରୀରାମ ବିହାରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶ୍ରୀରାମ ଗ୍ରାମୀଣ ବିକାଶ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମଟି କମିଶନରେଟ୍ ପୁଲିସ ତତ୍ତ୍ୱାବଧାନରେ ହୋଇଥିବା ବେଳେ 'ଜୟ ଓଡ଼ିଶା' ଓ 'ରୋଟାରୀ କ୍ଲବ ଅଫ୍ ଆଇକନ୍ସ' ଏଥିରେ ସହଯୋଗ କରିଛନ୍ତି। ଖୋଲା ଆକାଶ ତଳେ ଏହି ଶିବିର ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ରକ୍ତଦାତାଙ୍କ ନିରନ୍ତର ସହଯୋଗ ଯୋଗୁଁ ଏହି ଶିବିରଟି ଅତ୍ୟନ୍ତ ଶୃଙ୍ଖଳିତ ଓ ସଫଳ ହୋଇଥିଲା। ଶ୍ରୀରାମ ଗ୍ରାମୀଣ ବିକାଶ ସଂଘର ସଭାପତି ଅଶୋକ ରାଣାଙ୍କ ସମାଜସେବା ମନୋବୃତ୍ତି ଓ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମାନସ ରଞ୍ଜନ ଗଡ଼ନାୟକ, ଆଡିସନାଲ ଡିସିପି, କମିଶନରେଟ୍ ପୁଲିସ, ଜ୍ୟୋତି ରଞ୍ଜନ ବିଶ୍ୱାସ, ଡିନ୍, ଷ୍ଟୁଡେଣ୍ଟ୍ସ ୱେଲଫେୟାର, ସୋଆ ୟୁନିଭର୍ସିଟି, ଶ୍ରୀରାମ ନଗର ବିକାଶ ସଂଘ ସଭାପତି ଅଶୋକ କୁମାର ପ୍ରଧାନ, ଉପସଭାପତି ଅଜୟ ଦଳେଇ, କୋଷାଧ୍ୟକ୍ଷ ଉଦ୍ଧବ କୁମାର ସାହୁ ଓ ଆଇନଜୀବୀ ରଶ୍ମିରେଖା ନାୟକ ଯୋଗ ଦେଇଥିଲେ। ଶିବିରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାଦାୟୀ ଦିଗ ଥିଲା ମହିଳାଙ୍କ ଅଂଶଗ୍ରହଣ। ଶିବିରରେ ୧୦ ମହିଳା ରକ୍ତଦାନ କରି ସମାଜ ପାଇଁ ଶ୍ରେଷ୍ଠ ଉଦାହରଣ ସାଜିଛନ୍ତି। ସେମାନଙ୍କ ଏହି ପଦକ୍ଷେପ ଅନ୍ୟମାନଙ୍କୁ ଉତ୍ସାହିତ କରିଛି। ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି ଯେ ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ସାଧାରଣତଃ ରକ୍ତଭଣ୍ଡାରରେ ରକ୍ତ ଅଭାବ ଦେଖାଦିଏ। ତେଣୁ ଛୋଟ ଛୋଟ ଶିବିର ମାଧ୍ୟମରେ ରକ୍ତ ଅଭାବ ଦୂର କରିବା ଦିଗରେ ପଦକ୍ଷେପ ନିଆଯାଇପାରିବ।




## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ପାରାଦୀପ ଷ୍ଟେସନ ନିରୀକ୍ଷଣ



ଭୁବନେଶ୍ୱର, ୧୨।୪(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଗତକାଲି ପାରାଦୀପ ୟାର୍ଡ, ଷ୍ଟେସନ ଓ ଆର୍‌ଓଏଚ୍ (ରୁଟିନ୍ ଓଭରହଲ୍) ଡିପୋର ଏକ ବ୍ୟାପକ ଯାଞ୍ଚ କରିଥିଲେ। ମଞ୍ଚେଶ୍ୱରରୁ ପାରାଦୀପ ସେକ୍ସନ ପର୍ଯ୍ୟନ୍ତ ଯାଞ୍ଚ କରାଯିବ ସହ ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳରେ ରେଳ ଭିତ୍ତିଭୂମି ଓ କାର୍ଯ୍ୟକ୍ଷମ ସୁବିଧାଗୁଡ଼ିକର ବିସ୍ତୃତ ସମୀକ୍ଷା ଏହି ଯାଞ୍ଚ ସମୟରେ କରାଯାଇଥିଲା। ଏକ ଗୁରୁତ୍ୱପୂର୍ଣ୍ଣ ପଣ୍ୟ ପରିବହନ କେନ୍ଦ୍ର ଭାବେ ପାରାଦୀପ ବନ୍ଦରର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ଗସ୍ତ ମୁଖ୍ୟତଃ ବନ୍ଦର ଲଜିଷ୍ଟିକ୍ସ ସହ ଜଡ଼ିତ ରେଳ ପରିଚାଳନାର ଦକ୍ଷତା, ସୁରକ୍ଷା ଓ କ୍ଷମତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଇଥିଲା।

ନିରୀକ୍ଷଣ ସମୟରେ ମହାପ୍ରବନ୍ଧକ ପ୍ରମୁଖ ଦିଗଗୁଡ଼ିକ ଉପରେ ସମୀକ୍ଷା କରିଥିଲେ। ଏଥିରେ ୟାର୍ଡ ଲେଆଉଟ୍, ସିଗନାଲିଂ ସିଷ୍ଟମ୍ ଓ ସାମଗ୍ରିକ ପରିଚାଳନା ଦକ୍ଷତା, ଷ୍ଟେସନରେ ଯାତ୍ରୀ ସୁବିଧା ଓ ପରିଷ୍କାର ପରିଚ୍ଛନ୍ନତା, ଆର୍‌ଓଏଚ୍ ଡିପୋର କାର୍ଯ୍ୟକାରିତା ଏବଂ ରକ୍ଷଣାବେକ୍ଷଣ ଅଭ୍ୟାସ, ସୁରକ୍ଷା ପଦକ୍ଷେପ ଏବଂ ନିର୍ଦ୍ଧାରିତ ରେଳ ମାନକ ଅନୁପାଳନ ଆଦି ଅନ୍ତର୍ଭୁକ୍ତ। ମହାପ୍ରବନ୍ଧକ ଏହି ଅଞ୍ଚଳରେ ବର୍ଦ୍ଧିତ ପଣ୍ୟ ପରିବହନ ଓ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ସୁରକ୍ଷା ପ୍ରୋଟୋକଲକୁ ମଜବୁତ କରିବା, ଉନ୍ନତ ରକ୍ଷଣାବେକ୍ଷଣ ଅଭ୍ୟାସ ଗ୍ରହଣ କରିବା ଓ ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ବିଭାଗୀୟ ପ୍ରମୁଖ ମୁଖ୍ୟ ଓ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯାଞ୍ଚ ସମୟରେ ମହାପ୍ରବନ୍ଧକଙ୍କ ସହ ଉପସ୍ଥିତ ଥିଲେ। ଏହି ଅଞ୍ଚଳରେ ରେଳ ଚଳାଚଳ ପରିଚାଳନାରେ ଖୋର୍ଦ୍ଧା ରୋଡ ଡିଭିଜନ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମହାପ୍ରବନ୍ଧକ ଅଧିକାରୀମାନଙ୍କୁ ସ୍ୱଚ୍ଛତାର ଉଚ୍ଚ ମାନ ବଜାୟ ରଖିବା, ରୋଲିଂ ଷ୍ଟକ୍‌ର ଉପଯୁକ୍ତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ଓ ନିରାପଦ, ଦକ୍ଷ ଓ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବା ପାଇଁ ଭିତ୍ତିଭୂମିର ନିରନ୍ତର ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## କୋଣାର୍କ ଲୋକକଳା ମହୋତ୍ସବ ଅନୁଷ୍ଠିତ




କୋଣାର୍କ,୧୨।୪(ସଂଚାର ବ୍ୟୁରୋ): ଓଡ଼ିଶୀ ନୃତ୍ୟ ଓ ଲୋକ ନୃତ୍ୟ ଉତ୍ସବର ସମାହାର କୋଣାର୍କ ଲୋକକଳା ମହୋତ୍ସବ-୨୦୨୬ ଆଜି ଅନୁଷ୍ଠିତ ହୋଇଛି। ଓଡ଼ିଶା ସଂସ୍କୃତି ବିଭାଗ ସହଭାଗିତାରେ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡ଼ିଶା କଲଚର୍ ଆର୍ଟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ପ୍ରତିଷ୍ଠାତା ଓ ସଭାପତି ବସନ୍ତ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦାଶରଥି ଶତପଥୀ, ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ଟେକ୍ନିକାଲ ନିର୍ଦ୍ଦେଶକ ବାସୁଦେବ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ପ୍ରସିଦ୍ଧ ବ୍ୟଙ୍ଗକବି ସମ୍ପଦ କୁମାର ରଥ, ବିଶିଷ୍ଟ ସମାଜସେବୀ ଡ. ତ୍ରିଲୋଚନ ବରାଳ, ସହସଂଯୋଜକ ବିଜେପି ସାଂସ୍କୃତିକ ପ୍ରକୋଷ୍ଠ କୃତିବାସ ରଥ, ସଂସ୍କୃତି ଗବେଷକ ତଥା ଶିକ୍ଷାବିତ୍ ମନମୋହନ ସ୍ୱାଇଁ, ସଭାପତି ଭାଗବତ ଟୁଙ୍ଗି ପ୍ରଚାର ସମିତି ଓଡ଼ିଶା ନଙ୍ଗୁଳି ବାବା, ସାମ୍ବାଦିକ ଜ୍ଞାନ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। ଉତ୍ସବ ପରିଚାଳନାରେ ବିଜୟ କେତନ ସାହୁ, ମୋନାଲିସା ଷଡ଼ଙ୍ଗୀ ସହଯୋଗ କରିଥିଲେ।

# ରେଳ ଷ୍ଟେସନ ମେଲା ମୁକୁଳା

ଭୁବନେଶ୍ୱର,୧୨।୪: ବିଦେଶୀ ଆତଙ୍କବାଦୀଙ୍କ ସହ ସମ୍ପର୍କ ଥିବା ଅଭିଯୋଗରେ ରାଜଧାନୀରୁ ଯୁବକ ଗିରଫ ହୋଇଥିବା ବେଳେ ରାଜଧାନୀର ଅନ୍ୟତମ ପ୍ରବେଶ ପଥ ଭୁବନେଶ୍ୱର ରେଳଷ୍ଟେସନ ମୁକୁଳା ପଡ଼ିଛି। ଯାତ୍ରୀମାନଙ୍କ ବ୍ୟାଗପତ୍ର ଯାଞ୍ଚ ପାଇଁ ଏଠାରେ ଯନ୍ତ୍ରପାତି ଲାଗିଥିବା ବେଳେ ସୁରକ୍ଷା କର୍ମଚାରୀ ବି ନିୟୋଜିତ ହୋଇଛନ୍ତି। ହେଲେ ଜଣେ ହେଲେ ଯାତ୍ରୀଙ୍କ ବ୍ୟାଗ୍ ଯାଞ୍ଚ କରାଯାଉନାହିଁ।



ଭୁବନେଶ୍ୱର ରେଳଷ୍ଟେସନର ଏବେ ନବୀକରଣ ଚାଲିଛି। ନବୀକରଣ କାର୍ଯ୍ୟ ପାଇଁ ଷ୍ଟେସନ ଏକ ପ୍ରକାର ମେଲା ମୁକୁଳା। ଯଦିଓ ଷ୍ଟେସନକୁ ପ୍ରବେଶ ପାଇଁ ଗୋଟିଏ ପଥ ରହିଛି, କିନ୍ତୁ ଦୁଇ ତିନି ଦିଗରୁ ଏଠାକୁ ଯାତ୍ରୀମାନେ ନିଜ ନିଜର ବ୍ୟାଗ୍‌ପତ୍ର ଧରି ଆସୁଛନ୍ତି। ପ୍ରବେଶପଥରୁ ଅଳ୍ପ ଦୂରରେ ଥୁଆ ହୋଇଛି ଲଗେଜ୍ ଯାଞ୍ଚ ମେସିନ। ଏହାକୁ ଜଗି ବସିଛନ୍ତି ପୁଲିସ୍ କର୍ମଚାରୀ। ମେସିନ୍ ବି କାର୍ଯ୍ୟକ୍ଷମ ରହିଛି। ହେଲେ ଜଣେ ହେଲେ ଯାତ୍ରୀ ଏହି ମେସିନରେ ସେମାନଙ୍କର ବ୍ୟାଗପତ୍ର ରଖୁନାହାନ୍ତି କି ସେମାନଙ୍କୁ ରଖିବା ପାଇଁ କେହି କହୁନାହାନ୍ତି।

ପୂର୍ବରୁ ରେଳ ଷ୍ଟେସନକୁ ଛୋଟ ବଡ଼ ବ୍ୟାଗ୍ ନେଇ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ଏହି ମେସିନରେ ସେମାନଙ୍କର ବ୍ୟାଗ୍‌ର ଯାଞ୍ଚ କରୁଥିଲେ। ଉପସ୍ଥିତ ସୁରକ୍ଷାକର୍ମୀମାନେ ବ୍ୟାଗ୍ ଭିତରେ କ'ଣ ସବୁ ରହିଛି, ତାହା ସ୍କାନର୍‌ରୁ ଧରିପାରୁଥିଲେ। ଯଦି କୌଣସି ବ୍ୟକ୍ତିଙ୍କ ବ୍ୟାଗ୍‌ରୁ କିଛି ଆପତ୍ତିଜନକ ସାମଗ୍ରୀ ଥିବାର ସନ୍ଦେହ ହେଉଥିଲା ତେବେ ତାହାକୁ ଖୋଲି ଯାଞ୍ଚ କରୁଥିଲେ। ବିଶେଷକରି ଦୂରଦୂରାନ୍ତକୁ ଯାଉଥିବା ଯାତ୍ରୀମାନଙ୍କର ବ୍ୟାଗ୍‌ଗୁଡିକୁ କଡ଼ାକଡ଼ି ଯାଞ୍ଚ କରାଯାଉଥିଲା।

ହେଲେ ଏବେ ଆଉ ତା' ନାହିଁ। ଯିଏ ଯେମିତି ପାରିଲା ନିଜ ନିଜ ବ୍ୟାଗ୍ ଧରି ଷ୍ଟେସନ ଭିତରକୁ ପଶିଯାଉଛନ୍ତି। ପ୍ରବେଶ ପଥରେ ମଧ୍ୟ ସ୍କାନର ନାହିଁ। ରାଜଧାନୀ ଏକ୍ସପ୍ରେସ୍‌ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଦୂରଗାମୀ ଗାଡ଼ିରେ ଯା'ଆସ କରୁଥିବା ଯାତ୍ରୀମାନେ ନିଜ ନିଜର ବ୍ୟାଗ୍ ଯାଞ୍ଚ କରୁନାହାନ୍ତି କି ସେମାନଙ୍କୁ ଏଥିପାଇଁ ବାଧ୍ୟ କରାଯାଉନାହିଁ। ମାଳ ମାଳ ସୁରକ୍ଷାକର୍ମୀଙ୍କ ସାମ୍ନାରେ ବିନା ଯାଞ୍ଚରେ ଲୋକେ ଯାଉଥିଲେ ମଧ୍ୟ ସେମାନଙ୍କ ଉପରେ କାହାର ନଜର ନାହିଁ।

ଭୁବନେଶ୍ୱର ବିମାନ ବନ୍ଦରରେ କଡ଼ାକଡ଼ି ଯାଞ୍ଚ ହେଉଥିବା ବେଳେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ବିଶେଷକରି ନିଶା ସାମଗ୍ରୀ କାରବାର କରୁଥିବା ଅପରାଧିମାନେ ଏବେ ରେଳପଥକୁ ଅଗ୍ରାଧିକାର ଦେଉଛନ୍ତି। ଏଠାରେ ଯାଞ୍ଚ ହେଉ ନ ଥିବାରୁ ସେମାନେ ସହଜରେ ଖସିଯିବାର ସମ୍ଭାବନା ବି ରହିଛି। ଯଦିଓ ଷ୍ଟେସନ ପରିସରରେ ସିସିଟିଭି ଲାଗିଛି, କିନ୍ତୁ ଏହାଦ୍ୱାରା ଲୋକଙ୍କ ବ୍ୟାଗ୍‌ରେ କ'ଣସବୁ ସାମଗ୍ରୀ ଅଛି ତାହା ଜାଣିବା କଷ୍ଟକର।

ରାଜଧାନୀରୁ ଚୋରା ନିଶା ସାମଗ୍ରୀ ସହ ଚୋରା ବନ୍ଧୁକ ଜବତ ହେଉଥିବା ବେଳେ ଏହା ମୁଖ୍ୟତଃ ରେଳପଥରେ ପରିବହନ ହେଉଥିବା ଆଶଙ୍କା କରାଯାଉଛି। ବର୍ତ୍ତମାନ ଭୁବନେଶ୍ୱର ରେଳଷ୍ଟେସନ ମେଲା ମୁକୁଳା ପଡ଼ିଥିବାରୁ ଏହି କିସମର ଅପରାଧିମାନେ ବେଶ୍ ସକ୍ରିୟ ଥିବା ନେଇ ସୁରକ୍ଷା ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି। (ତଥ୍ୟ)

## ହାଡୁଆ ସେଚ ପ୍ରକଳ୍ପକୁ ବିଳମ୍ବିତ ନ କରି ଚାଷୀଙ୍କୁ ପାଣି ଦିଅ

ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ବଡ଼ମ୍ବା ନରସିଂହପୁର ଚାଷୀଙ୍କର ଆଶାର ହାଡୁଆ ମଧ୍ୟମ ସେଚ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ ୨୦୨୪ରେ ନବୀନ ପଟ୍ଟନାୟକଙ୍କ ସରକାରରେ ଆରମ୍ଭ ହୋଇଥିଲା। ଡ୍ୟାମ ଓ ଆନୁଷଙ୍ଗିକ ମୁଖ୍ୟ କାର୍ଯ୍ୟ ଲୋକାର୍ପିତ ହେବା ଓ ଏହାର ଭୂତଳ ଜଳବାହି କେନାଲ ସିଷ୍ଟମ୍ ଶୁଭାରମ୍ଭ କରିବା ସହିତ ୨୦୨୫ ସୁଦ୍ଧା ଚାଷୀଙ୍କୁ ଜଳ ପହଞ୍ଚିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଗତ ୨୦ ମାସରେ ଏଥିପାଇଁ ତ୍ୱରାନ୍ୱିତ ନିଷ୍ପତି ନନେବା ଫଳରେ ଅହେତୁକ ବିଳମ୍ବ ହୋଇଛି ବୋଲି ଆଜି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ମିଶ୍ର ଏକ ସମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିବା ସହ ୨୦୨୬ ଆର୍ଥିକ ବର୍ଷ ସୁଦ୍ଧା କେନାଲ ବ୍ୟବସ୍ଥା ସଂଲଗ୍ନ ବିଦ୍ୟୁତ ଉତ୍ପାଦନ ସମ୍ପୂର୍ଣ୍ଣ କରିବାକୁ ଦାବି କରିଛନ୍ତି।

- ବାରମ୍ବାର ଭୂତଳ ଜଳବାହୀ କେନାଲ ପ୍ରକଳ୍ପ ଟେଣ୍ଡର ବାତିଲ ନେଇ ଉଦ୍‌ବେଗ



ଏହି ପ୍ରକଳ୍ପ ପାଇଁ ଗତ ୨୦୦୦ରେ ନବୀନ ସରକାର ନିଷ୍ପତ୍ତି ନେବା ଓ ସୁପାରିସ କରିବା ପରେ ୨୦୦୧ ମାର୍ଚ୍ଚରେ କେନ୍ଦ୍ରୀୟ ଜଳ ଆୟୋଗ, ଜଙ୍ଗଲ ପରିବେଶ ପର୍ଯ୍ୟାୟ ମଞ୍ଜୁରୀ, ପୁନର୍ବାସ ପାଇଁ ଜନଜାତି ବିଭାଗର ୨୦୦୪ରେ ମଞ୍ଜୁରୀ, ୨୦୦୭ରେ ଜଙ୍ଗଲ ଓ ପରିବେଶର ଦ୍ୱିତୀୟ ପର୍ଯ୍ୟାୟ ମଞ୍ଜୁରୀ ହାସଲ କରାଯାଇଥିଲା। ଏହି ପ୍ରକଳ୍ପକୁ ଗ୍ରାମୀଣ ଭିତ୍ତିଭୂମି ପାଣ୍ଠି ନାବାର୍ଡରେ ଅନ୍ତର୍ଭୁକ୍ତ କରାଯାଇଥିଲା। କିନ୍ତୁ ମାଟି ଡ୍ୟାମ କରିବା ତା'ପରେ କଂକ୍ରିଟ ଡ୍ୟାମ ପାଇଁ ବିଭିନ୍ନ ବୈଷୟିକ ନିଷ୍ପତ୍ତିର ସମୟ ସାପେକ୍ଷତା ଏହା ୨୦୧୫ ଯାଏ ନୂତନ ଡିଜାଇନର ୮୭ତମ ବୈଷୟିକ କମିଟି ବୈଠକରେ ଅନୁମୋଦିତ ହୋଇଥିଲା। କିନ୍ତୁ ଇତିମଧ୍ୟରେ ମେଗାଲିଫ୍ଟ ସେଚ ବ୍ୟବସ୍ଥା ଯୋଗୁ ପ୍ରସ୍ତାବିତ ଆନିକଟ ସମ୍ପୂର୍ଣ୍ଣ ଉପଲବ୍ଧ ନ ହେବାରୁ ପ୍ରକଳ୍ପଟି ବନ୍ଦ ଅବସ୍ଥାରେ ଥିବା ବେଳେ ୨୦୧୭ରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପରିବର୍ଦ୍ଧିତ ଆନିକଟ ପାଇଁ ନିଷ୍ପତ୍ତି ହୋଇ ୨୦୨୦ରେ ରାଜ୍ୟସ୍ତରୀୟ ୧୦୨ତମ ବୈଷୟିକ କମିଟିର ଅନୁମୋଦନ ପରେ ସରକାର ୬୭୩ କୋଟି ଟଙ୍କାର ସମୁଦାୟ ପ୍ରକଳ୍ପକୁ ମଞ୍ଜୁରୀ ଦିଆଗଲା। ମୁଖ୍ୟ ଡ୍ୟାମ ସ୍ପିଲୱେ କାମ ପ୍ରାୟ ୨୫୦ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇ ୨୦୨୪ରେ ଶେଷ ପର୍ଯ୍ୟାୟକୁ ଆସିଥିଲା। ଭୂତଳ ଜଳବାହୀ କେନାଲ ସିଷ୍ଟମ୍ ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୨୨୪ କୋଟି ଟଙ୍କା ମଞ୍ଜୁରୀ ହୋଇଥିଲା। ଏହାକୁ ବିଳମ୍ବିତ ନ କରି କାର୍ଯ୍ୟକାରୀ କରିବା ସହ ଭୂତଳ ଜଳବାହୀ କେନାଲର କାର୍ଯ୍ୟକ୍ରମରେ ପୂର୍ବ ପ୍ରକଳ୍ପିତ ଚାଷ ଅଞ୍ଚଳରେ ରବି ଚାଷ ପାଇଁ ଜଳ ଯୋଗାଣ ନିଶ୍ଚିନ୍ତ କରିବାକୁ ସେ ଦାବି କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ସୋମବାର ୧୩ ଏପ୍ରିଲ ୨୦୨୬, ଭୁବନେଶ୍ୱର

Monday 13 April 2026, Bhubaneswar

# ବାଲ୍ୟ ବିବାହ ଏବେ ବି କଳଙ୍କ

ଆଧୁନିକ ଭାରତର ଆଲୋକିତ ଯୁଗରେ ମଧ ବାଲ୍ୟ ବିବାହ ଏକ ଗମ୍ଭୀର କଳଙ୍କ ରୂପେ ରହିଛି। ଏହା କେବଳ ଏକ ପରମ୍ପରା ନୁହେଁ, ବରଂ ମାନବ ଅଧିକାରର ଏକ ଘୋର ଉଲ୍ଲଙ୍ଘନ। ଯଦିଓ ସରକାରୀ ପ୍ରୟାସ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସାମାଜିକ



ସଚେତନତା ଫଳରେ ଏହାର ହାର ବହୁଳ ପରିମାଣରେ କମିଛି, ତଥାପି ଏହା ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ ହୋଇନାହିଁ। ସମ୍ପ୍ରତି ରିପୋର୍ଟ ଅନୁଯାୟୀ ଝିଅମାନଙ୍କ ମଧରେ ବାଲ୍ୟ ବିବାହ ୬୯ ପ୍ରତିଶତ ଏବଂ ପୁଅମାନଙ୍କ ମଧରେ ୭୨ ପ୍ରତିଶତ କମିଛି। କିନ୍ତୁ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ ଅନୁଯାୟୀ ଭାରତରେ ଏବେ ମଧ ୨୩ ପ୍ରତିଶତ ଝିଅ ୧୮ ବର୍ଷ ପୂର୍ବରୁ ବିବାହିତ ହୁଅନ୍ତି। ଓଡ଼ିଶାରେ ଏହାର ହାର ୨୦.୫ ପ୍ରତିଶତ ଥିଲେ ମଧ ନବରଙ୍ଗପୁର (୩୯.୪ ପ୍ରତିଶତ), ନୟାଗଡ଼ (୩୫.୭), କୋରାପୁଟ (୩୫.୫), ରାୟଗଡ଼ା (୩୩.୨) ଏବଂ ମାଲକାନଗିରି ପରି ଜିଲ୍ଲାରେ ଏହା ଜାତୀୟ ହାରଠାରୁ ଅଧିକ। ଗ୍ରାମାଞ୍ଚଳରେ ଏହାର ପ୍ରଭାବ ଆହୁରି ଗମ୍ଭୀର। ଏହା ଭାରତୀୟ ସମାଜର ଏକ କଳଙ୍କ ଏବଂ ଏହାକୁ ସମୂଳେ ନାଶ କରାଯିବା ଆବଶ୍ୟକ।

ବାଲ୍ୟ ବିବାହର ମୂଳ କାରଣ ହେଉଛି ଦାରିଦ୍ର୍ୟ, ଅଶିକ୍ଷା ଏବଂ ପାରମ୍ପରିକ କୁସଂସ୍କାର। ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳରେ ଝିଅକୁ ପରିବାରର ବୋଝ ଭାବି ଛୋଟ ବୟସରେ ବିବାହ ଦେଇ ଦାୟିତ୍ୱ କମାଇବା ଏକ ସାଧାରଣ ପ୍ରଥା। ପୁଅମାନଙ୍କ କ୍ଷେତ୍ରରେ ମଧ ଏହା କମ ନୁହେଁ। କିନ୍ତୁ ଏହି ପ୍ରଥା କେବଳ ଏକ ସାମାଜିକ ଅଭ୍ୟାସ ନୁହେଁ; ଏହା ଏକ ଅପରାଧ। ପ୍ରତିବନ୍ଧ ଆଇନ ୨୦୦୬ ଅନୁଯାୟୀ ଝିଅଙ୍କ ବିବାହ ବୟସ ୧୮ ଏବଂ ପୁଅଙ୍କ ୨୧ ବର୍ଷ ନିର୍ଦ୍ଧାରିତ। ତଥାପି ଆଇନର ଲାଗୁ କରିବାରେ ଅନେକ ଅସୁବିଧା ରହିଛି। ଗ୍ରାମ ପଞ୍ଚାୟତ ସ୍ତରରେ ସଚେତନତାର ଅଭାବ, ପରିବାରର ଅର୍ଥନୈତିକ ଦୁର୍ବଳତା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏହାକୁ ବଜାୟ ରଖୁଛି। ଓଡ଼ିଶାରେ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଥିଲେ ମଧ କେତେକ ଜିଲ୍ଲାରେ ଏହାର ପ୍ରଭାବ ଏବେ ମଧ ଦେଖାଯାଉଛି।

ବାଲ୍ୟ ବିବାହର ପରିଣାମ ଅତ୍ୟନ୍ତ ଭୟଙ୍କର ଏବଂ ଦୀର୍ଘକାଳୀନ। ଛୋଟ ବୟସରେ ବିବାହିତ ଝିଅମାନେ ଶିକ୍ଷାରୁ ବଞ୍ଚିତ ହୁଅନ୍ତି। ଫଳରେ ସେମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପାରନ୍ତି ନାହିଁ ଏବଂ ପରିବାରର ଅନ୍ଧକାରରେ ବନ୍ଦୀ ରହିଯାନ୍ତି। ଶାରୀରିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସବୁଠାରୁ ଭୟଙ୍କର। ଅକାଳ ଗର୍ଭଧାରଣ, ଅପରିପକ୍ୱ ପ୍ରସବ ଏବଂ ପୋଷଣ ଅଭାବ ଯୋଗୁଁ ମାତୃମୃତ୍ୟୁ ହାର ବଢ଼େ। ମାନସିକ ଚାପ, ପରିବାର ହିଂସା ଏବଂ ଆତ୍ମହତ୍ୟାର ଘଟଣା ମଧ ବଢ଼ୁଛି। ଏହା କେବଳ ଝିଅଙ୍କ ଜୀବନକୁ ନଷ୍ଟ କରୁନାହିଁ, ସମଗ୍ର ପରିବାର ଏବଂ ସମାଜର ବିକାଶକୁ ବାଧା ଦେଇଥାଏ। ଲିଙ୍ଗ ଅସମାନତା ବଢ଼େ ଏବଂ ଦେଶର ଅର୍ଥନୈତିକ ପ୍ରଗତିରେ ବ୍ୟାଘାତ ସୃଷ୍ଟି କରେ। ଯେଉଁ ସମାଜ ଝିଅମାନଙ୍କୁ ସଶକ୍ତ କରିବାରେ ବିଫଳ ହୁଏ, ସେ ସମାଜ କେବେ ପ୍ରକୃତ ଅର୍ଥରେ ବିକଶିତ ହୋଇ ପାରିବ ନାହିଁ।

ତଥାପି ଆଶାର ଆଲୋକ ରହିଛି। କେନ୍ଦ୍ର ସରକାରଙ୍କ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ଏବଂ ଓଡ଼ିଶା ସରକାରଙ୍କ ୨୦୩୦ ସୁଦ୍ଧା ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଲକ୍ଷ୍ୟ ଏକ ସକାରାତ୍ମକ ପଦକ୍ଷେପ। ବେଟି ବଚାଓ ବେଟି ପଢ଼ାଓ ଯୋଜନା, ଶିକ୍ଷା ପ୍ରସାର ଏବଂ ଗ୍ରାମ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଫଳରେ ଅନେକ ଜାଗାରେ ସଫଳତା ମିଳିଛି। ଆସାମ ରାଜ୍ୟରେ ୮୪ ପ୍ରତିଶତ ହ୍ରାସ ଏକ ଉଦାହରଣ। କିନ୍ତୁ ଏହି ପ୍ରୟାସ ସଫଳ ହେବା ପାଇଁ ସରକାରୀ ଉଦ୍ୟମ ସହିତ ସମାଜର ସହଯୋଗ ଆବଶ୍ୟକ। ପଞ୍ଚାୟତ ସଦସ୍ୟ, ଶିକ୍ଷକ, ଧର୍ମଗୁରୁ, ଯୁବକ ଏବଂ ମହିଳା ସମୂହ ଏକତ୍ରିତ ହୋଇ କାର୍ଯ୍ୟ କରିବା ଉଚିତ। ଶିକ୍ଷା ହିଁ ଏହାର ସର୍ବୋତ୍ତମ ଔଷଧ। ଝିଅମାନଙ୍କୁ ଉଚ୍ଚଶିକ୍ଷିତ କରିଲେ ସେମାନେ ନିଜର ଭବିଷ୍ୟତ ନିର୍ଦ୍ଧାରଣ କରିପାରିବେ ଏବଂ ସମାଜକୁ ଆଗକୁ ବଢ଼ାଇପାରିବେ।

ଶେଷ କଥା, ବାଲ୍ୟ ବିବାହ କେବଳ ଏକ ଝିଅର ଜୀବନକୁ ନୁହେଁ, ସମଗ୍ର ଜାତିର ଭବିଷ୍ୟତକୁ ଅନ୍ଧକାରରେ ପୁରାଇ ଦେଇଥାଏ। ଏହାକୁ ରୋକିବା ପାଇଁ ପ୍ରତ୍ୟେକ ନାଗରିକ, ପ୍ରତ୍ୟେକ ପରିବାର ଏବଂ ପ୍ରତ୍ୟେକ ସମାଜର ଦାୟିତ୍ୱ। ଆସନ୍ତୁ, ଆମେ ସମସ୍ତେ ମିଶି ଏକ ବାଲ୍ୟ ବିବାହ ମୁକ୍ତ ଭାରତ ଏବଂ ଓଡ଼ିଶା ଗଢ଼ିବା। ତବେ ହିଁ ଆମର ସମାଜ ପ୍ରକୃତ ଅର୍ଥରେ ଉଜ୍ଜ୍ୱଳ ଓ ସମୃଦ୍ଧ ହୋଇପାରିବ। ଏହା ଆମର ସମ୍ମିଳିତ ସଙ୍କଳ୍ପ ହେବା ଉଚିତ।



# ଜୀବନର ମୌଳିକ ଉପାଦାନ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଏକ ସୁନ୍ଦର, ସଫଳ ଏବଂ ସମ୍ମାନଜନକ ଜୀବନ ପାଇଁ ଶୃଙ୍ଖଳା ଏବଂ ଶିଷ୍ଟାଚାର ଅତ୍ୟାବଶ୍ୟକ। ଏହି ଦୁଇଟି ଗୁଣ ବ୍ୟକ୍ତିର ଜୀବନର ମୂଳଦୁଆକୁ ମଜବୁତ କରେ ଏବଂ ସଫଳତାର ପଥ ପ୍ରଶସ୍ତ କରେ। ଯେଉଁଠାରେ ଶୃଙ୍ଖଳା ଥାଏ, ସେଠାରେ ନିୟମିତତା, ସମୟାନୁବର୍ତ୍ତିତା ଏବଂ ଦାୟିତ୍ୱ ଥାଏ। ଯେଉଁଠାରେ ନୀତି ଥାଏ, ସେଠାରେ ଶିଷ୍ଟାଚାର, ସମ୍ମାନ ଏବଂ ଭଲ ସମ୍ପର୍କ ଥାଏ। ତେଣୁ, ଏହି ଦୁଇଟି ଗୁଣକୁ ଜୀବନର ମୂଳଦୁଆ କୁହାଯାଏ। ଶୃଙ୍ଖଳା ଅର୍ଥ ହେଉଛି ନିୟମ ପାଳନ କରିବା, ସମୟକୁ ସମ୍ମାନ କରିବା ଏବଂ ନିଜର ଦାୟିତ୍ୱ ପୂରଣ କରିବା। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଶୃଙ୍ଖଳା ଅତ୍ୟାବଶ୍ୟକ, ଯଥା ଅଧ୍ୟୟନ, କାର୍ଯ୍ୟ, ପାରିବାରିକ ଜୀବନ ଏବଂ ସାମାଜିକ ଜୀବନ। ଶୃଙ୍ଖଳା ବିନା, ଜଣେ ବ୍ୟକ୍ତିଙ୍କ ଜୀବନ ଅସ୍ଥିର ଏବଂ ବିଶୃଙ୍ଖଳିତ ହୋଇଯାଏ। ଯଦି ଜଣେ ଛାତ୍ର ନିୟମିତ ଭାବରେ ପାଠ ପଢ଼େ, ସମୟ ଅନୁଯାୟୀ ସ୍କୁଲକୁ ଯାଏ ଏବଂ ତାଙ୍କ ଶିକ୍ଷକଙ୍କ ନିର୍ଦ୍ଦେଶ ପାଳନ କରେ, ତେବେ ସେ ନିଶ୍ଚିତ ଭାବରେ ଜୀବନରେ ସଫଳତା ପାଇପାରିବ। ଏହା ପ୍ରମାଣ କରେ ଯେ ଶୃଙ୍ଖଳା ହେଉଛି ସଫଳତାର ଚାବିକାଠି।

ଶିଷ୍ଟାଚାର ଅର୍ଥ ହେଉଛି ଭଲ ଆଚରଣ, ସଭ୍ୟ ଆଚରଣ ଏବଂ ଅନ୍ୟମାନଙ୍କ ପ୍ରତି ସମ୍ମାନ। ଶିଷ୍ଟାଚାର ବ୍ୟକ୍ତିକୁ ସମାଜରେ ଗ୍ରହଣୀୟ କରିଥାଏ ଏବଂ ତାଙ୍କର ବ୍ୟକ୍ତିତ୍ୱକୁ ବୃଦ୍ଧି କରିଥାଏ। ଜଣେ ଭଦ୍ର ବ୍ୟକ୍ତି ସର୍ବଦା ଭଦ୍ର ଭାବରେ କଥାବାର୍ତ୍ତା କରନ୍ତି, ବଡ଼ମାନଙ୍କୁ ସମ୍ମାନ କରନ୍ତି ଏବଂ ସାନମାନଙ୍କୁ ପ୍ରେମ ଦେଖାନ୍ତି। ଏହି ଗୁଣଗୁଡ଼ିକ ସମାଜରେ ସହଯୋଗ ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରନ୍ତି। ଆଚରଣ ବିନା, ଜଣେ ବ୍ୟକ୍ତିଙ୍କ ଜୀବନ ନୀରସ ଏବଂ ଅଶାନ୍ତ ହୋଇଯାଏ। ସଂସ୍କାର, ଶୃଙ୍ଖଳା ଏବଂ ଶିଷ୍ଟାଚାର ମନୁଷ୍ୟ ଜୀବନରେ ଗଭୀର ଭାବରେ ଜଡ଼ିତ। ସଂସ୍କାର ଓ ଶୃଙ୍ଖଳା ଜଣେ ବ୍ୟକ୍ତିଙ୍କୁ ତାଙ୍କ କାମରେ ନିୟମିତ କରିଥାଏ, ଯେତେବେଳେ ଶିଷ୍ଟାଚାର ତାଙ୍କ ଆଚରଣକୁ ବୃଦ୍ଧି କରିଥାଏ।

ସଂସ୍କାର ଅର୍ଥ ହେଉଛି ଜଣେ ବ୍ୟକ୍ତିଙ୍କ ଜୀବନରେ ଶିକ୍ଷା, ଅଭିଜ୍ଞତା ଏବଂ ନୈତିକ ମୂଲ୍ୟବୋଧର ମିଶ୍ରଣ। ଏହା ଏକ ଗୁଣ ଯାହା ଜଣେ ବ୍ୟକ୍ତିକୁ ଭଲ ଏବଂ ମନ୍ଦ ମଧ୍ୟରେ ପାର୍ଥକ୍ୟ କରିବାରେ ସାହାଯ୍ୟ କରେ ଏବଂ ତାଙ୍କୁ ସଠିକ୍ ପଥ ଅନୁସରଣ କରିବାକୁ ପ୍ରେରଣା ଦିଏ। ସଂସ୍କାର କେବଳ ଶିକ୍ଷା ମାଧ୍ୟମରେ ନୁହେଁ ବରଂ ପରିବାର, ସମାଜ ଏବଂ ପରିବେଶର ପ୍ରଭାବ ଦ୍ୱାରା ମଧ୍ୟ ବିକଶିତ ହୁଏ। ପରିବାର ହେଉଛି ସଂସ୍କାର ପ୍ରାଥମିକ ଉତ୍ସ। ଜଣେ ପିଲା ତାଙ୍କ ପିତାମାତାଙ୍କ ଆଚରଣ ଏବଂ ଶିକ୍ଷାକୁ ଦେଖି ସଂସ୍କାର ଶିଖେ। ଯଦି ପରିବାର ସତ୍ୟ, ସହନଶୀଳତା ଏବଂ ସମ୍ମାନକୁ ମୂଲ୍ୟ ଦିଏ, ତେବେ ଏହି ଗୁଣଗୁଡ଼ିକ ପିଲାଙ୍କ ମଧ୍ୟରେ ମଧ୍ୟ ବିକଶିତ ହୁଏ। ଏପରି ସଂସ୍କାର ଜଣେ ବ୍ୟକ୍ତିକୁ ଜଣେ ଭଲ ନାଗରିକ କରିଥାଏ। ସଂସ୍କାର ପ୍ରାପ୍ତି କରିବାରେ ଶିକ୍ଷାନୁଷ୍ଠାନ ଏବଂ ସମାଜ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କର ଜ୍ଞାନ ଏବଂ ଆଚରଣ ମାଧ୍ୟମରେ ସଂସ୍କାର ମୂଲ୍ୟବୋଧ ଶିକ୍ଷା ଦିଅନ୍ତି। ସମାଜର ନିୟମ, ପରମ୍ପରା ଏବଂ ସଂସ୍କୃତି ମଧ୍ୟ ଚରିତ୍ର ବିକାଶକୁ ପ୍ରେରଣା ଦିଅନ୍ତି। ସଂସ୍କାର ଥିବା ବ୍ୟକ୍ତି ସର୍ବଦା ଭଦ୍ର, ସତ୍ୟବାଦୀ ଏବଂ ଦୟାଳୁ। ସେମାନେ ଅନ୍ୟମାନଙ୍କୁ ସମ୍ମାନ କରନ୍ତି ଏବଂ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରନ୍ତି। ଏପରି ବ୍ୟକ୍ତି ଜୀବନରେ ସଫଳତା ହାସଲ କରନ୍ତି ଏବଂ ସମାଜରେ ସମ୍ମାନିତ ହୁଅନ୍ତି।

ପରିବାର ହେଉଛି ଶୃଙ୍ଖଳା ଏବଂ ଆଚରଣ ଶିଖିବାର ପ୍ରଥମ ସ୍ଥାନ। ପିଲାମାନେ ସେମାନଙ୍କ ପିତାମାତାଙ୍କଠାରୁ ଏହି ଗୁଣଗୁଡ଼ିକ ଶିଖନ୍ତି। ଯଦି ପରିବାରରେ ନିୟମ ଏବଂ ଭଲ ଆଚରଣ ଥାଏ, ତେବେ ପିଲାମାନେ ମଧ୍ୟ ଏହି ଗୁଣଗୁଡ଼ିକୁ ପାଳନ କରନ୍ତି। ଏହି ଗୁଣଗୁଡ଼ିକୁ ବିକାଶ କରିବାରେ ବିଦ୍ୟାଳୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ ନିୟମିତ ଜୀବନ ଏବଂ ଭଲ ଆଚରଣ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଅନ୍ତି। ଏହା ସେମାନଙ୍କ ଭବିଷ୍ୟତ ଜୀବନକୁ ଗଢ଼ି ତୋଳିଥାଏ। ଶୃଙ୍ଖଳା ଏବଂ ଆଚରଣ ହେଉଛି ସମାଜରେ ସ୍ଥିରତା ଏବଂ ଶାନ୍ତିର ମୌଳିକ ମୂଳଦୁଆ। ଯଦି ସମାଜରେ ସମସ୍ତେ ନିୟମ ପାଳନ କରନ୍ତି ଏବଂ ଅନ୍ୟମାନଙ୍କୁ ସମ୍ମାନ କରନ୍ତି, ତେବେ କେବେ ବି ଅଶାନ୍ତି ହେବ ନାହିଁ। ଉଦାହରଣ ସ୍ୱରୂପ, ଟ୍ରାଫିକ୍ ନିୟମ ପାଳନ କରିବା ଶୃଙ୍ଖଳାର ଏକ ଲକ୍ଷଣ। ଏହା ଦୁର୍ଘଟଣା ହ୍ରାସ କରେ ଏବଂ ଜୀବନକୁ ସୁରକ୍ଷିତ ରଖେ। ସେହିପରି, ଲୋକଙ୍କ ସହିତ ଭଲ ବ୍ୟବହାର କରିବା ହେଉଛି ଶିଷ୍ଟାଚାରର ଏକ ଲକ୍ଷଣ। ବ୍ୟକ୍ତିଗତ ଜୀବନରେ ଏହି ଶୃଙ୍ଖଳା, ସଂସ୍କାର ଓ ଶଷ୍ଟାଚାର ଅନେକ କିଛି ଲାଭ ଦେଇଥାଏ। ଏହା ନିୟମିତ ଜୀବନରେ ସଫଳତା ସୁନିଶ୍ଚିତ କରେ। ଶୃଙ୍ଖଳା ଜଣେ ବ୍ୟକ୍ତିକୁ ଦୃଢ଼ ଏବଂ ଆତ୍ମନିୟନ୍ତ୍ରିତ କରିଥାଏ। ଶଷ୍ଟାଚାର ମାନବ ସମ୍ପର୍କକୁ ମଧୁର କରିଥାଏ। ଭଲ ଶଷ୍ଟାଚାର ବ୍ୟକ୍ତିକୁ ସମାଜରେ ସମ୍ମାନ ପ୍ରଦାନ କରେ। ଯେଉଁଠାରେ ଶୃଙ୍ଖଳା ନାହିଁ, ସେଠାରେ ସବୁ କିଛି ମୂଲ୍ୟହୀନ। ଶୃଙ୍ଖଳା ବିନା ଜୀବନ ବ୍ୟକ୍ତିକୁ ଭୁଲ ଆଡ଼କୁ ନେଇଯାଏ। ସେହିପରି, ଆଚରଣ ବା ଶଷ୍ଟାଚାର ବିନା, ଲୋକମାନେ ଅଶାନ୍ତ ହୋଇଯାଆନ୍ତି, ସମ୍ପର୍କ ଭାଙ୍ଗିଯାଏ ଏବଂ ସମାଜରେ ଅଶାନ୍ତି ବୃଦ୍ଧି ପାଏ। ସଂସ୍କାର ଗୋଟେ ମଣିଷକୁ ଦେବତୁଲ୍ୟ ସମ୍ମାନ ଦେଇଥାଏ।

ତେଣୁ, ଆମେ କିପରି ଆମ ଜୀବନରେ ଏହି ସଂସ୍କାର, ଶୃଙ୍ଖଳା ଏବଂ ଶିଷ୍ଟାଚାର ବିକଶିତ କରିପାରିବା ? ପ୍ରତିଦିନ ନିୟମିତ ସମୟରେ ଉଠି କାମ କରିବା। ବଡ଼ମାନଙ୍କୁ ସମ୍ମାନ କରିବା ଏବଂ ସାନମାନଙ୍କୁ ଭଲ ପାଇବା। ସଦା ସର୍ବଦା ସତ୍ୟ କହିବା ଏବଂ ନିଜର କର୍ତ୍ତବ୍ୟ ପାଳନ କରିବା। ସାମାଜିକ ନିୟମକୁ ଅନୁସରଣ କରି ପାଳନ କରିବା। ସଂଯମ ଏବଂ ସହନଶୀଳତା ଅଭ୍ୟାସ କରିବା। ସଂସ୍କାର, ଶୃଙ୍ଖଳା ଏବଂ ଶିଷ୍ଟାଚାର ବିନା ଜୀବନ ଅପୂର୍ଣ୍ଣ। ଏହା ଜଣେ ବ୍ୟକ୍ତିକୁ ସଠିକ୍ ପଥ ଦେଖାଏ ଏବଂ ତାଙ୍କ ଜୀବନକୁ ସୁନ୍ଦର ଏବଂ ସଫଳ କରିଥାଏ। ଯଦି ଆମେ ଆମର ଦୈନନ୍ଦିନ ଜୀବନରେ ଏହି ତିନୋଟି ଗୁଣକୁ ଗ୍ରହଣ କରୁ, ତେବେ ଆମେ କେବଳ ଆମର ଜୀବନକୁ ନୁହେଁ ବରଂ ସମାଜକୁ ମଧ୍ୟ ସୁନ୍ଦର କରିପାରିବା। ତେଣୁ, ସଂସ୍କାର, ଶୃଙ୍ଖଳା ଏବଂ ଶିଷ୍ଟାଚାରକୁ ଆମ ଜୀବନର ଏକ ମୁଖ୍ୟ ଅଂଶ କରି ଆମ ଜୀବନର କର୍ତ୍ତବ୍ୟ ପଥରେ ଅଗ୍ରସର ହେବା ଉଚିତ୍।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ:୮୨୪୯୫୦୨୭୭୬**

# ଉତ୍ତମ ପୋଷଣ ପାଇଁ ସ୍ଥାନୀୟ ଖାଦ୍ୟ ଋତୁକାଳୀନ ଫଳ ଓ ପନିପରିବାର ଗୁରୁତ୍ୱ



**ପ୍ରଶାନ୍ତ କୁମାର ଦାଶ**

**(ଏପ୍ରିଲ ୯ରୁ ପୋଷଣ ପକ୍ଷ ଆରମ୍ଭ ହୋଇଥିବାବେଳେ ଏହା ଆତ୍ମ ସମୀକ୍ଷା କରିବାର ଏକ ଉପଯୁକ୍ତ ସମୟ ମଧ୍ୟ ଆସିଛି ଯେ କିପରି ଆମର ଖାଦ୍ୟାଭ୍ୟାସ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି, କିପରି ଆମେ ଆମର ପାରମ୍ପରିକ ଖାଦ୍ୟ ପଖାଳ, ମାଣ୍ଡିଆଠାରୁ ଦୁରେଇ ଯାଇ ଆଧୁନିକ ଖାଦ୍ୟ ପଦାର୍ଥ ପିଜ୍ଜା ବର୍ଗରକୁ ନିଜ ନୀତିଦିନ ଖାଦ୍ୟରେ ସାମିଲ କରିଚାଲିଛୁ, ଏବଂ ବର୍ତ୍ତମାନର ପରିପେକ୍ଷୀରେ କିଭଳି ଭାବେ ସୁସ୍ଥ ଓ ପାରମ୍ପରିକ ଖାଦ୍ୟ ଅଭ୍ୟାସକୁ ପୁନଃ ଆପଣେଇବା ଜରୁରୀ ହୋଇପଡ଼ିଛି)**

କିଛି ବର୍ଷ ପୂର୍ବେ, ଏକ ସାଧାରଣ ଓଡ଼ିଆ ଖାଦ୍ୟ, ଋତୁ ଅନୁସାରେ ସନ୍ତୁଳିତ ହୋଇ ପ୍ରସ୍ତୁତ ହେଉଥିଲା ଯେମିତିକି ଭାତ, ପଖାଳ ସହିତ ଶାଗ, ଡାଲି, ମାଛ ଏବଂ ସ୍ଥାନୀୟ ଅଞ୍ଚଳ ରେ ଚାଷ କରାଯାଉଥିବା ପନିପରିବା।ଆମ ଜଳବାୟୁ, ଆମ ସଂସ୍କୃତି ଏବଂ ସାମ୍ପ୍ରଦାୟିକ ଜ୍ଞାନ ଦ୍ୱାରା ପ୍ରଭାବିତ, ଏହି ଖାଦ୍ୟଗୁଡ଼ିକ ସ୍ୱାଭାବିକ ଭାବରେ ବିବିଧ ଏବଂ ପୋଷଣତତ୍ୱ ରେ ଭରପୂର ଥାଏ, ତେଣୁ ଏଇ ଖାଦ୍ୟ ଅନେକ ପିଢ଼ିକୁ ପୋଷଣ କରିଆସିଛି ଏବଂ ଜୀବନଶୈଳୀ ଜନିତ ରୋଗ ଠାରୁ ଆମକୁ ଦୁରେଇ ରଖିଆସିଛି। ବର୍ତ୍ତମାନ କିନ୍ତୁ ପରିବେଶ ସହିତ ଆମ ଖାଦ୍ୟ ଓ ଖାଇବା ଅଭ୍ୟାସ ମଧ୍ୟ ପରିବର୍ତ୍ତନ ହେଉଛି। ଧୀରେ ଧୀରେ ବର୍ଗର, ପିଜ୍ଜା ଅଧିକ ତୈଳ ଯୁକ୍ତ ଭଜା ଖାଦ୍ୟ, ଅଧିକ ଚିନି ଯୁକ୍ତ ପାନୀୟ ଏବଂ ପ୍ୟାକେଟ / ଅତ୍ୟଧିକ ପ୍ରକ୍ରିୟାକରଣ (ଟଚର୍‌) ଖାଦ୍ୟ ଆମ ପାରମ୍ପରିକ ଖାଦ୍ୟ ଐତିହ୍ୟ ର ସ୍ଥାନ ନେଉଛି।ଏହି ଖାଦ୍ୟ ବର୍ତ୍ତମାନ ମୁଖ୍ୟତଃ ପିଲା ଏବଂ କିଶୋରୀ କିଶୋର ମାନଙ୍କ ଅଧିକ ପସନ୍ଦ ହେଉଛି। ଏକ ସନ୍ତୁଳିତ ଏବଂ ପୁଷ୍ଟିକର ଖାଦ୍ୟ କେବଳ ବୃଦ୍ଧି ଏବଂ ବିକାଶ ପାଇଁ ନୁହେଁ ବରଂ ଦୀର୍ଘକାଳୀନ ଅଣସଂକ୍ରାମକ ରୋଗ (ଯେପରିକି ଉଚ୍ଚ ରକ୍ତଚାପ, ମଧୁମେହ) କୁ ରୋକିବା ଏବଂ ମାନସିକ ସୁସ୍ଥତାକୁ ବଜାୟ ରଖିବା ପାଇଁ ମଧ୍ୟ ଅତ୍ୟନ୍ତ ଜରୁରୀ। ତଥାପି, ଓଡ଼ିଶାର ସହରାଞ୍ଚଳ, ଅର୍ଦ୍ଧ-ସହରୀ ଅଞ୍ଚଳ ଏବଂ ଗ୍ରାମାଞ୍ଚଳରେ ମଧ୍ୟ ଜଙ୍କଫୁଡ୍ ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଯାହା ପୂର୍ବରୁ ଏକ ସାମୟିକ ଖାଦ୍ୟ ଥିଲା ତାହା ଦୈନନ୍ଦିନ ଖାଦ୍ୟର ଏକ ନିୟମିତ ଅଂଶ ପାଲଟିଛି।

## ଓଡିଶା ର ପରିବର୍ତ୍ତିତ ଖାଦ୍ୟାଭ୍ୟାସ

ସହରୀକରଣ, ପରିବର୍ତ୍ତିତ ଜୀବନଶୈଳୀ, ବର୍ଦ୍ଧିତ ବ୍ୟବହାରଯୋଗ୍ୟ ଆୟ ଏବଂ ଖାଦ୍ୟ କମ୍ପାନୀଗୁଡ଼ିକର ଆକ୍ରମଣାତ୍ମକ ମାର୍କେଟିଂ ପରିବାରଗୁଡ଼ିକର ଖାଇବା ପଦ୍ଧତିକୁ ପରିବର୍ତ୍ତନ କରିଛି। ଫାଷ୍ଟଫୁଡ୍ ଆଉଟଲେଟ୍, ପ୍ୟାକେଟ ଖାଦ୍ୟ ଏବଂ ଅତ୍ୟଧିକ ଚିନି ଯୁକ୍ତ -ମିଠା ପାନୀୟ ଏବେ ଶିକ୍ଷାନୁଷ୍ଠାନ, ବଜାର ଏବଂ ପରିବହନ କେନ୍ଦ୍ର ନିକଟରେ ସହଜରେ ଉପଲବ୍ଧ ହେବା, ଦ୍ରୁତ ଡେଲିଭରି ପ୍ଲାଟଫର୍ମ ବା ଶୀଘ୍ର ପହଂଚାଇଦେଉଥିବା ପ୍ଲାଟଫର୍ମଗୁଡ଼ିକ ଏଇ ଖାଦ୍ୟ ଗୁଡିକର ସହଜ ପ୍ରବେଶକୁ ଆହୁରି ତ୍ୱରାନ୍ୱିତ କରୁଛି।ଏହି ଖାଦ୍ୟଗୁଡ଼ିକୁ ପ୍ରାୟତଃ ସୁବିଧାଜନକ, ଟ୍ରେଣ୍ଡି ଏବଂ ପସନ୍ଦ କରାଯାଉଥିବା ଖାଦ୍ୟ ଭାବରେ ବଜାର ରେ ବିକ୍ରି କରାଯାଏ। ଲାନସେଟ (ଖଇଘଉରଞ୍ଝ )ରେ ପ୍ରକାଶିତ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଭାରତରେ ବିଶ୍ୱରେ ସବୁଠାରୁ ଦ୍ରୁତ ଗତିରେ ବଢ଼ୁଥିବା ଟଚର୍‌ ଶିଳ୍ପ ଅଛି ଯାହା ଦ୍ୱାରୀ ଶିଶୁ ଏବଂ କିଶୋରମାନେ ବିଶେଷ ଭାବରେ ପ୍ରଭାବିତ ହେବେ। ଆଜିକାଲି ପିଲାମାନେ ମାଣ୍ଡିଆ ପେଜ୍, ଚୁଡା ମିଶ୍ରଣ କିମ୍ବା ଋତୁକାଳୀନ ଫଳ ପରି ପାରମ୍ପରିକ ଖାଦ୍ୟ ଅପେକ୍ଷା ଇନଷ୍ଟାଣ୍ଟ ନୁଡୁଲ୍ସ କିମ୍ବା ଚିପ୍ସର ବ୍ରାଣ୍ଡକୁ ଅଧିକ ପସନ୍ଦ କରୁଛନ୍ତି।ସାଙ୍ଗ ସାଥୀଙ୍କ ପ୍ରଭାବ, ସ୍କ୍ରିନ୍ ଏକ୍ସପୋଜର୍, ଯୁବପିଢ଼ିଙ୍କ ଦ୍ୱାରା କରାଯାଉଥିବା ବ୍ରାଣ୍ଡିଂ ଏବଂ ଯୁବପିଢ଼ିକୁଲକ୍ଷ୍ୟ କରାଯାଇଥିବା ବିଜ୍ଞାପନ ଯୁବପିଢିଙ୍କ ଖାଦ୍ୟ ପସନ୍ଦକୁ ଗଢ଼ିବାରେ ଏକ ଶକ୍ତିଶାଳୀ ଭୂମିକା ଗ୍ରହଣ କରେ। ଏମିତିକି ସ୍କୁଲ୍ ର କାର୍ଯ୍ୟକ୍ରମ ବା ଉତ୍ସବ ହେଉ କିମ୍ବା, ପରିବାର ବାହାରକୁ ଯିବା ସମୟରେ ମଧ୍ୟ, ଅଲ୍ଟ୍ରା-ପ୍ରକ୍ରିୟାକୃତ ଖାଦ୍ୟ ଘରେ ରନ୍ଧା ଖାଦ୍ୟ ର ସ୍ଥାନ ନେଉଛି। ଏହି ପରିବର୍ତ୍ତନର ଗମ୍ଭୀର ପରିଣାମ ହେଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ ଯଥା ଅତ୍ୟଧିକ ଲୁଣ, ଚିନି, ଅସ୍ୱାସ୍ଥ୍ୟକର ଚର୍ବିଜାତୀୟ ଏବଂ ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ଯେଉଁଥିରେ ଆବଶ୍ୟକୀୟ ପୋଷଣ ମାତ୍ରା କମ୍ ଥାଏ।ଏହିପରି ଖାଦ୍ୟ ମେଦବୃଦ୍ଧି, ସ୍ଥୂଳତା, ମଧୁମେହ, ହୃଦରୋଗ ଏବଂ ଅନ୍ୟାନ୍ୟ ଅଣ-ସଂକ୍ରାମକ ରୋଗ (ଘଉଉ) କାରଣ ହୁଏ। ଚିନ୍ତାର ବିଷୟ ହେଉଛି ଯେଏହି ଅବସ୍ଥାଗୁଡ଼ିକ ବର୍ତ୍ତମାନ କମ୍ ବୟସରେ ଦେଖାଯାଉଛି।

## ଜଙ୍କ ଫୁଡ୍ ପ୍ରକୃତରେ କ'ଣ?

ଜଙ୍କଫୁଡ୍ କହିଲେ ଅଧିକ ଚର୍ବିଜାତୀୟ, ଚିନି ଏବଂ ଲୁଣ ଥିବା ଖାଦ୍ୟ (ଐଋଝଝ) ଏବଂ ଅଲ୍ଟ୍ରା-ପ୍ରକ୍ରିୟାକୃତ (ଅଲଟ୍ରା ପ୍ରୋସେସଡ଼ )ଖାଦ୍ୟ (ଟଚର୍‌) ଅନ୍ତର୍ଭୁକ୍ତ।ଅଲଟ୍ରା ପ୍ରୋସେସଡ଼ଫୁଡ୍ (ଟଚର୍‌)ଗୁଡ଼ିକ ବ୍ୟାପକ ଶିଳ୍ପ ପ୍ରକ୍ରିୟାକରଣ ଦେଇ ଗତି କରିଥାଏ ଏବଂ ଏଥିରେ କୃତ୍ରିମ ସ୍ୱାଦ, ରଙ୍ଗ, ଏମଲସିଫାୟର୍ ଏବଂ ସ୍ଥିରୀକରଣ ଭଳି ମିଶ୍ରଣ ଥାଏ - ଏପରି ଉପାଦାନ ଯାହା ଘରର ରୋଷେଇ ଘରେ ବହୁତ କମ୍ ବ୍ୟବହୃତ ହୁଏ।ଏହି ଖାଦ୍ୟଗୁଡ଼ିକ ଅତ୍ୟଧିକ ସ୍ୱାଦିଷ୍ଟ, ଅତ୍ୟଧିକ ବ୍ୟବହାର କରିବାକୁ ସହଜ ଏବଂ ପ୍ରଚୁର ବଜାରୀକରଣ ପାଇଁ ଡିଜାଇନ୍ କରାଯାଇଛି।ଅନ୍ୟପକ୍ଷରେ ଅତ୍ୟଧିକ ଲୁଣ / ଚିନି / ଚର୍ବି ଯୋଗୁଁ (ଐଋଝଝ) ଏପରି ଖାଦ୍ୟ ସହଜରେ ବାରି ହୋଇଯାଏ ଏବଂ ଏଥିରେ ଘରୋଇ ରନ୍ଧା ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରେ।

ନିୟମିତ ଜଙ୍କଫୁଡ୍ ସେବନ ସାଧାରଣ ଭୋକ ନିୟନ୍ତ୍ରଣରେ ବାଧା ସୃଷ୍ଟିକରେ, ପୁଷ୍ଟିଯୁକ୍ତ ଖାଦ୍ୟକୁ ପରିବର୍ତ୍ତନ କରିବା ସହିତ ପୁଷ୍ଟିଯୁକ୍ତ ଖାଦ୍ୟ ର ଅବଶୋଷଣରେ ବାଧା ସୃଷ୍ଟି କରେ ଏବଂ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ମଧ୍ୟ ବୃଦ୍ଧି କରେ।, ପ୍ରାୟତଃ, ଖାଦ୍ୟ ପରିବେଶ ଏବଂ ବ୍ୟକ୍ତିଗତ ପ୍ରତିବନ୍ଧକ କିମ୍ବା ପସନ୍ଦ ମଧ୍ୟରେ ଏକ ଜଟିଳ ପାରସ୍ପରିକ କ୍ରିୟା ଯୋଗୁଁ ଅସ୍ୱାସ୍ଥ୍ୟକର ଖାଦ୍ୟର ବର୍ଦ୍ଧିତ ବ୍ୟବହାର ହୋଇଥାଏ।ଅସ୍ୱାସ୍ଥ୍ୟକର ଖାଦ୍ୟ କ୍ରମଶଃ ସହଜରେ ଉପଲବ୍ଧ ତଥା ସୁଲଭ ହେବା ଯୋଗୁଁ ଜଣେ ବ୍ୟକ୍ତି ପାଇଁ ସେ କ'ଣ ଖାଇବେ ତାହା ନିଷ୍ପତ୍ତି ନେବା ସମୟରେ ଏହା ପ୍ରାୟତଃ ବ୍ୟବହାରିକ, ସୁବିଧାଜନକ ଏବଂ ମୂଲ୍ୟ-ଅର୍ଥନୈତିକ ର ବିକଳ୍ପ ହୋଇଯାଏ।



## ଏକ ବଢ଼ୁଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ଚିନ୍ତା

ଭାରତରେ ଏବେ ନନ୍-କମ୍ୟୁନିକେବଲ୍ ଡିଜିଜ୍ (ଘଉଉସ୍ଥ) ବହୁତ ତ୍ୱରିତ ଭାବରେ ବଢ଼ୁଛି, ଓଡିଶା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ।ଉଚ୍ଚ ରକ୍ତଚାପ, ଡାଇବେଟିସ୍ ଓ ମୋଟାପଣ ଏବେ ଛୋଟ ପିଲାମାନଙ୍କ ମଧ୍ୟରେ ମଧ୍ୟ ଦେଖାଯାଉଛି। ଏହାର ମୁଖ୍ୟ କାରଣ ହେଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ, ଶାରୀରିକ କ୍ରିୟାକଳାପର, ଖେଳକୁଦ ର ଅଭାବ ଓ ବେଶୀ ସମୟ ବସି ରହିବା ଅଭ୍ୟାସ। ଓଡିଶା ରାଜ୍ୟ ପୂର୍ବରୁ ପୁଷ୍ଟିହୀନତା କମେଇବା ଓ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଉନ୍ନତ କରିବାରେ ଅନେକ ପଦକ୍ଷେପ ନେଇଛି ଏବଂ ସଫଳ ମଧ୍ୟ ହୋଇଛି। କିନ୍ତୁ ଏବେ ଜଙ୍କ ଫୁଡ୍ ର ଅଧିକ ପ୍ରଚଳନ ଏକ ଗଭୀର ସମସ୍ୟା ସୃଷ୍ଟି କରୁଛି। ଏହା ଆଗରୁ କଷ୍ଟରେ ଅର୍ଜିତ ସଫଳତାକୁ ନଷ୍ଟ କରିପାରେ ଓ ପରିବାର ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଅଧିକ ଭାର ପକାଇପାରେ।

## ସ୍ଥାନୀୟ, ଋତୁକାଳୀନ ଏବଂ ବିବିଧ ଖାଦ୍ୟ ସପକ୍ଷରେ ଯୁକ୍ତି

ସମାଧାନ, ପସନ୍ଦକୁ ଦୂର କରିବାରେ ନୁହେଁ, ବରଂ ସନ୍ତୁଳନ ପୁନଃସ୍ଥାପନ କରିବାରେ ରହିଛି। ଓଡ଼ିଶାରେ ଏକ ସମୃଦ୍ଧ ଏବଂ ବିବିଧ ଖାଦ୍ୟ ଇକୋସିଷ୍ଟମ ରହିଛି ଯଥା ଏଠାରେ ଥିବା ବାଜରା, ଚାଉଳ କିସମ, ଡାଲି, ପନିପରିବା, ମାଛ ଏବଂ ଜଙ୍ଗଲଜାତ ଦ୍ରବ୍ୟ ଯାହା ପୁଷ୍ଟି ଏବଂ ସ୍ଥାୟୀତ୍ୱ ଉଭୟକୁ ସମର୍ଥନ କରେ। ପରିବେଶଗତ ଖର୍ଚ୍ଚ ହ୍ରାସ କରିବା ସହିତ; ସ୍ଥାନୀୟ ଏବଂ ଋତୁକାଳୀନ ଖାଦ୍ୟ ଦ୍ରବ୍ୟ, ତାଜା, ସୁଲଭ ଏବଂ ସ୍ୱାଭାବିକ ଭାବରେ ବିବିଧ, ଯାହା ଏକ ପୁଷ୍ଟି ପର୍ଯ୍ୟାପ୍ତ ଏବଂ ସନ୍ତୁଳିତ ଖାଦ୍ୟ ସୁନିଶ୍ଚିତ କରେ।ଖାଦ୍ୟର ବିବିଧତା ବିଶେଷ ଭାବରେ ଶିଶୁ ଏବଂ କିଶୋରମାନଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ପ୍ରକାରର ଫଳ, ପନିପରିବା, ଡାଲି ଏବଂ ଶସ୍ୟ ନିଜ ଖାଦ୍ୟ ରେ ଅନ୍ତର୍ଭୁକ୍ତ କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ, ସୂକ୍ଷ୍ମ ପୋଷକ ତତ୍ତ୍ୱର ଅଭାବ ହ୍ରାସ ପାଏ ଏବଂ ଦୀର୍ଘକାଳୀନ ରୋଗର ଆଶଙ୍କା ହ୍ରାସ ପାଏ।

## ଉତ୍ତମ ବିକଳ୍ପ ପାଇଁ ଏକ ସାମୂହିକ ପ୍ରୟାସ

ସରକାର ପୋଷଣଯୁକ୍ତ ଖାଦ୍ୟ ଅଭ୍ୟାସ ବଢ଼ାଇବା ଓ ମୋଟାପଣ ଏବଂ ଅଣସଂକ୍ରାମକ ରୋଗ(ଘଉଉସ୍ଥ) କମେଇବା ପାଇଁ ଅନେକ କିଛି ପଦକ୍ଷେପ ନେଇଛନ୍ତି। କିନ୍ତୁ ଖାଦ୍ୟ ପରିବେଶ ଦ୍ରୁତ ଭାବରେ ବଦଳୁଛି। ଅଲ୍ଟ୍ରା-ପ୍ରୋସେସ୍ଡ ଖାଦ୍ୟର ବଜାର ବଢ଼ୁଛି। ସେଥିପାଇଁ ନୀତି, ନିୟମ ଓ ଏହାର ଲାଗୁକରଣ ପ୍ରୟାସ ଏବେବି ଜାରି ରହିଥିବା ବେଳେ ଚତୁର ମାର୍କେଟିଂ ପ୍ରଣାଳୀ ଗ୍ରାହକଙ୍କ ମାନଙ୍କ ଦୈନନ୍ଦିନ ଖାଦ୍ୟ ଚୟନବ୍ୟବହାରକୁ ପ୍ରଭାବିତ କରୁଛି।

ଖାଦ୍ୟ ପ୍ୟାକେଟ୍‌ର ଆଗପଟେ ଭଲ ଲେବେଲିଂ, ଜଙ୍କଫୁଡ ଓ ବିଜ୍ଞାପନ ଉପରେ ନିୟନ୍ତ୍ରଣ ଏବଂ ଅଧିକ କର ଲାଗୁ କରିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କିନ୍ତୁ ମାତ୍ର ନିୟମ ଓ କାନୁନ ଦ୍ୱାରା ଏହି ସମସ୍ୟାକୁ ପୂରା ଭାବରେ ରୋକାଯାଇପାରିବ ନାହିଁ। ଏହାପାଇଁ ଆହୁରି ବ୍ୟାପକ ପ୍ରୟାସ ଆବଶ୍ୟକ, ଯାହା ଲୋକମାନେ ଦୈନନ୍ଦିନ ଖାଦ୍ୟ ବାଛିବାରେ କିପରି ନିଷ୍ପତ୍ତି ନେଉଛନ୍ତି, ସେଥିରେ ପରିବର୍ତ୍ତନ ଆଣିବ।

ଏହାର ଅର୍ଥ ହେଉଛି ଏମିତି ଖାଦ୍ୟ ପରିବେଶ ତିଆରି କରିବା, ଯାହା ସ୍ୱାସ୍ଥ୍ୟକର ଖାଦ୍ୟ ବାଛିବାକୁ ସହଜ କରିବ। ଏଥି ସହିତ ଖାଇବା ସମ୍ପର୍କିତ ସମାଜିକ ମାନଦଣ୍ଡ, ଅଭ୍ୟାସ ଓ ଧାରଣାକୁ ମଧ୍ୟ ପରିବର୍ତ୍ତନ କରିବା ଆବଶ୍ୟକ। ଏହା ପାଇଁ ନୂତନ ଭାବନା ଓ ପ୍ରୟାସ ଦରକାର, ଯାହା ଲୋକମାନଙ୍କୁ ପୋଷ୍ଟିକ ଖାଦ୍ୟ ପ୍ରତି ଆକର୍ଷିତ କରିବ।ପୋଷଣ ସମ୍ପର୍କିତ ଜ୍ଞାନ ବଢ଼ାଇବା ଓ ସ୍ୱାସ୍ଥ୍ୟକର ଖାଦ୍ୟକୁ ସହଜ ଓ ଆକର୍ଷଣୀୟ କରିବା ଦରକାର। ତେଣୁ, କେବଳ ସରକାରୀ ନୀତି ନୁହେଁ— ପରିବାର, ସ୍କୁଲ୍, ସମୁଦାୟ ଓ ମିଡିଆ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି

## ଭବିଷ୍ୟତ ପାଇଁ ସୁସ୍ଥ ବିକଳ୍ପଗୁଡ଼ିକୁ ଗଠନ କରିବା

ଯୁବପିଢ଼ି ମାନେ ଏବେ ବଦଳୁଥିବା ଖାଦ୍ୟ ପରିବେଶର ମଧ୍ୟଭାଗରେ ଅଛନ୍ତି, ଏବଂ ସମାଧାନ ସୃଷ୍ଟି କରିବାରେ ସେମାନଙ୍କର ମତ ଅତ୍ୟନ୍ତ ଜରୁରୀ। ଆଜିର କିଶୋରୀ କିଶୋର ମାନେ ଏମିତି ପରିବେଶରେ ବଡ଼ହେଉଛନ୍ତି, ଯେଉଁଠାରେ ଜଙ୍କ ଫୁଡ୍ ସହଜରେ ଦେଖାଯାଏ, ସହଜରେ ମିଳେ, ଏବଂ କେବେ କେବେ ଆକର୍ଷଣୀୟ ଭାବରେ ପ୍ରଦର୍ଶିତ ହୁଏ। ଯୁବପଢି ମାନଙ୍କ ନେତୃତ୍ୱରେ ନିବେଶ କରିବା ଓ ସେମାନଙ୍କୁ ମତ ଦେବାର ସୁଯୋଗ ଦେବା ଆବଶ୍ୟକ।ଏହା ଦ୍ୱାରା ନୀତି, କ୍ୟାମ୍ପେନ୍ ଓ ପ୍ରୋଗ୍ରାମ୍‌ଗୁଡ଼ିକ ସେମାନଙ୍କର ଜୀବନର ସତ୍ୟ ଅନୁଭବକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇପାରିବ। କାରଣ ଯେତେବେଳେ ଯୁବପିଢ଼ି ସଚେତନ ଓ ସକ୍ରିୟ ଭାବରେ ଆଗକୁ ଆସନ୍ତି, ସେମାନେ ସେମାନଙ୍କ ସାଙ୍ଗସାଥି ମାନଙ୍କୁ ପ୍ରଭାବିତ କରିପାରନ୍ତି। ତେଣୁ ଏମାନେ ହିଁ ସମାଜର ଧାରଣାକୁ ପରିବର୍ତ୍ତନ କରିପାରିବେ ଓ ସ୍ୱାସ୍ଥ୍ୟକର ଓ ସ୍ଥାୟୀ ଖାଦ୍ୟ ପାଇଁ ଆଗ୍ରହ ବଢ଼ାଇପାରିବେ — ଏବେ ଓ ଭବିଷ୍ୟତରେ ମଧ୍ୟ।

ବର୍ତ୍ତମାନ ସମୟରେ, ଜଙ୍କ ଫୁଡ୍ ବ୍ୟବହାର ବୃଦ୍ଧି କେବଳ ବ୍ୟକ୍ତିଗତ ପସନ୍ଦର ବିଷୟ ନୁହେଁ— ଏହା ଆମେ ତିଆରି କରିଥିବା ଖାଦ୍ୟ ପରିବେଶର ପ୍ରତିଫଳନ ମଧ୍ୟ। ତେଣୁ, ଓଡିଶାର ଶିଶୁମାନେ ଓ ଆଗାମୀ ପିଢ଼ୀଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷା କରିବା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଦରକାର। ସଚେତନ ଭାବେ ଖାଦ୍ୟ ଚୟନ କରିବା ଓ ଭଲ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଆବଶ୍ୟକ, ଯାହା ପୌଷ୍ଟିକ ଖାଦ୍ୟକୁ ସମର୍ଥନ କରେ। ଜଙ୍କ ଫୁଡ୍‌କୁ "ନା" କହିବା ଓ ବିବିଧ, ସ୍ଥାନୀୟ ଓ ଋତୁକାଳୀନ ଖାଦ୍ୟକୁ "ହଁ" କହିବା ପଛକୁ ଯିବା ନୁହେଁ। ଏହା ଏକ ସ୍ୱାସ୍ଥ୍ୟକର ଓ ଶକ୍ତିଶାଳୀ ଓଡିଶା ଦିଗରେ ଆଗକୁ ବଢ଼ିବାର ପଦକ୍ଷେପ।

**ଓଡ଼ିଶା ୟୁନିସେଫ ମୁଖ୍ୟ**



### ଯୁଦ୍ଧ ପାଇଁ ଲାଳାୟିତ ଡୋନାଲ୍ଡ ଟ୍ରମ୍ପ, ଚାପରେ ଆମେରିକୀୟ ସେନା

# ଉପସାଗରୀୟ ଶାନ୍ତି ନେଇ ସୃଷ୍ଟିହେଲା ପ୍ରଶ୍ନବାଚୀ

**ତେହରାନ,୧୨।୦୪ଃ** ସମଗ୍ର ବିଶ୍ୱର ଆଖି ଏବେ ମଧ୍ୟପ୍ରାଚ୍ୟ ଶାନ୍ତି ସ୍ଥାପନ ଉପରେ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମୟିକ ଅସ୍ତ୍ରବିରତି ଘୋଷଣା ପରେ ଉପସାଗରୀୟ ଅଞ୍ଚଳରେ ଏବେ ଯୁଦ୍ଧ ଜନିତ ଉତ୍ତେଜନା କିଛି ପରିମାଣରେ ଥମିଯାଇଛି ସତ, ମାତ୍ର ତାହା ବନ୍ଦ ହୋଇନାହିଁ। ଇସ୍ରାଏଲ ଲେବାନନ ଉପରେ ଆକ୍ରମଣ ଜାରି ରଖିଥିବାବେଳେ ଲେବାନନର କଠୋରପନ୍ଥୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରିବାର ଯୋଜନାରୁ ନିବୃତ ହୋଇନାହାନ୍ତି। ଅପରପକ୍ଷରେ, ପାରସ୍ୟ ଉପସାଗରକୁ ଘାତକ ତଥା ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ରରେ ଭରା ଜାହାଜ ପଠାଇବାକୁ ଟ୍ରମ୍ପ ବାରମ୍ବାର ଧମକ ଦେଇ ଚାଲିଛନ୍ତି। ଅପରପକ୍ଷରେ ପାକିସ୍ତାନ ମଧ୍ୟସ୍ଥତାରେ ଶନିବାର ଦିନ ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନା ପ୍ରାୟତଃ ବିଫଳ ହୋଇଯାଇଛି। ଏଭଳି ପରିପ୍ରେକ୍ଷୀରେ ଏଭଳି ଏକ ଖବର ମିଳିଛି ଯାହା ଶାନ୍ତି କଥାବାର୍ତ୍ତାର ସଫଳତା ଶୁଣିବାକୁ ଅନେଇ ବସିଥିବା ବିଶ୍ୱ କୂଟନୀତିଜ୍ଞଙ୍କୁ ଚିନ୍ତାରେ ପକାଇଛି। ତାହା ହେଉଛି ପାକିସ୍ତାନରେ ଉଚ୍ଚସ୍ତରୀୟ ଶାନ୍ତି କଥାବାର୍ତ୍ତା ଚାଲିଥିବା ବେଳେ ଆମେରିକାର ଏକ ଯୁଦ୍ଧ ଜାହାଜ ଇରାନ ଅଧିକାରରେ ଥିବା ହର୍ମୁଜ୍ ପ୍ରଣାଳୀ ଦେଇ ଅତିକ୍ରମ କରିବାର ଚେଷ୍ଟା କରିଛି। ତେବେ ଇରାନ୍ ଏହାକୁ ପଣ୍ଡ କରିଦେଇଥିବା ଇରାନର ଗଣମାଧ୍ୟମଗୁଡ଼ିକ ସୂଚନା ଦେଇଛନ୍ତି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ହର୍ମୁଜରେ ପ୍ରବେଶ କରିବା ମାତ୍ରେ ଆକ୍ରମଣ କରାଯିବ ବୋଲି ଇରାନ ଧମକ ଦେବାପରେ ଆମେରିକାର ଯୁଦ୍ଧପୋତଟି ଅଧାବାଟରୁ ଫେରିଯାଇଛି।

ଇରାନର ଜଣେ ସେନା ଅଧିକାରୀ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେଇ କହିଛନ୍ତି, ଆଜି ଆମେରିକାର ଏକ ଯୁଦ୍ଧପୋତ ହର୍ମୁଜରେ ପ୍ରବେଶ ଲାଗି ଉଦ୍ୟମ କରୁଥିଲା। ଏକଥା ଇରାନର ନୌସେନା ଜାଣିବା ପରେ ତାକୁ ଚେତାବନୀ ଦିଆଯାଇଥିଲା। ୩୦ ମିନିଟ୍ ଭିତରେ ହୋର୍ମୁଜ ସୀମା ଛାଡି ପଳାଇବାକୁ କୁହାଯାଇଥିଲା। ନଚେତ ଆକ୍ରମଣ କରାଯିବ ବୋଲି ଚେତାବନୀ ଜାରି କରାଯାଇଥିଲା । ଫଳରେ ଯୁଦ୍ଧପୋତଟି ସେଠାରୁ ପଳାଇଥିଲା। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ହର୍ମୁଜକୁ ଖାଲି କରିବା ଲାଗି ଉଦ୍ୟମ ଆରମ୍ଭ କରାଯାଇଛି । ଇରାନ ହର୍ମୁଜରେ ବିଛାଇଥିବା ମାଇନ୍ସ ହଟାଇବା ଲାଗି ଅମେରିକା ତା'ର ଯୁଦ୍ଧପୋତକୁ ପଠାଇଛି। ସେଠାରୁ ମାଇନ୍ସ ହଟାଯିବା ପରେ ଜାହାଜ ଚଳାଚଳ ସ୍ୱାଭାବିକ ହୋଇପାରିବ ବୋଲି ଟ୍ରମ୍ପ ସୋସିଆଲ ମିଡିଆରେ ଲେଖିଥିଲେ।



ଶାନ୍ତି ଆଲୋଚନା ଜାରି ରହିଥିବା ବେଳେ ଟ୍ରମ୍ପଙ୍କର ଏଭଳି ମନୋଭାବ ବିଶ୍ୱ କୂଟନୀତିଜ୍ଞଙ୍କୁ ଦ୍ୱିଧାରେ ପକାଇଛି। ଟ୍ରମ୍ପ୍ ଶାନ୍ତି ନୁହେଁ, ଯୁଦ୍ଧ ଚାହୁଁଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି। ସେହିଭଳି ଟ୍ରମ୍ପ୍ ଜାଣିଶୁଣି ଉପସାଗରୀୟ ରାଷ୍ଟ୍ରରେ ଯୁଦ୍ଧର ବାତାବରଣ ଜାରି ରଖିବାକୁ ଚାହୁଁଛନ୍ତି ବୋଲି କୂଟନୀତିଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ପାକିସ୍ତାନରେ ଶନିବାର ଚାଲିଥିବା ଶାନ୍ତି କଥାବାର୍ତ୍ତା ବିଫଳ ହୋ ପରେ ଯେକୌଣସି ମୁହୂର୍ତ୍ତରେ ପୁଣି ଥରେ ଯୁଦ୍ଧ ହୋଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

ଲେବାନନ ଉପରେ ଆକ୍ରମଣ ଖବର ଜାରି ରହିଥିବା ବେଳେ ହର୍ମୁଜ ସ୍ଥିତି ବି ପୂର୍ବ ଭଳି ରହିଛି। ଇତିମଧ୍ୟରେ ଡୋନାଲ୍ଡ ଟ୍ରମ୍ପ ବୟାନ ଦେଇଛନ୍ତି, ଆମେରିକୀୟ ସୈନ୍ୟ ଏବେ ବି ନିଜ ସୈନ୍ୟ ଠିକଣାରେ ଅଛନ୍ତି ଏବଂ ଯୁଦ୍ଧ ସ୍ଥିତି ପୂର୍ବ ଭଳି ରହିଛି । ସେ ସଙ୍କେତ ଦେଇଛନ୍ତି, କେବଳ ଗୋଟିଏ ଆଦେଶକୁ ଅପେକ୍ଷା, କାରଣ ଯୁଦ୍ଧ ପୁଣି ଥରେ ଆରମ୍ଭ ହୋଇପାରେ। ଏହି ସ୍ଥିତିରେ ସବୁଠୁ ଅଧିକ ଚାପ ସୈନ୍ୟଙ୍କ ଉପରେ, ଯେଉଁମାନେ ହଜାର ହଜାର କିମି ଦୂରରେ ଅନିଶ୍ଚିତ ପରିସ୍ଥିତିରେ ମୁତୟନ ହୋଇଛନ୍ତି।

ଯୁଦ୍ଧଖୋର ଟ୍ରମ୍ପଙ୍କ ଯୁଦ୍ଧ ବିଳାଶ ଖୋଦ ଆମେରିକୀୟ ସୈନ୍ୟଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହା ନିକଟରେ ପ୍ରକାଶିତ ଏକ ରିପୋର୍ଟରୁ ଜାଣିବାକୁ ମିଳିଛି। ଏହି ରିପୋର୍ଟ ଅନୁଯାୟୀ, ଆମେରିକୀୟ ସୈନ୍ୟମାନେ ଏତେ ଚାପରେ ରହୁଛନ୍ତି ଯେ, ସେମାନେ ଇତିମଧ୍ୟରେ ଚାପକୁ ହାଲୁକା କରିବା ପାଇଁ ୯.୫ ଲକ୍ଷ ଗ୍ୟାଲନ୍ କଫି ପିଇ ସାରିଛନ୍ତି। ଏଥିସହିତ ୨୦ ଲକ୍ଷ ଏନର୍ଜି ଡ୍ରିଙ୍କ ଏବଂ ବହୁ ପରିମାଣର ନିକୋଟିନ୍ ନେଇ ସାରିଛନ୍ତି। ଟ୍ରମ୍ପ୍ ଆରମ୍ଭ କରିଥିବା ଇରାନ ବିରୋଧୀ ଅପରେସନରେ ଆମେରିକୀୟ ସେନା ୬୦ ଲକ୍ଷରୁ ଅଧିକ ମିଲ୍ ଖାଇଛନ୍ତି।



ନିରନ୍ତର ଉଚ୍ଚ ଚାପଯୁକ୍ତ ପରିବେଶରେ ନିଜକୁ ସତର୍କ ଓ ସକ୍ରିୟ ରଖିବା ପାଇଁ ସେନାକୁ କି କି ଜିନିଷର ସାହାଯ୍ୟ ନେବାକୁ ପଡୁଛି ତାହା ଏଥିରୁ ସ୍ପଷ୍ଟ ଜଣା ପଡୁଛି। ହିସାବ ୯.୫ ଲକ୍ଷ ଗ୍ୟାଲନ୍ କଫି ପ୍ରାୟ ୭୬ ଲକ୍ଷ କପ୍ ସହ ସମାନ । ଅର୍ଥାତ୍ ଯଦି ମିନିଟ୍‌କୁ ୧ କପ୍ କଫି ପିଆଯାଏ, ତେବେ ୭୬ ଲକ୍ଷ କପ୍ କଫିକୁ ଶେଷ କରିବାକୁ ୧୪ ବର୍ଷରୁ ଅଧିକ ସମୟ ଲାଗିବ। ଏଥିରୁ ଅନୁମାନ କରାଯାଇପାରେ ଯେ ଏହି ଅପରେସନ୍‌ରେ ଆମେରିକୀୟ ସୈନ୍ୟଙ୍କ ପାଇଁ କ୍ୟାଫିନ୍ କୌଣସି ଇନ୍ଧନଠୁ କମ୍ ନ ଥିଲା।

ଏବେ ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ବିଫଳ ହେବା ଫଳରେ ସମଗ୍ର ବିଶ୍ୱ ପାଇଁ ଶକ୍ତିର ଉତ୍ସ ଭାବରେ ବିବେଚିତ ମଧ୍ୟପ୍ରାଚ୍ୟର ଭବିଷ୍ୟତ ବିଷୟରେ ଅନେକ ପ୍ରଶ୍ନ ଉଠିଛି। ହେର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ ଇରାନ ପକ୍ଷରୁ କୌଣସି ଦୃଢ଼ ପ୍ରତିଶ୍ରୁତି ନ ମିଳିବାରୁ, ବିଶ୍ୱବ୍ୟାପୀ ତୈଳ ଏବଂ ଗ୍ୟାସ ଯୋଗାଣ ଅବରୋଧ ଜାରି ରହିବ।

ଇସଲାମାବାଦ ଗସ୍ତ ସମୟରେ, ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ପରବର୍ତ୍ତୀ ସମୟରେ କ'ଣ ହେବ ତାହା ସ୍ପଷ୍ଟ କରିନାହାନ୍ତି ।

ସେ ଇଙ୍ଗିତ ଦେଇଥିଲେ ଯେ ଇରାନ ଏବେ ବି ଫେରି ଆସି ଆମେରିକାର ଶେଷ ଏବଂ ସର୍ବୋତ୍ତମ ପ୍ରସ୍ତାବକୁ ଗ୍ରହଣ କରିପାରିବ, କିନ୍ତୁ ମତଭେଦ ସମାଧାନ ପାଇଁ ଭବିଷ୍ୟତ ଆଲୋଚନା ବିଷୟରେ ସେ କୌଣସି ବିବରଣୀ ଦେଇନାହାନ୍ତି। ଯଦି ଦୁଇ ଦେଶ ଜିଦରେ ଅଟଳ ରୁହନ୍ତି, ତେବେ ମଧ୍ୟପ୍ରାଚ୍ୟରେ ପୁଣି ଥରେ ଯୁଦ୍ଧ ବଢ଼ିବାର ସମ୍ଭାବନା ଅଛି। ସମଗ୍ର ବିଶ୍ୱ ଶକ୍ତି ସଙ୍କଟର ସମ୍ମୁଖୀନ ହୋଇପାରେ।



## ଆକ୍ରମଣ ଯୋଜନା ପଣ୍ଡ କଲା ଇସ୍ରାଏଲ ବାୟୁସେନା

**ବିରୁଟ,୧୨।୪ଃ** ଗୋଟିଏ ପଟେ ମଧ୍ୟପ୍ରାଚ୍ୟ ଶାନ୍ତିଲାଗି ପାକିସ୍ତାନ ମଧ୍ୟସ୍ଥତାରେ ଉଚ୍ଚସ୍ତରୀୟ ଶାନ୍ତି କଥାବାର୍ତ୍ତାର ଆୟୋଜନ ହୋଇଥିବା ବେଳେ ଅନ୍ୟପଟେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଥମିବାର ନାଁ ଧରୁନି।

ଶାନ୍ତି ଆଲୋଚନାରେ ଲେବାନନକୁ ସାମିଲ କରିବାକୁ ଇରାନ ଅଡ଼ି ବସିଥିବା ବେଳେ ଲେବାନନ ପ୍ରତି କିନ୍ତୁ ଇସ୍ରାଏଲ ତା'ର କଠୋର ମନୋଭାବ ଜାରି ରଖିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଇସ୍ରାଏଲର ବାୟୁସେନା ଆଜି ଲେବାନନ ଅଞ୍ଚଳରେ ସକ୍ରିୟ କଠୋରପନ୍ଥୀମାନଙ୍କୁ କଡ଼ା ଜବାବ ଦେଇଛନ୍ତି।

ଦକ୍ଷିଣ ଲେବାନନ୍‌ର ଜ୍ୱେୟା ଅଞ୍ଚଳରେ ଇସ୍ରାଏଲ୍ ବାୟୁସେନା ଆକ୍ରମଣ ପାଇଁ ସଜ୍ଜିତ ଏକ ରକେଟ୍ ଲଞ୍ଚରକୁ ଧ୍ୱଂସ କରିବା ସହ ୫ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛି। ଅନ୍ୟପଟେ ପଶ୍ଚିମ ଉପକୂଳର ତୁଲକାରେମରେ କରାଯାଇଥିବା ଚଢ଼ଉ ବାହିନୀକୁ ସ୍ତବ୍ଧ କରିଦେଇଛି, ଯେଉଁଠାରୁ ୨୦୦ରୁ ଅଧିକ ବୋମା ଓ ୫୦ କିଲୋଗ୍ରାମରୁ ଅଧିକ ବିସ୍ଫୋରକ ଜବତ କରାଯାଇଛି । ସାଧାରଣ ନାଗରିକ ଓ ସୈନ୍ୟଙ୍କୁ ଟାର୍ଗେଟ୍ କରିବା ପାଇଁ ରଚାଯାଇଥିବା ଏହି ଭୟଙ୍କର ରକ୍ତପାତର ଷଡ଼ଯନ୍ତ୍ରକୁ ଇସ୍ରାଏଲ୍ ସମ୍ପୂର୍ଣ୍ଣ ଭାବେ ପଣ୍ଡ କରିଦେଇଛି।

● ଦୂତାବାସ ଚାଲୁ ରଖିବାକୁ ବିଚିତ୍ର ସର୍ତ୍ତ

## ୧୦୦ କୋଟି ଡଲାର ସହ ତୁର୍କୀର ସବୁଠାରୁ ସୁନ୍ଦରୀ ମହିଳା



**କାମ୍ପାଲା,୧୨।୪ଃ** ୧୦୦ କୋଟି ଆମେରିକୀୟ ଡଲାର (୧ ବିଲିୟନ) ଏବଂ ତୁର୍କୀର "ସବୁଠାରୁ ସୁନ୍ଦରୀ ମହିଳା"ଙ୍କୁ ଦିଅ। ନହେଲେ ଦୂତାବାସକୁ ବନ୍ଦ କରିଦିଆଯିବ ଆଉ ସମସ୍ତ ପ୍ରକାର କୂଟନୈତିକ ସମ୍ପର୍କ ଛିନ୍ନ କରିଦିଆଯିବ। ତୁର୍କୀ ସରକାରଙ୍କ ନିକଟରେ ଏଭଳି ଏକ ପ୍ରସ୍ତାବ ରଖିଛନ୍ତି ୟୁଗାଣ୍ଡା ରାଷ୍ଟ୍ରପତି ୟୋୱେରୀ ମୁସେଭେନିଙ୍କ ପୁଅ ତଥା ଦେଶର ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ (ସିଡିଏଫ୍) ମୁହୁଜି କାଇନେରୁଗାବା। ସେ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ''ଏକ୍ସ'' ଜରିଆରେ ତୁର୍କୀ ସରକାରଙ୍କୁ ଖୋଲାଖୋଲି ଚେତାବନୀ ଦେଇ ଏପରି ଦାବି କରିଛନ୍ତି। ଯଦି ୩୦ ଦିନ ମଧ୍ୟରେ ଏହି ଦାବି ପୂରଣ ନହୁଏ, ତେବେ କାମ୍ପାଲାରେ ଥିବା ତୁର୍କୀ ଦୂତାବାସ ବନ୍ଦ କରିବା ସହ କୂଟନୈତିକ ସମ୍ପର୍କ ଚିନ୍ନ କରିବାକୁ ସେ ଧମକ ଦେଇଛନ୍ତି। କାଇନେରୁଗାବାଙ୍କ କହିଛନ୍ତି ଯେ, ସୋମାଲିଆରେ ଆଞ୍ଚଳିକ ସୁରକ୍ଷା ବଜାୟ ରଖିବା ପାଇଁ ୟୁଗାଣ୍ଡା ଦୀର୍ଘ ଦୁଇ ଦଶନ୍ଧି ଧରି ଅଲ-ଶବାବ ଭଳି ଆତଙ୍କବାଦୀ ସଂଗଠନ ବିରୁଦ୍ଧରେ ଲଢ଼େଇ କରି ବହୁ ଧନଜୀବନ ନଷ୍ଟ କରିଛି। ମାତ୍ର ତୁର୍କୀ ସେଠାରେ ବନ୍ଦର ଓ ବିମାନବନ୍ଦର ଭଳି ଭିତ୍ତିଭୂମି ପ୍ରକଳ୍ପ ସୃଷ୍ଟିକରି କୋଟି କୋଟି ଟଙ୍କା ଲାଭ କରୁଛି। ୟୁଗାଣ୍ଡାର ଏହି ବଳିଦାନର ପ୍ରତିବଦଳରେ ତୁର୍କୀଠାରୁ ସେ "ସୁରକ୍ଷା ଡିଭିଡେଣ୍ଡ" ବାବଦକୁ ୧ ବିଲିୟନ ଡଲାର ଦାବି କରିଛନ୍ତି। ସେ କହିଛନ୍ତି, ତୁର୍କୀ ପାଇଁ ଏହା ଏକ ସରଳ କାରବାର, ସେମାନେ ଆମକୁ ପଇସା ଦିଅନ୍ତୁ, ନଚେତ୍ ମୁଁ ସେମାନଙ୍କ ଦୂତାବାସ ବନ୍ଦ କରିଦେବି। ଆର୍ଥିକ ଦାବି ସହିତ ସେ ତୁର୍କୀର ସବୁଠାରୁ ସୁନ୍ଦରୀ ମହିଳାଙ୍କୁ ବିବାହ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି।

## ଖୁବ୍ ଶୀଘ୍ର ସେନାରେ ସାମିଲ ହେବ 'ଧ୍ରୁବାସ୍ତ୍ର' ମିସାଇଲ

### ଖରାପ ପାଣିପାଗରେ ବି ଶତ୍ରୁ ଟ୍ୟାଙ୍କରକୁ ଚିହ୍ନଟ କରିପାରିବ



**ନୂଆଦିଲ୍ଲୀ,୧୨।୪ଃ** ଭାରତର ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେସନ୍ (ଡିଆରଡିଓ) ଦ୍ୱାରା ବିକଶିତ 'ଧ୍ରୁବାସ୍ତ୍ର' ମିସାଇଲ ଖୁବ୍ ଶୀଘ୍ର ଭାରତୀୟ ସେନାରେ ସାମିଲ ହେବ। ଏଥିପାଇଁ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତି ଶେଷ ହୋଇଛି ବୋଲି ଡିଆରଡିଓ ପକ୍ଷରୁ କୁହାଯାଇଛି। ଏହା ହେଲିକପ୍ଟରରୁ ମାଡ କରାଯାଇ ପାରୁଥିବା 'ନାଗ' ଆଣ୍ଟି ଟ୍ୟାଙ୍କ ଗାଇଡେଡ୍ ମିସାଇଲ(ଏଟିଜିଏମ୍)ର ଆଧୁନିକ ସଂସ୍କରଣ। ଏହି ମିସାଇଲ କେବଳ ଆତ୍ମନିର୍ଭର ଭାରତର ଅଭିଯାନକୁ ଶକ୍ତି ପ୍ରଦାନ କରିବ ନାହିଁ, ଅଧିକନ୍ତୁ ଯୁଦ୍ଧକ୍ଷେତ୍ରରେ ବିଶେଷକରି ଉଚ୍ଚ ପାହାଡ ଅଞ୍ଚଳରେ ଭାରତୀୟ ବାୟୁସେନା ଓ ସ୍ଥଳ ସେନାର ମାରକ କ୍ଷମତାକୁ ବହୁ ଗୁଣିତ କରିଦେବ।

ଧ୍ରୁବାସ୍ତ୍ରର ପରିକଳ୍ପନା ୧୯୮୦ ଦଶକରେ ଡକ୍ଟର ଏପିଜେ ଅବଦୁଲ କଲାମ କରିଥିଲେ। "ଧ୍ରୁବାସ୍ତ୍ର"ର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ଥାର୍ଡ-ଜେନେରେସନ୍ ଫାୟାର ଆଣ୍ଡ ଫରଗେଟ୍ ପ୍ରଣାଳୀ। ଥରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପରେ ମିସାଇଲ ଅଟୋମେଟିକ୍ ରୂପରେ ଏହାକୁ ଟ୍ରାକ୍ କରି ନଷ୍ଟ କରିଦେଇଥାଏ। ଏହି ମିସାଇଲ ଖରାପ ପାଣିପାଗ ଓ ରାତିର ଅନ୍ଧକାରରେ ଶତ୍ରୁର ଟ୍ୟାଙ୍କରକୁ ଚିହ୍ନଟ କରି ତାକୁ ସଠିକ ଭାବରେ ଟାର୍ଗେଟ କରିପାରେ। ଆଧୁନିକ ଟ୍ୟାଙ୍କରର ଉପର ଭାଗ ସବୁଠାରୁ ଦୁର୍ବଳ ହୋଇଥାଏ। 'ଧ୍ରୁବାସ୍ତ୍ର' ପ୍ରଥମେ ଉପରକୁ ଯାଏ ଓ ପରେ ସିଧା ଉପରୁ ହିଁ ତଳକୁ ଆକ୍ରମଣ କରିଥାଏ। ଏହାଦ୍ୱାରା ବହୁ ପରିମାଣରର ବାହନ ବି ନଷ୍ଟ ହୋଇଯାଇଥାଏ। ଏହାର ମାରକ କ୍ଷମତା ୭ କିଲୋମିଟର ରହିଛି। ୪୩ କିଲୋଗ୍ରାମର ଏହି ମିସାଇଲ ୮୦୦ ମିଲିମିଟର ମୋଟା ଷ୍ଟିଲ୍ ପ୍ଲେଟ୍‌କୁ ଲକ୍ଷ୍ୟଭେଦ କରିବାର କ୍ଷମତା ରଖିଥିବା ସୂଚନା ଦିଆଯାଇଛି।

''ଧ୍ରୁବାସ୍ତ୍ର''କୁ ବିଶେଷ ଭାବରେ ଲଦାଖ ଭଳି ଉଚ୍ଚତା ଥିବା ଅଞ୍ଚଳ ପାଇଁ ପ୍ରସ୍ତୁତ କରାଯାଇଛି। ଏହା ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍ (ହାଲ୍) ଦ୍ୱାରା ନିର୍ମିତ ରୁଦ୍ର ଓ ପ୍ରଚଣ୍ଡ ଭଳି ଆଟାକ୍ ହେଲିକପ୍ଟରରୁ ମାଡ଼ କରାଯାଇପାରେ। ନିକଟରେ ସରକାର ୧୫୬ ପ୍ରଚଣ୍ଡ ହେଲିକପ୍ଟର ଅର୍ଡର କରିଥିଲେ। ଏହି ହେଲିକପ୍ଟର ଉପରେ 'ଧ୍ରୁବାସ୍ତ୍ର'ର ମୁତୟନ ଦ୍ୱାରା ଭାରତୀୟ ସେନାକୁ ସୀମାରେ ଶତ୍ରୁର ଟ୍ୟାଙ୍କରକୁ ଟାର୍ଗେଟ କରିହେବ।

## ଭାରତ ଗସ୍ତରେ ଆସିବେ ନେପାଳ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୧୨।୪ଃ** ଭାରତ ଏବଂ ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ (ବାଲେନ)ଙ୍କୁ ଭାରତ ଆସିବା ଲାଗି ଆମନ୍ତ୍ରଣ କରିଛନ୍ତି। ମରିସସଠାରେ ଆୟୋଜିତ ଭାରତ ମହାସାଗର ସମ୍ମିଳନୀ ଅବସରରେ ନେପାଳ ବୈଦେଶିକ ମନ୍ତ୍ରୀ ଶିଶିର ଖାନଲ ଏହି ସୂଚନା ଦେଇଛନ୍ତି। ଶାହ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ଭାରତ ପକ୍ଷରୁ ଏହି ବନ୍ଧୁତ୍ୱପୂର୍ଣ୍ଣ ଆମନ୍ତ୍ରଣ ପଠାଯାଇଥିଲା। ଭାରତର ଆମନ୍ତ୍ରଣ ଶାହ ଖୁସୀର ସହିତ ଗ୍ରହଣ କରିଛନ୍ତି ବୋଲି ନେପାଳର ବୈଦେଶିକ ମନ୍ତ୍ରୀ କହିଛନ୍ତି। ଏହି ଗସ୍ତ ଉଭୟ ଦେଶ ଲାଗି ଏକ ମାଇଲଖୁଣ୍ଟ ହେବ ତଥା ଏହା ଭାରତ ଓ ନେପାଳର ଦ୍ୱିପାକ୍ଷିକ ସମ୍ପର୍କକୁ ବୃଦ୍ଧି କରିବ ବୋଲି ଉଭୟ ଦେଶ ଆଶା ପ୍ରକଟ କରିଛନ୍ତି । ନେପାଳ ବୈଦେଶିକ ମନ୍ତ୍ରୀ ଖାନଲ ଓ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଅନୁଯାୟୀ, ଦୁଇ ଦେଶ ଏବେ ଏକ ସ୍ୱତନ୍ତ୍ର କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଦିଗରେ ଧ୍ୟାନ ଦେଉଛନ୍ତି। ବିଶେଷକରି ଜଳସମ୍ପଦ, ସୁରକ୍ଷା, ବାଣିଜ୍ୟ, କୃଷି ଓ ସୀମା ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପଡ଼ି ରହିଥିବା ପ୍ରକଳ୍ପଗୁଡ଼ିକୁ ପୁନର୍ଜୀବିତ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ରହିବ। ପ୍ରତୀକାତ୍ମକ ଗସ୍ତ ପରିବର୍ତ୍ତେ ଏକ ଦୃଢ଼ ରାଜନୈତିକ ଓ ବୈଷୟିକ ପ୍ରସ୍ତୁତି ପରେ ପ୍ରଧାନମନ୍ତ୍ରୀ ବାଲେନ ଶାହ ଭାରତ ଗସ୍ତରେ ଆସିବେ। ଏହା ପୂର୍ବରୁ ଭାରତର ବୈଦେଶିକ ସଚିବ ନେପାଳ ଗସ୍ତ କରି ଏଜେଣ୍ଡା ସ୍ଥିର କରିବା ନେଇ ମଧ୍ୟ ପରାମର୍ଶ ଦିଆଯାଇଛି।

# ବିଭ୍ରାନ୍ତିକର କାର୍ଯ୍ୟରୁ ଚୀନ ନିବୃତ୍ତ ରହୁ: ଜୈସୱାଲ



**ନୂଆଦିଲ୍ଲୀ,୧୨।୪ଃ** ଭାରତର ବିଭିନ୍ନ ଅଞ୍ଚଳକୁ ଚୀନ ନକଲିନାମ ଦେଇ ଦୁଇଦେଶ ମଧ୍ୟରେ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟିକରୁଛି। ଚୀନର ଏଭଳି ପଦକ୍ଷେପ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ବୋଲି ଭାରତ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ ଏକ ବିବୃତିରେ କହିଛନ୍ତି ଯେ, ଭାରତର ଅଂଶବିଶେଷ ହୋଇଥିବା ସ୍ଥାନଗୁଡ଼ିକ ପାଇଁ ଚୀନର ଏହି ବିଭ୍ରାନ୍ତିକର ନାମକରଣ ପ୍ରୟାସକୁ ଭାରତ ସବୁବେଳେ ପ୍ରତ୍ୟାଖ୍ୟାନ କରି ଆସୁଛି। ଚୀନ ଯେତେ ମିଥ୍ୟା ଦାବି କଲେ ବି ଅରୁଣାଚଳ ପ୍ରଦେଶ ଭାରତର, ଆଉ ଏହା ସବୁବେଳେ ଭାରତର ହୋଇ ରହିବ। ଏହି ପରିପ୍ରେକ୍ଷୀରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଚୀନକୁ ସତର୍କ କରାଇ ଦେଇ କହିଛି ଯେ, ଚୀନର ଏଭଳି କାର୍ଯ୍ୟକଳାପ ସୀମାରେ ସ୍ଥିରତା ଆଣିବା ପାଇଁ ଚାଲିଥିବା ଆଲୋଚନାକୁ ପ୍ରଭାବିତ କରୁଛି। ୨୦୨୦ ମସିହାରେ ଗଲୱାନ ଘାଟିରେ ସୃଷ୍ଟି ହୋଇଥିବା ସଂଘର୍ଷ ପରଠାରୁ ପ୍ରକୃତ ନିୟନ୍ତ୍ରଣ ରେଖା ବା ଏଲଏସିରେ ଉତ୍ତେଜନା ହ୍ରାସ କରିବା ପାଇଁ ଉଭୟ ଦେଶ ମଧ୍ୟରେ କ୍ରମାଗତ ଆଲୋଚନା ଜାରି ରହିଛି। ମାତ୍ର ଚୀନ ସୀମାନ୍ତରେ ଭିତ୍ତିଭୂମି ନିର୍ମାଣ କରିବା ଓ ସ୍ଥାନଗୁଡ଼ିକର ନାମ ବଦଳାଇ ଘୃଣ୍ୟ ଷଡ଼ଯନ୍ତ୍ର କରୁଛି। ଉଭୟ ଦେଶର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚୀନ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା ଉଚିତ ବୋଲି ଭାରତ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୦୨୫ ମସିହା ମେ' ମାସରେ ଚୀନ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳକୁ ନାମିତ କରିବାକୁ ଚେଷ୍ଟା କରିଥିଲା। ସେତେବେଳେ ଭାରତ ସରକାର ଏହାକୁ କଡ଼ା ପ୍ରତିବାଦ ଜଣାଇଥିଲେ। ଅରୁଣାଚଳ ପ୍ରଦେଶର ନିବାସୀଙ୍କ ଭିସା ଓ ଭ୍ରମଣ ସମ୍ବନ୍ଧୀୟ ବିବାଦକୁ ନେଇ ଚୀନ ପୂର୍ବରୁ ମଧ୍ୟ ଅନେକ ବିବାଦୀୟ ପଦକ୍ଷେପ ନେଇଛି।

# ଆଶାଙ୍କ ଲୋକପ୍ରିୟ ଗୀତ...

ଆଶା ତାଙ୍କର ଦୀର୍ଘ ଦଶନ୍ଧିର ସଂଗୀତ ଯାତ୍ରାରେ ବହୁ ଲୋକପ୍ରିୟ ଗୀତରେ କଣ୍ଠଦାନ କରିଥିଲେ। ପପ୍, ଇଣ୍ଡିପପ୍‌ଠାରୁ ଆରମ୍ଭ କରି ଶାସ୍ତ୍ରୀୟ ସଙ୍ଗୀତ, ଗଜଲ, ଠୁମରି, ଭଜନ ଆସି ସବୁ ଘରାନାର ଗୀତରେ ନିଜର ପାରଦର୍ଶିତା ଦେଖାଇଥିଲେ। ତାଙ୍କର ବହୁ ଲୋକପ୍ରିୟ ଗୀତଗୁଡ଼ିକ ମଧ୍ୟରେ ରହିଛିଃ

- ଚୁରାଲିୟା ହେ ତୁମନେ ଜୋ ଦିଲ କୋ (ୟାଦୋଁ କି ବାରାତ୍)
- ପିୟା ତୁ ଅବ୍ ତୋ ଆଜା (କାରୱାଁ)
- ଦମ ମାରୋ ଦମ (ହରେ ରାମା ହରେ କ୍ରିଷ୍ଣା)
- ଓ ମେରେ ସୋନାରେ (ତିସ୍‌ରି ମଂଜିଲ୍)
- ଇନ୍ ଆଖୋଁକି ମସ୍ତିମେ (ଉମ୍‌ରାଓ ଜାନ୍)
- ଅଭି ନା ଯାଓ ଛୋଡ୍ କର (ହମ ଦୋନୋ)
- ଓ ହସୀନା ଜୁଲଫୋଁୱାଲି (ତିସରି ମଂଜିଲ)
- ସଜନା ହେ ମୁଝେ ସଜନା କେ ଲିଏ (ସୌଦାଗର)
- ଝୁମ୍‌କା ଗିରାରେ (ମେରା ସାୟା)
- ଆଇରେ ଆଇରେ (ରଙ୍ଗିଲା)



### ● ବିଫଳ ବୈବାହିକ ଜୀବନ

ବହୁ ପ୍ରେମର ଗୀତରେ କଣ୍ଠଦାନ କରି ସେସବୁ ଗୀତକୁ ଅମର କରିଦେଇଥିବା ଆଶାଙ୍କ ବାସ୍ତବିକ ଜୀବନ କିନ୍ତୁ ଥିଲା ବିଷାଦରେ ପରିପୂର୍ଣ୍ଣ। ତାଙ୍କର ବୈବାହିକ ଜୀବନ ଥିଲା ଘଟଣାବହୁଳ ତଥା ସଂଘର୍ଷପୂର୍ଣ୍ଣ। ୧୯୪୯ ମସିହାରେ ମାତ୍ର ୧୬ ବର୍ଷ ବୟସରେ ନିଜ ବଡ଼ ଭଉଣୀ ଲତା ମଙ୍ଗେସକରଙ୍କ ସେକ୍ରେଟାରୀ ଗଣପତରାଓ ଭୋଁସଲେଙ୍କ ସହ ସେ ଘରଛାଡ଼ି ଚାଲିଯାଇଥିଲେ।
ଏହା ତାଙ୍କୁ ତାଙ୍କ ପରିବାରଠାରୁ ଦୂରେଇଦେବା ସହିତ ଲତାଙ୍କ ସହ ମନୋମାଳିନ୍ୟର କାରଣ ହୋଇଥିଲା। ମାତ୍ର ଗଣପତରାଓଙ୍କ ସହ ତାଙ୍କ ବିବାହ ତାଙ୍କ ଲାଗି ଶୁଭଙ୍କର ସାବ୍ୟସ୍ତ ହୋଇ ନଥିଲା। ଯେତେବେଳେ ଆଶାଙ୍କ ତୃତୀୟ ଥର ପାଇଁ ଗର୍ଭବତୀ ହୋଇଥିଲେ ସେତେବେଳେ ଗଣପତରାଓ ତାଙ୍କୁ ଘରୁ ବାହାର କରିଦେଇଥିଲେ। ପରେ ୧୯୮୦ରେ ସେ ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ ରାହୁଲ ଦେବ ବର୍ମନଙ୍କୁ ବିବାହ କରିଥିଲେ। ଅବଶ୍ୟ ଏହି ବିବାହ ତାଙ୍କର ବ୍ୟକ୍ତିଗତ ଜୀବନ ତଥା ସଙ୍ଗୀତ କ୍ୟାରିଅରକୁ ଏକ ନୂଆ ଦିଗ ପ୍ରଦାନ କରିଥିଲା।

### ● ୭ ଫିଲ୍ମଫେୟାର ପୁରସ୍କାର

ନିଜର ଅନନ୍ୟ ସଂଗୀତ ପ୍ରତିଭା ନିମନ୍ତେ ଆଶା ଭୋସଲେଙ୍କ ନାମ ୧୮ ଥର ଫିଲ୍ମଫେୟାର ପୁରସ୍କାର ଲାଗି ମନୋନୀତ ହୋଇଥିବା ବେଳେ ସେ ୭ ଥର ଫିଲ୍ମଫେୟାର ବେଷ୍ଟ ଫିମେଲ ପ୍ଲେବ୍ୟାକ୍ ସିଙ୍ଗର ପୁରସ୍କାର ଜିତିଥିଲେ। ୧୯୬୭ ଏବଂ ୧୯୬୮ ମସିହାରେ ସେ ଲଗାତାର ଦୁଇଥର ଫିଲ୍ମଫେୟାର ଜିତିଥିଲେ। ଏତଦବ୍ୟତୀତ, ସେ ୧୯୭୧ରେ 'ପିୟା ତୁ ଅବ ତୁ ଆଜା' ପାଇଁ ଏବଂ 'ଦମ ମାରୋ ଦମ' ପାଇଁ, ୧୯୭୩ରେ 'ହୋନେ ଲଗି ହେ ରାତ' ପାଇଁ, ୧୯୭୪ରେ 'ଚୈନ ସେ ହମକୋ କଭି' ପାଇଁ ଏବଂ ୧୯୭୮ରେ 'ୟେ ମେରେ ଦିଲ' ଗୀତ ଲାଗି ଫିଲ୍ମଫେୟାର ବେଷ୍ଟ ପ୍ଲେବ୍ୟାକ୍ ସିଗର ଆୱାଡ଼ ଜିତିଥିଲେ। ଏହାଛଡ଼ା ସେ ୧୯୯୬ରେ ସ୍ପେଶାଲ୍ ଆୱାର୍ଡ, ୨୦୦୧ରେ ଫିଲ୍ମଫେୟାର୍ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ୍ ଆୱାର୍ଡ, ୧୯୮୧ ଓ ୧୯୮୬ରେ ଜାତୀୟ ପୁରସ୍କାର ମଧ୍ୟ ହାସଲ କରିଥିଲେ।

### ● ଆଶାଙ୍କ ଓଡ଼ିଆ ଗୀତ

ଆଶା ଭୋସଲେ କେବଳ ହିନ୍ଦୀ, ବଙ୍ଗଳା କି ମରାଠୀ ଗୀତରେ ନିଜର କଣ୍ଠଦାନ କରିନାହାନ୍ତି, ଓଡ଼ିଆ ସଂଗୀତରେ ମଧ୍ୟ ସେ ଛାଡ଼ି ଯାଇଛନ୍ତି ତାଙ୍କ ସଂଗୀତର ମହକ। ଓଡ଼ିଆ ଫିଲ୍ମ 'ସମୟ'ରେ ତାଙ୍କର 'ଝିମିଝିମି ତା' ମଜା', ମାଆ ଫିଲ୍ମରେ 'ତୋ ନାଁରେ ପିନ୍ଧିଲି ଚୂଡ଼ି ଏବଂ 'ଟୋପାଏ ସିନ୍ଦୂର ଦି'ପଟ ଶଙ୍ଖାରେ 'ଜହ୍ନ ଗୋ ତୁମେ ଝୁରନା' ଆଦି ଗୀତ ଗାଇ ସେ ଓଡ଼ିଆ ଫିଲ୍ମସଂଗୀତକୁ ମଧ୍ୟ ସମୃଦ୍ଧ କରିଛନ୍ତି।

### ● ପରିଣତ ବୟସରେ କରିଥିଲେ ଅଭିନୟ

ଆଶା ୨୦୧୩ ମସିହାରେ ପ୍ରଥମ ଥର ପାଇଁ କୌଣସି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ସେ 'ମାଇ' ଚଳଚ୍ଚିତ୍ରରେ ଟାଇଟଲ୍ ଭୂମିକା ଅବତୀର୍ଣ୍ଣ ହେବା ସହ ବେଶ୍ ପ୍ରଶଂସା ମଧ୍ୟ ସାଉଁଟିଥିଲେ। ତେବେ ୭୦ ବର୍ଷ ବୟସରେ ପ୍ରଥମେ ସ୍କ୍ରିନ୍ ଶେୟାର୍ କରିବା ଅଭିଜ୍ଞତା ତାଙ୍କ ପାଇଁ ସକାରାତ୍ମକ ରହିଥିଲା।

### ● ଗ୍ରାମୀ ପୁରସ୍କାର ପାଇଁ ପ୍ରଥମ ମନୋନୀତ ଭାରତୀୟ ଗାୟିକା

ଅନ୍ତର୍ଜାତୀୟ ସଙ୍ଗୀତ ଜଗତର ଅନ୍ୟତମ ମର୍ଯ୍ୟାଦାଜନକ ପୁରସ୍କାର ଗ୍ରାମୀ ଆୱାର୍ଡ ପାଇଁ ୧୯୯୭ରେ ମନୋନୀତ ହୋଇଥିଲେ। ଏ କ୍ଷେତ୍ରରେ ସେ ଦେଶର ପ୍ରଥମ ଗାୟିକା ହେବାର ଗୌରବ ଅର୍ଜନ କରିଥିଲେ। ଥରେ ନୁହେଁ, ବରଂ ଦୁଇ ଦୁଇ ଥର ସେ ଏହି ପୁରସ୍କାର ଦୌଡ଼ରେ ସାମିଲ୍ ହୋଇଥିଲେ।

## ଆଜିଠାରୁ ଭିତର ରତ୍ନଭଣ୍ଡାରର ଗଣତିମଣତି



ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ଆସନ୍ତାକାଲିଠାରୁ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରର ଗଣତିମଣତି କାର୍ଯ୍ୟ ଆରମ୍ଭ ହେବ। ଏନେଇ ଆଜି ଏକ ପ୍ରସ୍ତୁତି ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୀ ଜିଲ୍ଲାପାଳଙ୍କ ସମେତ ରତ୍ନଭଣ୍ଡାର ଗଣତିମଣତି ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ରତ୍ନଭଣ୍ଡାର ଉପକମିଟିର ଅଧ୍ୟକ୍ଷ ଏବଂ ଗଣତିମଣତି ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ କିଭଳି ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟ କରାଯିବ, କେଉଁମାନେ ଭିତରେ ଓ ବାହାରେ ରହିବେ, କ'ଣସବୁ ବ୍ୟବସ୍ଥା ହେବ ସେନେଇ ସବିଶେଷ ଆଲୋଚନା ହୋଇଥିଲା। ତେବେ ଏସଓପି ଅନୁଯାୟୀ ପ୍ରତିଦିନ ଜିଲ୍ଲା ଟ୍ରେଜେରୀରୁ ଭିତର ରତ୍ନଭଣ୍ଡାରର ଚାବି ଅଣାଯାଇ ପୁରୀ ଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲାଯିବ। ଗଣତିମଣତି କାର୍ଯ୍ୟ ଶେଷ ପରେ ପ୍ରତ୍ୟେକ ଦିନ ଭିତର ରତ୍ନଭଣ୍ଡାରକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇ ଚାବି ଜିଲ୍ଲା ଟ୍ରେଜେରୀରେ ରଖାଯିବ। ରତ୍ନ ଅଳଙ୍କାର ବିଶେଷଜ୍ଞ, ଆରବିଆଇ ଅଧିକାରୀ ଉପସ୍ଥିତ ରହି ପ୍ରତ୍ୟେକ ରତ୍ନ ଅଳଙ୍କାରର ଗଣତିମଣତି କରିବା ସହ ରତ୍ନ ଅଳଙ୍କାରର ଓଜନ ଓ କେଉଁ ପ୍ରକାରର ମୋତି ମାଣିକ୍ୟ ରହିଛି, ତା'ର ଚିହ୍ନଟ କରିବେ। ସେହିପରି ସବୁ ରତ୍ନ ଅଳଙ୍କାର ଥ୍ରିଡି ସ୍କାନିଂ କରାଯାଇ ଡିଜିଟାଲ ଫଟୋଗ୍ରାଫି କରାଯିବ। ଏହାକୁ ନେଇ ଏକ ଡିଜିଟାଲ କ୍ୟାଟଲଗ୍ ପ୍ରସ୍ତୁତ କରାଯିବ ଯାହା ଫଳରେ ଆଗାମୀ ଦିନରେ ଯଦି କେବେ ଗଣତିମଣତି କାର୍ଯ୍ୟ ହୁଏ, ତାହା ଖୁବ୍ କମ୍ ସମୟ ଓ ସହଜରେ ହୋଇପାରିବ। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ରତ୍ନଭଣ୍ଡାରର ଗଣତିମଣତି କାର୍ଯ୍ୟ କରାଯାଇଥିଲା। ସେହିପରି ଗତ ୮ରୁ ୧୧ ତାରିଖ ୪ ଦିନ ଧରି ବାହାର ରତ୍ନଭଣ୍ଡାରର ଗଣତିମଣତି କାର୍ଯ୍ୟ କରାଯାଇଛି।

### ଇସ୍କନର ଅଦିନିଆ ରଥଯାତ୍ରା ବିବାଦ

# ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଗଜପତି

- ଏବର୍ଷ ୮୦ଟି ସ୍ଥାନରେ ଅଦିନିଆ ରଥଯାତ୍ରା ଯୋଜନା
- ଇସ୍କନ୍ ନ ସୁଧୁରିଲେ ଆଇନର ଆଶ୍ରୟ ନିଆଯିବ



ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ):ଦେଶ ବାହାରେ ଇସ୍କନ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅଦିନରେ କରୁଥିବାରୁ ଏହାକୁ ନେଇ ଅସନ୍ତୋଷ ଜାରି ରହିଛି। ପୁଣି ଇସ୍କନକୁ ସମାଲୋଚନା କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଏଥିସହ ବିଦେଶରେ ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ବନ୍ଦ ନେଇ କେନ୍ଦ୍ର ସରକାର ସହଯୋଗ ଲୋଡ଼ିଛନ୍ତି ଗଜପତି ମହାରାଜା। ପୁରୀ ଗଜପତି ମହାରାଜା କହିଛନ୍ତି ଯେ ଆଇନର ଆଶ୍ରୟ ନେବା ପୂର୍ବରୁ ସମସ୍ତ ବିଧେୟ ବ୍ୟବସ୍ଥା ଗ୍ରହଣ କରାଯିବ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏ ବିଷୟରେ ଅବଗତ କରାଯାଇଥିବା ବେଳେ ଉଭୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯିବ। ଏପରି ବିଚ୍ୟୁତିକୁ ରୋକିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଇସ୍କନ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ସମ୍ମାନ ଦେଇ ଅଦିନିଆ ରଥଯାତ୍ରା ବନ୍ଦ କରିବ ବୋଲି ଆଶା ରହିଛି। ବିଶ୍ୱର ବିଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା ରୋକିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଆସନ୍ତା ଡିସେମ୍ବର ସୁଦ୍ଧା ଇସ୍କନ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା ହେବାକୁ ଯାଉଥିବାରୁ ଗଜପତି ଏନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ପଦକ୍ଷେପ ପାଇଁ ଅବଗତ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଶନିବାର ଗଜପତିଙ୍କ ଅଧ୍ୟକ୍ଷତାରେ 'ଐକ୍ୟ ସ୍ଥାପନା ମଣ୍ଡଳୀ'ର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଗୋଟିଏ ତିଥିରେ ରଥଯାତ୍ରା ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ଅସମୟରେ ଭାରତ ବାହାରେ ୮୦ ସ୍ଥାନରେ ରଥଯାତ୍ରା ଓ ୧୦ଟି ସ୍ଥାନରେ ଇସ୍କନ୍ ପକ୍ଷରୁ ସ୍ନାନଯାତ୍ରା ଆୟୋଜନ ହେବ। ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପୁରୀ ଗଜପତି ମହାରାଜା। ବାରମ୍ବାର ଅନୁରୋଧ ସତ୍ତ୍ୱେ ଯଦି ଇସ୍କନ ଅଦିନରେ ମହାପ୍ରଭୁଙ୍କ ପର୍ବ ପାଳନ ଜାରି ରଖେ, ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି ସତର୍କ କରାଇଦେଇଛନ୍ତି ଗଜପତି ମହାରାଜା। ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସଜେଟିଏ) ଭାରତ ଓ ବିଦେଶର ସମସ୍ତ ଜଗନ୍ନାଥ ମନ୍ଦିରଗୁଡ଼ିକୁ ପବିତ୍ର ଶାସ୍ତ୍ର ଓ ପ୍ରାଚୀନ ଶ୍ରୀମନ୍ଦିର ପରମ୍ପରାରେ ନିର୍ଦ୍ଦିଷ୍ଟ ତିଥି ଅନୁଯାୟୀ ଦେବତାଙ୍କ ବାର୍ଷିକ ପର୍ବଗୁଡ଼ିକୁ କଠୋର ଭାବେ ପାଳନ କରିବାକୁ ଆହ୍ୱାନ ଦେଇଛି। ବୈଶାଖ କୃଷ୍ଣ-ପକ୍ଷ ନବମୀରେ ପ୍ରକାଶିତ ଏହି ବିବୃତ୍ତି ଆସନ୍ତା ମହାବିଶୁଭ ସଂକ୍ରାନ୍ତି ସହ ମେଳ ଖାଉଛି, ଯାହା ପୁରୀରେ ୨୦୨୬-୨୦୨୭ ପର୍ବ ବର୍ଷର ଆରମ୍ଭ। ଶ୍ରୀମନ୍ଦିର ପ୍ରଶାସନ ପୁରୀ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ସମସ୍ତ ପର୍ବଗୁଡ଼ିକର ତାଲିକା ସହ ଏକ ସରକାରୀ ଶ୍ରୀମନ୍ଦିର ମହୋତ୍ସବ କ୍ୟାଲେଣ୍ଡର ସଂଲଗ୍ନ କରିଛି। ଛୋଟ ମନ୍ଦିରଗୁଡ଼ିକ ପ୍ରତ୍ୟେକ ପର୍ବ ପାଳନ କରିପାରିବେ ନାହିଁ ବୋଲି ସ୍ୱୀକାର କରିବା ସହ ପ୍ରଶାସନ ସେମାନଙ୍କୁ ମନ୍ଦିର ଅବସ୍ଥିତ ସ୍ଥାନ ପାଇଁ ନିର୍ଦ୍ଧାରିତ ତିଥି ଅନୁଯାୟୀ ପ୍ରମୁଖ ବାର୍ଷିକ ଉତ୍ସବଗୁଡ଼ିକ ପାଳନ କରିବାକୁ ଅନୁରୋଧ କରିଛି।

## ବୁଡ଼ିବାକୁ ବସିଲାଣି କ୍ୟାଟରିଂ ବ୍ୟବସାୟ

- ମିଳୁନି ବାଣିଜ୍ୟିକ ଏଲପିଜି ସିଲିଣ୍ଡର
- ସରକାରଙ୍କ ହସ୍ତକ୍ଷେପ ଦାବି କଲା ସଂଘ




ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ଇରାନ-ଆମେରିକା ଯୁଦ୍ଧ ପରେ ଏଲପିଜି ସିଲିଣ୍ଡରର ଯେଉଁ ଅଭାବ ସୃଷ୍ଟି ହୋଇଛି, ସେଥିରେ ବିଭିନ୍ନ ବ୍ୟାବସାୟିକ ଅନୁଷ୍ଠାନ ଭଳି କ୍ୟାଟରିଂ ସଂସ୍ଥା ବି ଗୁରୁତର ଭାବେ ପ୍ରଭାବିତ ହୋଇଛି। ରାଜ୍ୟରେ ୨ ହଜାରରୁ ଅଧିକ କ୍ୟାଟରିଂ ସଂସ୍ଥା କାର୍ଯ୍ୟ କରୁଥିବା ବେଳେ ଏହା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଛନ୍ତି ୨ ଲକ୍ଷରୁ ଅଧିକ ଲୋକ। କିନ୍ତୁ ଗତ ଦୁଇ ମାସ ହେଲା କ୍ୟାଟରିଂ ସଂସ୍ଥାକୁ ମିଳୁନି ବାଣିଜ୍ୟିକ ସିଲିଣ୍ଡର। ଯେଉଁଥିପାଇଁ ଏହି ବ୍ୟବସାୟ ଉପରେ ନିର୍ଭର କରୁଥିବା ଲକ୍ଷାଧିକ ଲୋକ ଏବେ ରୋଜଗାର ହରାଇବାକୁ ବସିଲେଣି। ଏନେଇ ସରକାରଙ୍କ ହସ୍ତକ୍ଷେପ ଦାବି କରିଛି ଓଡ଼ିଶା କ୍ୟାଟରିଂ ସଂଘ। ସରକାର କହୁଛନ୍ତି ଯେ ୭୦ ପ୍ରତିଶତ ବାଣିଜ୍ୟିକ ସିଲିଣ୍ଡର ଯୋଗାଇ ଦିଆଯାଉଛି। କିନ୍ତୁ କ୍ୟାଟରିଂ ବ୍ୟବସାୟୀଙ୍କୁ ଗୋଟିଏ ବି ସିଲିଣ୍ଡର ଦିଆଯାଉନାହିଁ। ଫଳରେ ଏଥିସହ ଜଡ଼ିତ ଲକ୍ଷାଧିକ କର୍ମଚାରୀଙ୍କ ଜୀବିକା ବିପଦରେ ପଡ଼ିଛି। ଏହି ସମସ୍ୟା ନେଇ 'କ୍ୟାଟରିଂ ଆସୋସିଏସନ୍ ଅଫ ଓଡ଼ିଶା' ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ସଂଘର ଅଭିଯୋଗ ଅନୁଯାୟୀ, ଏହି ସମସ୍ୟା ନେଇ ପୂର୍ବରୁ ଯୋଗାଣ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ମନ୍ତ୍ରୀ ଶୀଘ୍ର ସମାଧାନର ଆଶ୍ୱାସନା ଦେଇଥିଲେ ହେଁ ଏବେ ମଧ୍ୟ କୌଣସି ବାସ୍ତବିକ ପଦକ୍ଷେପ ନିଆଯାଇନାହିଁ। ସରକାର ତୁରନ୍ତ ସମସ୍ୟା ପ୍ରତି ଗୁରୁତ୍ୱ ଦେବାକୁ ସଂଘ ଦାବି କରିଛି।

### 'ନାରୀ ଶକ୍ତି–ଓଡ଼ିଆ ଅସ୍ମିତା' କାର୍ଯ୍ୟକ୍ରମରେ ଯୋଗଦେଲେ ରାଜ୍ୟପାଳ

# ମହିଳା ସଶକ୍ତିକରଣ ଏକ ଜାତୀୟ ଆବଶ୍ୟକତା




ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ମହିଳା ସଶକ୍ତିକରଣ ଏକ ଜାତୀୟ ଆବଶ୍ୟକତା ଓ ସମାବେଶୀ ବିକାଶ ପାଇଁ ଅତ୍ୟାବଶ୍ୟକ। ଯେଉଁ ସମାଜ ମହିଳାଙ୍କୁ ସମ୍ମାନ ଦିଏ ଓ ସେମାନଙ୍କର ବିକାଶ କରେ, ସେହି ସମାଜ ଶକ୍ତି ଓ ମର୍ଯ୍ୟାଦା ସହ ଅଗ୍ରଗତି କରେ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଆଜି ଦି ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ 'ନାରୀ ଶକ୍ତି- ଓଡ଼ିଆ ଅସ୍ମିତା' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହାକୁ ସମୟୋପଯୋଗୀ ଓ ଅର୍ଥପୂର୍ଣ୍ଣ ବୋଲି ବର୍ଣ୍ଣନା କରିବା ସହ ଏହା ଓଡ଼ିଶାର ସାଂସ୍କୃତିକ, ସାମାଜିକ ଓ ଆର୍ଥିକ ପରିଚୟ ଗଠନରେ ମହିଳାମାନଙ୍କ ଅବଦାନକୁ ସମ୍ମାନିତ କରୁଛି ବୋଲି କହିଛନ୍ତି।

ରାଜ୍ୟପାଳ ଆହୁରି କହିଛନ୍ତି ଯେ ମହିଳାମାନେ ପରିବାରର ଭିତ୍ତି, ମୂଲ୍ୟବୋଧର ପ୍ରଥମ ଶିକ୍ଷୟିତ୍ରୀ ଏବଂ ସହାନଭୂତିଶୀଳ ଓ ପ୍ରଗତିଶୀଳ ସମାଜର ନୀରବ ସ୍ଥପତି। ଆଜିର ମହିଳାମାନେ ଶାସନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଉଦ୍ୟମିତା, କ୍ରୀଡ଼ା, କଳା ଏବଂ ସଶସ୍ତ୍ର ବାହିନୀ ଭଳି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରୁଛନ୍ତି। ଆଧୁନିକ ଭାରତୀୟ ମହିଳା ଆତ୍ମବିଶ୍ୱାସୀ, ସକ୍ଷମ ଓ ନିଜ ଅଧିକାରର ନେତୃତ୍ୱ ନେଉଛନ୍ତି ବୋଲି ରାଜ୍ୟପାଳ କହିଛନ୍ତି। ଏହି ରୂପାନ୍ତରଣ ରାଜ୍ୟ ଓ କେନ୍ଦ୍ର ସ୍ତରରେ ପ୍ରଗତିଶୀଳ ନୀତି ଓ ଦୂରଦର୍ଶୀ ନେତୃତ୍ୱ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ରାଜ୍ୟପାଳ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାରୀ ଶକ୍ତିର ଗୁରୁତ୍ୱ ଉପରେ ପ୍ରାଥମିକତା ଦେଉଛନ୍ତି ବୋଲି ଉଲ୍ଲେଖ କରି ରାଜ୍ୟପାଳ କହିଛନ୍ତି ଯେ ମହିଳାମାନେ ଆର୍ଥିକ, ସାମାଜିକ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କଲେ ହିଁ ସମାବେଶୀ ବିକାଶ ସମ୍ଭବ ବୋଲି ରାଜ୍ୟପାଳ କହିଛନ୍ତି। ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହେବାକୁ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରି ରାଜ୍ୟପାଳ ଏହା ଶାସନରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ାଇ ଗଣତନ୍ତ୍ରକୁ ମଜବୁତ କରିବ ବୋଲି କହିଛନ୍ତି। ଏହାଛଡ଼ା ଓଡ଼ିଆ ଅସ୍ମିତା ରାଜ୍ୟର ଐତିହ୍ୟରେ ଗଭୀର ଭାବେ ପ୍ରତିଫଳିତ ଓ ମହିଳାମାନେ ଏହାର ସଂରକ୍ଷଣ ଓ ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ମହିଳା ନେତୃତ୍ୱାଧୀନ ବିକାଶ ଏକ ବିକଶିତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ କହିଛନ୍ତି। ସେହିପରି ଆଜିର କାର୍ଯ୍ୟକ୍ରମ ସକରାତ୍ମକ ସାମାଜିକ ପରିବର୍ତ୍ତନକୁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ମହିଳାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଦି ଟାଇମ୍ସ ଅଫ୍ ଇଣ୍ଡିଆ, ଭୁବନେଶ୍ୱରର ରେସପନ୍ସ ହେଡ୍ ପ୍ରୋଗ୍ୟାବ୍ରତ ବ୍ରହ୍ମ ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ୟୁରୋ ଚିଫ୍ ଅଶୋକ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଆନନ୍ଦପୁର ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ୩୦୧ କୋଟି ବିନିଯୋଗରେ ୫୫ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

**ଆନନ୍ଦପୁରରେ ହେବ ଇନ୍‌ଡୋର୍ ଷ୍ଟାଡିୟମ୍ ଓ ଫୁଟବଲ ଷ୍ଟାଡିୟମ୍**




କେନ୍ଦୁଝର,୧୨।୪(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଏକ ମୁଖ୍ୟ ନଗର ଓ ଏହା ପ୍ରାଚୀନ କାଳରୁ ଏକ ପ୍ରସିଦ୍ଧ ନଗରୀ ଭାବେ ଖ୍ୟାତି ଲାଭ କରିଛି। ଓଡ଼ିଶାର ଧର୍ମ ପରମ୍ପରାରେ ଆନନ୍ଦପୁରର ସ୍ୱତନ୍ତ୍ରତା ରହିଛି ବୋଲି ଆନନ୍ଦପୁର ମହୋତ୍ସବର ଉଦ୍‌ଯାପନୀ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି। ସେ ଆନନ୍ଦପୁର ଅଞ୍ଚଳର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ପୁଣ୍ୟତୋୟା ବୈତରଣୀ ତଟରେ ଅବସ୍ଥିତ ଏହି ପବିତ୍ର ଭୂମି ଧର୍ମୀୟ ସମନ୍ୱୟ ଓ ସଂସ୍କୃତିକ ଐତିହ୍ୟର ଏକ ଅନନ୍ୟ ଦୃଷ୍ଟାନ୍ତ ବୋଲି ସେ ମତ ବ୍ୟକ୍ତ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆନନ୍ଦପୁର ମହୋତ୍ସବ କେବଳ ଏକ ଉତ୍ସବ ନୁହେଁ, ବରଂ ଗ୍ରାମୀଣ ଓ ଲୋକସଂସ୍କୃତିକୁ ଲୋକମାନଙ୍କ ସମ୍ମୁଖରେ ଆଣିବାର ଏକ ପ୍ରଭାବଶାଳୀ ମଞ୍ଚ। ଏହା ମାଧ୍ୟମରେ ଲୁକ୍କାୟିତ ପ୍ରତିଭାମାନଙ୍କୁ ଚିହ୍ନଟ କରାଯାଉଛି ଓ ଲୋକନୃତ୍ୟ, ଲୋକସଙ୍ଗୀତ ପରମ୍ପରାକୁ ସୁରକ୍ଷିତ ରଖାଯାଉଛି। ଉତ୍ତର ଓଡ଼ିଶାର ଉନ୍ନତି ପାଇଁ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଇଛି ଓ ଏହା ମାଧ୍ୟମରେ ଜିଲ୍ଲାର ବିକାଶ ତ୍ୱରାନ୍ୱିତ ହେବ। କେନ୍ଦୁଝରରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଆଗେଇ ଚାଲିଥିବା ସହ ଜିଲ୍ଲାକୁ ଏକ ଶିଳ୍ପସମୃଦ୍ଧ କେନ୍ଦ୍ର ଭାବେ ଗଢ଼ିବାର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ଆହୁରି କହିଥିଲେ ଯେ କେନ୍ଦୁଝର-ବଡବିଲ-ଯୋଡ଼ା ଅଞ୍ଚଳକୁ ରାଜ୍ୟର ଏକ ଶକ୍ତିଶାଳୀ ଅର୍ଥନୈତିକ କରିଡର୍ ଭାବେ ବିକଶିତ କରାଯିବ। ଡାଟା ସେଣ୍ଟର, ଟେକ୍ସଟାଇଲ୍ ପାର୍କ, ଷ୍ଟାଡିୟମ ଓ ରାସ୍ତା ଭଳି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଜିଲ୍ଲାରେ ଆରମ୍ଭ ହୋଇଛି, ଯାହା ଅଞ୍ଚଳର ସାମଗ୍ରିକ ଉନ୍ନତିକୁ ଆଗକୁ ନେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କରିଥିଲେ ଯେ ଖୁବ୍‌ଶୀଘ୍ର ଆନନ୍ଦପୁରରେ ଇନ୍‌ଡୋର୍ ଷ୍ଟାଡିୟମ୍ ଓ ଫୁଟବଲ ଷ୍ଟାଡିୟମ୍ ନିର୍ମାଣ ହେବ। ଏହି ଷ୍ଟାଡିୟମ୍ ନିର୍ମାଣରେ ଯାହା ବି ଅର୍ଥ ଆବଶ୍ୟକ ହେବ ସେ ସମସ୍ତ ଖର୍ଚ୍ଚ ଆମ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମହୋତ୍ସବ ଅବସରରେ ଆନନ୍ଦପୁର ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ମୋଟ ୩୦୧ କୋଟି ଟଙ୍କାର ୫୫ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଛି। ଏଥିରେ ୨୬୭ କୋଟି ୫୦ ଲକ୍ଷ ଟଙ୍କା ବିନିଯୋଗରେ ୪୧ଟି ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ୩୪ କୋଟି ୧୫ ଲକ୍ଷ ଟଙ୍କା ଖର୍ଚ୍ଚରେ ୧୪ଟି ପ୍ରକଳ୍ପର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସବୁ ଦଳର...

ଅଧିନିୟମ ସଂସଦରେ ପାରିତ ହୋଇ ଆଇନର ମାନ୍ୟତା ପାଇଛି। କିନ୍ତୁ ଏଥିରେ ୨୦୨୭ ଜନଗଣନା ଆଧାରରେ ସଂରକ୍ଷଣ ପରିବର୍ତ୍ତେ ୨୦୧୧ ଜନଗଣନା ଆଧାରରେ ୨୦୨୯ ନିର୍ବାଚନ ପୂର୍ବରୁ କାର୍ଯ୍ୟକାରୀ କରିବା ପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି।

ସେପଟେ ସଂସଦର ସ୍ୱତନ୍ତ୍ର ଅଧିବେଶନ ସମ୍ପର୍କରେ ବିଜେପି ଲୋକସଭା ଓ ରାଜ୍ୟସଭା ସାଂସଦମାନଙ୍କୁ ତିନିଧାଡ଼ିଆ ହ୍ୱିପ୍ ଜାରି କରିଛି। ଏଥିରେ ସବୁ ସାଂସଦଙ୍କୁ ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଗୃହରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ଏହି ହ୍ୱିପ୍ ମାଧ୍ୟମରେ ସମସ୍ତ କେନ୍ଦ୍ର ମନ୍ତ୍ରୀ ଓ ସଦସ୍ୟଙ୍କୁ ଏହି ତିନି ଦିନ ଗୃହରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ଗୃହରେ ଉପସ୍ଥିତି ବାଧ୍ୟତାମୂଳକ, କୌଣସି ଛୁଟି ବି ଦିଆଯିବ ନାହିଁ ବୋଲି କୁହାଯାଇଛି।

ତେବେ ପ୍ରଧାନମନ୍ତ୍ରୀଙ୍କ ଚିଠିର ଉତ୍ତରରେ ଏଆଇସିସି ସଭାପତି ମଲିକାର୍ଜୁନ ଖଡ୍‌ଗେ ମହିଳା ସଂରକ୍ଷଣ ବିଲକୁ ତରବରିଆ ଭାବେ କାର୍ଯ୍ୟକାରୀ କରିବା ସକାଶେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ସନ୍ଦେହ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ୨୦୨୩ରେ ଏହି ଅଧିନିୟମ ସଂସଦର ସ୍ୱୀକୃତି ଲାଭ କରିବା ପରେ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କଂଗ୍ରେସ ଦାବି କରିଥିଲା। ଇତିମଧ୍ୟରେ ଏହି ଘଟଣାକୁ ୩୦ ମାସ ବିତିଗଲାଣି, କିନ୍ତୁ ସରକାର ଏହାକୁ କାର୍ଯ୍ୟକାରୀ କରିନାହାଁନ୍ତି। ଏବେ ହଠାତ ବିଲ୍‌ରେ ପ୍ରସ୍ତାବିତ ସଂଶୋଧନ ସମ୍ପର୍କରେ ବିରୋଧୀ ଦଳକୁ ଅବଗତ ନ କରି ସହଯୋଗ ଲୋଡ଼ାଯାଉଛି। ଏହି ଐତିହାସିକ ବିଲ୍‌ରେ ଆସିବାକୁ ଥିବା ସଂଶୋଧନ ସମ୍ପର୍କରେ ପୂର୍ବରୁ ନଜାଣି ଆଲୋଚନା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

କେତେ ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ କେନ୍ଦ୍ର ସରକାର ଏହାକୁ କାର୍ଯ୍ୟକାରୀ କରି ବିଜେପି ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ପ୍ରଥମେ ସର୍ବଦଳୀୟ ବୈଠକ ଡାକି ସୀମା ପୁନଃନିର୍ଦ୍ଧାରଣ ଓ ଜନଗଣନା ନେଇ ଆଲୋଚନା କରନ୍ତୁ। ପୂର୍ବରୁ କଂଗ୍ରେସ ମଧ୍ୟ ଏହି ଦାବି କରିଆସୁଛି। କିନ୍ତୁ ସରକାର ଏହାକୁ ଗ୍ରହଣ କରୁନାହାଁନ୍ତି ବୋଲି ଶ୍ରୀ ଖଡ୍‌ଗେ କହିଛନ୍ତି।

### ଲୋକଙ୍କ...

ପାଖରେ ଦେଖି ଜିଲ୍ଲାର ବିଭିନ୍ନ ଗାଁଗହଳିରୁ ଆସିଥିବା ଗରିବଗୁରୁବା ତାଙ୍କୁ ନିଜ ନିଜର ଗୁହାରୀ ଜଣାଇଥିଲେ।

ରାଜଧାନୀରେ ଥିବା ସମୟରେ ଯେପରି ପ୍ରତି ସୋମବାର ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟେକଟି ଅଭିଯୋଗ ଶୁଣିଥାନ୍ତି ଏବଂ ତା'ର ତ୍ୱରିତ ସମାଧାନ ପାଇଁ ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି, ଆଜି ମଧ୍ୟ ସମାନ ଢଙ୍ଗରେ ମୁଖ୍ୟମନ୍ତ୍ରୀ ଗୋଟି ଗୋଟି ସବୁ ଅଭିଯୋଗ ଶୁଣିଲେ, ଦରଖାସ୍ତ ଗ୍ରହଣ କଲେ ଓ ତୁରନ୍ତ ସମାଧାନ ପାଇଁ ଅଫିସରଙ୍କୁ ନିର୍ଦ୍ଦେଶ ବି ଦେଲେ। ଏହି ଅବସରରେ ବିଭିନ୍ନ ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ ସଂଘର କର୍ମକର୍ତ୍ତା ଓ ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନର ସଦସ୍ୟାମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ କହିବା ସହ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଥିଲେ। ନିଜ ଜିଲ୍ଲା ଲୋକଙ୍କ ସମସ୍ୟା ଶୁଣି ତୁରନ୍ତ ସେସବୁର ସମାଧାନ ପାଇଁ ନିର୍ଭର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

### ୨୧ ଘଣ୍ଟାର...

ପ୍ରତିନିଧି ଦଳ ଆମେରିକା ଫେରିଯାଇଛନ୍ତି। ତେବେ ଫେରିଯିବା ପୂର୍ବରୁ ଭାନ୍ସ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି ଯେ, ଆମେରିକା ଇସଲାମାବାଦରୁ ବିନା ଚୁକ୍ତିରେ ଫେରିଯାଉଛି। ତେବେ ଏହା ଆମେରିକାଠାରୁ ଇରାନ ପାଇଁ ସବୁଠୁ ଅଧିକ ଖରାପ ଖବର। ଭାନ୍ସ ଏକଥା ବି କହିଛନ୍ତି, ବୁଝାମଣାର ରାସ୍ତା ଏଯାଏ ବନ୍ଦ ହୋଇନାହିଁ କି ଶାନ୍ତିର ସମ୍ଭାବନା ଶେଷ ହୋଇନାହିଁ। ଆମେ ସେମାନଙ୍କୁ ଚୂଡ଼ାନ୍ତ ପ୍ରସ୍ତାବ ଦେଇ ଯାଉଛୁ।

ଇସଲାମାବାଦର ଶାନ୍ତି ଆଲୋଚନା ବିଫଳ ହୋଇଯିବା ପରେ ବିଶ୍ୱ ପୁଣିଥରେ ଏକ ସମ୍ଭାବ୍ୟ ଯୁଦ୍ଧ ଆଡ଼କୁ ଠେଲି ହୋଇଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଏବେ ସମଗ୍ର ବିଶ୍ୱରେ ଶକ୍ତି ସଙ୍କଟ ଦେଖାଯାଇଛି। ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଶୀଘ୍ର ଯୁଦ୍ଧ ଶେଷ କରିବାକୁ ବିଶ୍ୱର ବିଭିନ୍ନ ସ୍ତରରୁ ଚାପ ପକାଯାଉଛି। ତେଣୁ ଶନିବାରର ଶାନ୍ତି ଆଲୋଚନା ବିଫଳ ହେବା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ତେବେ ଏହି ପରିପ୍ରେକ୍ଷୀରେ, ଏକ ଭଲ ଖବର ସାମ୍ନାକୁ ଆସୁଛି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଆମେରିକା ଓ ଇରାନ୍ ମଧ୍ୟରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଛନ୍ତି। ପୁଟିନ୍ ତାଙ୍କ ଇରାନ ପ୍ରତିପକ୍ଷ ମସୁଦ ପେଜେସ୍କିଆନ୍‌ଙ୍କୁ ଫୋନ୍ କରି ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ସମ୍ପର୍କରେ ପଚାରି ବୁଝିଥିଲେ ବୋଲି ରୁଷ୍ ନ୍ୟୁଜ ଏଜେନ୍ସି ଇଣ୍ଟରଫାକ୍ସ ରବିବାର କହିଛି। ପୁଟିନ କହିଛନ୍ତି ଯେ, ରୁଷ ପଶ୍ଚିମ ଏସିଆ ବିବାଦରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଅଛି।

### ଆରପାରିରେ...

କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ସୃଷ୍ଟି କରିଛି। ତାଙ୍କ ବିୟୋଗରେ ବଲିଉଡର ସଙ୍ଗୀତ ଜଗତ ସମେତ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଦେହାନ୍ତ ସହିତ ଭାରତୀୟ ସଙ୍ଗୀତ ଦୁନିଆରେ ଗୋଟିଏ ଯୁଗର ଅବସାନ ଘଟିଲା ବୋଲି ଆଶାଙ୍କ ସଂଗୀତପ୍ରେମୀ ମତବ୍ୟକ୍ତ କରିଛନ୍ତି। ଆଶାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ମାତ୍ରେ ସାମାଜିକ ଗଣମାଧ୍ୟମରେ ତାଙ୍କର ପ୍ରଶଂସକଙ୍କଠାରୁ ଆରମ୍ଭ କରି ବିଶିଷ୍ଟ ସେଲିବ୍ରିଟିଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ମହାନ ଶିଳ୍ପୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ତାଙ୍କ ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ୱିଟର ଜରିଆରେ ତାଙ୍କର ଆରୋଗ୍ୟ କାମନା କରିଥିଲେ।

ଭାରତୀୟ ସଙ୍ଗୀତ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ମହାନାୟିକା ଆଶା ଭୋସଲେ ନିଜ କ୍ୟାରିଅରରେ ୧୨ ହଜାରରୁ ଅଧିକ ଗୀତ ଗାଇ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ କରିଥିଲେ। ପପ୍, ଗଜଲ, ଭଜନ ଏବଂ ଶାସ୍ତ୍ରୀୟ ସଙ୍ଗୀତ ଭଳି ପ୍ରତ୍ୟେକ କ୍ଷେତ୍ରରେ ସେ ନିଜର ପରାକାଷ୍ଠା ପ୍ରତିପାଦନ କରିଥିଲେ। ଏହି ମହୀୟସୀ ମହିଳାଙ୍କୁ ତାଙ୍କର ଜୀବନବ୍ୟାପୀ ସଂଗୀତ ସାଧନା ନିମନ୍ତେ ଦାଦା ସାହେବ ଫାଲକେ ଓ ପଦ୍ମ ବିଭୂଷଣ ଭଳି ସମ୍ମାନରେ ଭୂଷିତ କରାଯାଇଥିଲା। ସୋମବାର ଅପରାହ୍ନ ୪ଟା ବେଳେ ଦାଦର ସ୍ଥିତ ଐତିହାସିକ ଶିବାଜୀ ପାର୍କରେ ତାଙ୍କର 'ରାଷ୍ଟ୍ରୀୟ ମର୍ଯ୍ୟାଦା' ସହ ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶା ଭୋସଲେଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛନ୍ତି। ସେ ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି, ଆଶା ଭୋସଲେଙ୍କ ଗୀତସବୁ କୋଟି କୋଟି ଭାରତୀୟଙ୍କ ଜୀବନରେ ଚିରଦିନ ପାଇଁ ପ୍ରତିଧ୍ୱନିତ ହେବ। ଆଶା ଭୋସଲେ ଦେଶର ଜଣେ ସ୍ୱନାମଧନ୍ୟା ଗାୟିକା ଥିଲେ। ଦଶନ୍ଧି ଦଶନ୍ଧି ବ୍ୟାପୀ ତାଙ୍କର ଅମର ସଙ୍ଗୀତମୟ ଯାତ୍ରା ଆମର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିଥିଲା ଏବଂ ବିଶ୍ୱର ଅଗଣିତ ହୃଦୟକୁ ଛୁଇଁଥିଲା। ତାଙ୍କ ସ୍ୱର କାଳଜୟୀ, ଯାହା ସବୁବେଳେ ଚମତ୍କାରିତା ବହନ କରୁଥିଲା। ତାଙ୍କ ସହ ମୋର ସାକ୍ଷାତକୁ ମୁଁ ସର୍ବଦା ସ୍ମରଣ କରିବି। ସେହିପରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, କିମ୍ବଦନ୍ତୀ ସଙ୍ଗୀତଜ୍ଞା ଆଶା ଭୋସଲେଙ୍କ ସୁମଧୁର କଣ୍ଠ ଦେଶର ଲକ୍ଷ ଲକ୍ଷ ଲୋକଙ୍କ ହୃଦୟକୁ ଛୁଇଁପାରିଛି। ହିନ୍ଦୀ, ମରାଠୀ, ବଙ୍ଗଳା, ତାମିଲ ପରି ଅନେକ ଭାଷାରେ ସେ ତାଙ୍କ ଛାପ ଛାଡ଼ି ଯାଇଛନ୍ତି। ଏପରିକି ଲୋକ ସଙ୍ଗୀତକୁ ମଧ୍ୟ ସେ ତାଙ୍କ ସ୍ୱର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ୍ ପ୍ରମୁଖ ଦିଂବଗତ ଗାୟିକାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଅନ୍ୟପକ୍ଷରେ ଏହି ଦୁଃଖଦ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ 'ଏକ୍ସ' ହ୍ୟାଣ୍ଡଲ୍‌ରେ ଉଲ୍ଲେଖ କରିଛନ୍ତି, କିମ୍ବଦନ୍ତୀ ଗାୟିକା ଆଶା ଭୋସଲେଙ୍କ ମୃତ୍ୟୁ ଖବର ମୋତେ ମର୍ମାହତ କରିଛି। ତାଙ୍କ ସୁମଧୁର ସଙ୍ଗୀତ ପିଢ଼ି ପରେ ପିଢ଼ିକୁ ଆନନ୍ଦ ଦେଇଆସିଛି। ତାଙ୍କ ପରଲୋକରେ କଳା ଜଗତରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି। ସେହିପରି ଶ୍ରୀ ପ୍ରଧାନ ମଧ୍ୟ ସୋସିଆଲ୍ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି, କିମ୍ବଦନ୍ତୀ ସ୍ୱର ଆଶାଙ୍କ ପରଲୋକ କୋଟି କୋଟି ସଙ୍ଗୀତପ୍ରେମୀଙ୍କ ହୃଦୟରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତାଙ୍କ ପରି ଅମର ସ୍ୱର ପିଢ଼ି ପରେ ପିଢ଼ିକୁ ପ୍ରଭାବିତ କରିଆସିଛି। କଳା ଓ ସଙ୍ଗୀତ ଜଗତକୁ ତାଙ୍କ ଅବଦାନ ଅବିସ୍ମରଣୀୟ। ସେ ସବୁବେଳେ ସଙ୍ଗୀତପ୍ରେମୀଙ୍କ ହୃଦୟରେ ବଞ୍ଚିରହିବେ ବୋଲି ସେ କହିଛନ୍ତି।

୧୯୩୩ ମସିହା ସେପ୍ଟେମ୍ବର ୮ ତାରିଖରେ ସାଙ୍ଗଲି (ବର୍ତ୍ତମାନ ମହାରାଷ୍ଟ୍ରରେ) ନାମକ ଏକ ଛୋଟ ଗାଁରେ ପଣ୍ଡିତ ଦୀନାନାଥ ମଙ୍ଗେସକରଙ୍କ କୋଳରେ ଆଶାଙ୍କର ଜନ୍ମ ହୋଇଥିଲା। ଆଶା ମାତ୍ର ୯ ବର୍ଷର ହୋଇଥିବା ବେଳେ ପିତାଙ୍କୁ ହରାଇଥିଲେ। ଏହାପରେ ତାଙ୍କ ପରିବାର ପୁଣେରୁ କୋହ୍ଲାପୁର ଏବଂ ପରେ ପରେ ମୁମ୍ବାଇ ଚାଲିଆସିଥିଲେ। ପରିବାର ପ୍ରତିପୋଷଣ ନିମନ୍ତେ ବଡ଼ ଭଉଣୀ ଲତା ମଙ୍ଗେସକରଙ୍କ ସହ ଆଶା ଖୁବ୍ କମ୍ ବୟସରୁ ଗୀତ ଗାଇବା ଆରମ୍ଭ କରିଥିଲେ। ୧୯୪୩ରେ ସେ ମରାଠୀ ଚଳଚ୍ଚିତ୍ର 'ମାଝା ବଲ୍' ପାଇଁ କଣ୍ଠଦାନ କରିଥିଲେ। ତାଙ୍କ ଚଳଚ୍ଚିତ୍ର ଜୀବନର ଏହି ପ୍ରଥମ ଗୀତ ଥିଲା 'ଚଲା ଚଲା ନଭ ବାଲା'। ତେବେ ୧୯୪୮ ମସିହାରେ ହଂସରାଜ ବହଲଙ୍କ 'ଚୁନରିଆ' ଫିଲ୍ମରେ 'ସାୱନ ଆୟା' ଗୀତଟିକୁ ଗାଇ ସେ ତାଙ୍କର ହିନ୍ଦୀ ଚଳଚ୍ଚିତ୍ର ଯାତ୍ରା ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ଏକକ ହିନ୍ଦୀ ଚଳଚ୍ଚିତ୍ର ଗୀତ 'ରାତ କି ରାନୀ' (୧୯୪୯) ଚଳଚ୍ଚିତ୍ର ପାଇଁ ଥିଲା।

ତେବେ ୧୯୫୩ ମସିହାରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ପରିଣୀତା' ତାଙ୍କୁ ଘରେଘରେ ପରିଚିତ କରାଇଥିଲା। ସେ ୯୨ ବର୍ଷ ବୟସରେ ମଧ୍ୟ ସଂଗୀତରେ ସକ୍ରିୟ ରହିଥିଲେ ଓ ଗୀତ ରେକର୍ଡ କରିଥିଲେ। ୯୧ ବର୍ଷ ବୟସରେ, ସେ ତାଙ୍କ ନାତୁଣୀ ଜନାଇ ଭୋଁସଲେଙ୍କ ସହିତ ତାଙ୍କର ଶେଷ ଗୀତ ରେକର୍ଡ କରିଥିଲେ। ଗୀତଟିର ଶୀର୍ଷକ ଥିଲା 'ସୈୟାଁ ବିନା' ଯାହାକୁ ୟୁଟ୍ୟୁବରେ ୧.୫ ନିୟୁତରୁ ଅଧିକ ଥର ଲୋକମାନେ ଉପଭୋଗ କରିଥିଲେ।

# ଯୁବ ଓ ମାତୃଶକ୍ତିର ଆଶା ପୂରଣ କରିବ 'ଡବଲ୍ ଇଞ୍ଜିନ୍'



**ପଶ୍ଚିମବଙ୍ଗ ଆଉ ସହିବନି ଟିଏମସି ହିଂସା, ଲୁଟ୍ ଓ ଏକଛତ୍ରବାଦ**

ନନ୍ଦୀଗ୍ରାମ,୧୨।୪: ପଶ୍ଚିମବଙ୍ଗ ଆଜି ଏକ ନିର୍ଣ୍ଣାୟକ ମୋଡ଼ରେ ଛିଡ଼ା ହୋଇଛି। ନନ୍ଦୀଗ୍ରାମରେ ଯୁବବର୍ଗ ଓ ମାତୃଶକ୍ତି ତଥା ବଙ୍ଗଳାର ଜନସାଧାରଣ ଏବେ ପରିବର୍ତ୍ତନ ଚାହୁଁଛନ୍ତି। ଦୀର୍ଘଦିନର ଅନ୍ୟାୟ, ଅରାଜକତା ଓ ଭୟର ରାଜନୀତିକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ବେଙ୍ଗଲ ଏବେ ସଂକଳ୍ପବଦ୍ଧ ବୋଲି ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ସମେତ ବିଭିନ୍ନ ସ୍ଥାନରେ ପ୍ରଚାର ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି 'ଡବଲ୍ ଇଞ୍ଜିନ୍' ସରକାର ହିଁ ଯୁବ ଓ ମାତୃଶକ୍ତିର ଆଶା ପୂରଣ କରିବ ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ପଶ୍ଚିମବଙ୍ଗର ଯୁବପିଢ଼ି ଆଜି ରୋଜଗାର, ଦକ୍ଷତା ବିକାଶ ଓ ଭଲ ସୁଯୋଗ ପାଇବା ପାଇଁ ଇଚ୍ଛୁକ। ବିଜେପିର ସଂକଳ୍ପ ପତ୍ରରେ ଥିବା ଷ୍ଟାର୍ଟଅପ୍ ପ୍ରୋତ୍ସାହନ ଓ ନିଯୁକ୍ତି ସୁଯୋଗ ଏହି ଆଶାକୁ ପୂରଣ କରିବା ପାଇଁ ଏକମାତ୍ର ମାର୍ଗ। ଅପରପକ୍ଷରେ ମହିଳାମାନେ ସୁରକ୍ଷା, ସମ୍ମାନ ଏବଂ ଆର୍ଥିକ ସଶକ୍ତିକରଣ ଚାହୁଁଛନ୍ତି। ଟିଏମସି ସରକାରରେ ମହିଳାଙ୍କ ପ୍ରତି ହେଉଥିବା ଅସମ୍ମାନର ଅନ୍ତିମ ଘଡ଼ି ଆସିଯାଇଛି। ଯେଉଁ ଭୟ ଓ ଘୃଣାର ରାଜନୀତି ପାଇଁ ବେଙ୍ଗଲବାସୀ ଦିନେ ବାମପନ୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ, ଆଜି ସମାନ କାରଣ ପାଇଁ ଟିଏମସିକୁ ମଧ୍ୟ ବିଦା କରିବାକୁ ମନସ୍ଥ କରିଛନ୍ତି। ରାଷ୍ଟ୍ରପତିଙ୍କ ପ୍ରତି ହୋଇଥିବା ଅସମ୍ମାନଜନକ ଆଚରଣ ବଙ୍ଗଳାର ସାନ୍ତାଳ ସମ୍ପ୍ରଦାୟ ତଥା ସମଗ୍ର ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଏକ ଆଘାତ। ବେଙ୍ଗଲବାସୀ ଏହି ଅହଂକାରର ଜବାବ ନିଶ୍ଚିତ ଦେବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏଥିସହ ଆଉ ପଶ୍ଚିମବଙ୍ଗ ଟିଏମସିର ହିଂସା, ଲୁଟ୍ ଓ ଏକଛତ୍ରବାଦକୁ ସହିବ ନାହିଁ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ୩ ଦଣ୍ଡୁଆ ମୃତ

ଢେଙ୍କାନାଳ,୧୨।୪(ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ବାଲିମି ଥାନା ଅନ୍ତର୍ଗତ ପାଟଲା ଗାଁରେ ଦଣ୍ଡ ନାଚ ପାଇଁ ଟେଣ୍ଟ୍ ବାନ୍ଧିବା ବେଳେ ଘଟିଛି ଅଘଟଣ। ୧୧ କେଭି ତାର ସଂସ୍ପର୍ଶରେ ଆସି ୩ ଜଣ ଦଣ୍ଡୁଆ ମୃତ୍ୟୁବରଣ କରିଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକମାନେ ହେଲେ ଓଡ଼ାପଡ଼ା ବିଡ଼ୋର ମିଳନ୍ ମହାଳିକ (୩୪), ପାଟଲାର ଲକ୍ଷ୍ମୀଧର ସାହୁ (୨୪) ଓ ସୁଧାକର ସାହୁ (୪୦)। ସେହିପରି ଗୁରୁତର ପାଟଲାର ପ୍ରଫୁଲ୍ଲ ତରାଇ ଓ ନିର୍ମଳ ସାହୁ ଅନୁଗୁଳ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ନାବାଳିକାକୁ ଅପହରଣ ଅଭିଯୋଗ

ରାଜନଗର,୧୨।୪ (ସଂଚାର ବ୍ୟୁରୋ): ରାଜନଗର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ଆଜି ରାଜନଗର ଥାନାରେ ଅଭିଯୋଗ ହୋଇଛି । ଗତକାଲି ସନ୍ଧ୍ୟା ୬ ଘଟିକା ସମୟରେ ନାବାଳିକା ଗାଁ ମନ୍ଦିରକୁ ପୂଜା କରିବାକୁ ଯାଇଥିଲା । ଘରକୁ ନଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରି ଝିଅକୁ ପାଇନଥିଲେ । ବିବେକ ବିଶ୍ୱାଳ ନାମକ ଜଣେ ଯୁବକ ନାବାଳିକାଙ୍କୁ ମୋଟର ସାଇକେଲ ଯୋଗେ ଅପହରଣ କରିଥିବା ନେଇ ଆଜି ଝିଅର ବାପା ରାଜନଗର ଥାନାରେ ଅଭିଯୋଗ କରିଛନ୍ତି।

## କାମ କରିବାକୁ ଯାଇ ଯୁବକ ନିଖୋଜ

ରାଜନଗର,୧୨।୪ (ସଂଚାର ବ୍ୟୁରୋ): ରାଜନଗର ଥାନା ଅନ୍ତର୍ଗତ ଭିତରଗଡ ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗାଁର ସସ୍ମିତା ସାହୁଙ୍କ ଅଭିଯୋଗ ମୁତାବକ ମୋ ସ୍ୱାମୀ ବିଶ୍ୱନାଥ ସାହୁ ନିରୀହ ଅଟନ୍ତି। ମୁଁ ବନ୍ଧୁ ଘରକୁ ଆସିଥିବା ବେଳେ ଆମକୁ ନଜଣାଇ ଏହି ଥାନା ଅନ୍ତର୍ଗତ ସିରିଗଡ ଗାଁର ନଳକୂପ ଠିକାଦାର ଲକ୍ଷ୍ମୀଧର ବିଶ୍ୱାଳ ତାଙ୍କୁ ଶିଖାଇ କାମ କରିବାକୁ ଭଦ୍ରକ ଅଞ୍ଚଳକୁ ନେଇ ଯାଇଥିଲେ । ଆମେ ଖବର ପାଇ ଠିକାଦାରଙ୍କ ନମ୍ବର ଆଣି ଫୋନ କରିବାରୁ ସେ ଟ୍ୟୁବଲ କାମ କରୁଛି । ତାଙ୍କୁ ଆଣି ଘରେ ଛାଡିବେ ବୋଲି କହିଥିଲେ । ଜାଗର ଦିନ ଫୋନ କରି ଆସନ୍ତାକାଲି ସକାଳ ୧୦ ଟାରେ ବିଶ୍ୱନାଥଙ୍କୁ ଘରେ ପହଞ୍ଚାଇବେ ବୋଲି କହିଥିଲେ । ମାତ୍ର ଆଜି ଯାଏଁ ବିଶ୍ୱନାଥଙ୍କ ଖୋଜ ଖବର ମିଳୁନି। ଠିକାଦାର କେଉଁଠି ଲୁଚାଇ ରଖି କାମ କରାଇବା ସହ ଆମକୁ ମଜୁରି ଟଙ୍କା ଦେଉନି କି ବିଶ୍ୱନାଥଙ୍କୁ ଘରେ ପହଞ୍ଚାଉ ନାହିଁ । ଏପରିକି ୨ ମାସ ହେଲା ସ୍ୱାମୀ ସହିତ ଆମର କଥାବାର୍ତ୍ତା କରାଇ ଦେଉନାହାନ୍ତି । ଠିକାଦାର ଏବେ ଫୋନ ମଧ୍ୟ ଉଠାଉ ନାହି ବୋଲି ସସ୍ମିତା ଅଭିଯୋଗ କରିଛନ୍ତି । ତିନି ମାସର ପୁଅକୁ ଧରି ବାରମ୍ବାର ଥାନାକୁ ଦୌଡୁଥିଲେ ମଧ୍ୟ ପୁଲିସ କିଛି ବୁଝୁନଥିବା ନେଇ ସସ୍ମିତା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଆଇଆଇସି ନରେଶ କୁମାର ସାହୁଙ୍କୁ ପଚାରିବାରୁ ଏନେଇ ଥାନାରେ ନିଖୋଜ ମାମଲା ରୁଜୁ ହୋଇଛି ବୋଲି କହିଛନ୍ତି ।

## ଲୁଟେରାଙ୍କ ଆକ୍ରମଣରେ ଗୃହକର୍ତ୍ତା ଗୁରୁତର



ନବରଙ୍ଗପୁର / ଉମରକୋଟ, ୧୨।୪ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳ ୱାର୍ଡ ନମ୍ବର ୮ ର ଜମାଇ କଲୋନୀ ସ୍ଥିତ ତାରକ ହାଲଦାର ଙ୍କ ଘରେ ମଧ୍ୟ ରାତ୍ରିରେ ଲୁଟ ହୋଇଥିବା ଦେଖିବାକୁ ମିଳିଛି। ରାତି ଅଧରେ ମୁହଁରେ କଳା କପଡା ବାନ୍ଧି କବାଟ ଭାଙ୍ଗିବା ସହ ତାରକଙ୍କୁ ଫାର୍ଶାରେ ଆକ୍ରମଣ କରିଥିଲେ ଫଳରେ ତାରକ ଗୁରୁତର ଅବସ୍ଥାରେ ସେମାନଙ୍କ ସମ୍ମୁଖରେ ପଡି ରହିଥିଲେ ତଥାପି ସେମାନେ ତାରକକୁ ଛାଡି ନଥିଲେ। ତାରକଙ୍କ ଘରୁ ତାରକଙ୍କୁ ମାଡ଼ ମାରି କିଛି ଟଙ୍କା, ମୋବାଇଲ, ସ୍ତ୍ରୀର ଦୁଇଟି କାନ ଫୁଲ, ସୁନା ଚୁଡ଼ି ଲୁଟ କରି ନେଇଛନ୍ତି। ଡକାୟତିଙ୍କ ମାଡ଼ରେ ତାରକଙ୍କ ମୁଣ୍ଡ ଫାଟି ଯାଇଛି ଏବଂ ସେ ଗୁରୁତର ଅବସ୍ଥାରେ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ଘଟଣା ବିଷୟରେ ପୁଲିସ ଖବର ପାଇ ବିଳମ୍ବିତ ରାତିରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଆହତ ହୋଇଥିବା ତାରକ ନିଜେ ପ୍ରକାଶ କରିଛନ୍ତି। ଅନ୍ୟପଟେ ଉମରକୋଟ ଅଞ୍ଚଳରେ ଚୋରି ସଂଖ୍ୟା ବଢ଼ିବାରେ ଲାଗିଛି ତେଣୁ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି।

### ଖୋଲିଲା ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ରହସ୍ୟ

## ହୃଦ୍‌ଘାତ ମୃତ୍ୟୁର କାରଣ

କୋରେଇ,୧୨।୪(ସଂଚାର ବ୍ୟୁରୋ): ବିଗତ ୮ ତାରିଖରେ ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ଠାରେ ଥିବା ଘରୋଇ ଶିକ୍ଷାନୁଷ୍ଠାନରେ ୬ବର୍ଷ ଧରି ଶିକ୍ଷାଦାନ ଦେଉଥିବା ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ କୁରାଢ଼ିଲ ଗ୍ରାମର ବାସିନ୍ଦା ରସାୟନ ବିଜ୍ଞାନର ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ସେନାପତି( ଗୁଡ଼ିଆ -୩୪)ଙ୍କ ଭଡାଘରେ ଥିବା ବେଳେ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଯାଜପୁର ରୋଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଚିକତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପାଣିକୋଇଲି ପୁଲିସ ଓ ପରିବାର ଲୋକ, ଶିକ୍ଷନୁଷ୍ଠାନର କର୍ମକର୍ତ୍ତାଙ୍କ ସହାୟତାରେ ମୃତଶରୀରକୁ ବ୍ୟବଚ୍ଛେଦ ପାଇଁ ଦାନଗଦି ମେଡିକାଲକୁ ପଠାଇ ଦିଆଯାଇଥିଲା। ଦୀର୍ଘ ୫ଦିନ ପରେ ଆଜି ପୋଷ୍ଟମଟମ ରିପୋର୍ଟ ଆସିଲା ପରେ ମୃତ୍ୟୁ ଉପରେ ଆସୁଥିବା ସନ୍ଦେହ ଉପରୁ ସବୁ ପରଦା ହଟିଛି । ସତ ପଦାକୁ ଆସିଛି। କିଛି ଛାପା ଓ ସୋସିଆଲ ଗଣମାଧ୍ୟମରେ ଶିକ୍ଷୟତ୍ରୀଙ୍କ ମୃତ୍ୟୁ ଏବଂ ତାଙ୍କ ଚରିତ୍ରକୁ ନେଇ ମିଥ୍ୟା ଅପପ୍ରଚାର କରାଯାଉଥିବା କଥାକୁ ଶିକ୍ଷାନୁଷ୍ଠାନ ଓ ପରିବାର ପକ୍ଷରୁ ଦୃଢ ନିନ୍ଦା କରାଯାଇଅଛି। ହୃଦଘାତଜନିତ ମୃତ୍ୟୁ ବୋଲି ଡାକ୍ତର ଦୀପକ କୁମାର ମହାନ୍ତି ରିପୋର୍ଟ ଆସିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

## ବିଦେଶୀ ମଦ ଦୋକାନରୁ ଲୁଟ୍ ଘଟଣାରେ ୨ ଗିରଫ




ଢେଙ୍କାନାଳ,୧୨।୪ (ସଂଚାର ବ୍ୟୁରୋ): ଢେଙ୍କାନାଳ ବସଷ୍ଟାଣ୍ଡ ନିକଟରେ ଥିବା ଏକ ବିଦେଶୀ ମଦ ଦୋକାନରେ ଅନିୟମିତତା କରି ୬୨ଲକ୍ଷ ୧ହଜାର ୩୩୦ଟଙ୍କା ଲୁଟ୍ ହୋଇଥିବା ଶନିବାର ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୋଲିସ ତଦନ୍ତ କରି ବିଦେଶୀ ମଦ ଦୋକାନର ମ୍ୟାନେଜର ବିନୋଦ କୁମାର ବେହେରା(୫୧) ଓ ସେଲ୍ସ ମ୍ୟାନ ଦୟାନିଧି ବରାଳ(୬୦) ଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛନ୍ତି । ଗିରଫ ବିନୋଦଙ୍କ ଘର ସଦର ଥାନା ବେଶାଳିଆ ଗ୍ରାମରେ ହୋଇଥିବା ବେଳେ ଦୟାନିଧିଙ୍କ ଘର ଢେଙ୍କାନାଳ ସହର ଗୁଡିଆନାଳୀ ଅଂଚଳରେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଶନିବାର ଜଣେ ଗ୍ରାହକ ଏକ ବ୍ରାଣ୍ଡ ମଦ ନେବାକୁ ଆସିଥିବା ବେଳେ ହଠାତ୍ ମ୍ୟାନେଜର ଓ ସେଲ୍ସ ମ୍ୟାନ୍ ସେହି ମଦ ନାହିଁ ବୋଲି ତାଙ୍କୁ ମନା କରିଦେଇଥିଲେ । ଏ ସମ୍ପର୍କରେ ଜାଣିବା ପରେ ଦୋକାନୀ ମାଲିକ ଅଳ୍ପଦିନ ତଳେ ଷ୍ଟକ୍ ଥିବା ଜାଣି ଷ୍ଟକ୍ ରେଜିଷ୍ଟର ଓ ଅନ୍ୟାନ୍ୟ କାଗଜପତ୍ର ଯାଂଚ କରିବା ପରେ ଘଟଣା ପଦାକୁ ଆସିଥିଲା । ଏହାପରେ ଦୋକାନ ମାଲିକ ଗଣେଶବଜାର ଶ୍ରୀରାମ ବିହାର ଅଂଚଳର ଦେବବ୍ରତ ମହାନ୍ତିଙ୍କ ପତ୍ନୀ ପ୍ରଭାସିନୀ ମହାନ୍ତି ଟାଉନ ଥାନାରେ ଏକ ଅଭିଯୋଗ କରିଥିଲେ। ଏହାକୁ ନେଇ ଟାଉନ ଥାନାରେ କେସ୍ ନଂ-୨୫୦।୨୬, ଦଫା-୩୧୬(୪)/୩(୫), ବିଏନ୍‌ଏସ୍ରେ ମାମଲା ରୁଜୁ କରାଯାଇଥିଲା । ପୋଲିସ ଘଟଣାର ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଟାଉନ ଥାନା ଅଧିକାରୀ ଧିରେନ୍ କୁମାର ବେହେରା ଅବଗତ କରାଇଛନ୍ତି ।

## ନଡ଼ିଆ ଗଛରୁ ପଡ଼ି ଯୁବକ ମୃତ

ରାଜନଗର,୧୨।୪ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଡେରା ଗାଁର ଜେନ ଯୁବକ ନଡିଆ ଗଛରୁ ଖସିପଡି ମୃତ୍ୟୁବରଣ କରିଛନ୍ତି । ସୂଚନା ମୁତାବକ ଡେରା ଗାଁର ଶିଶିର କୁମାର ମହାନ୍ତି ( ୩୮ ବର୍ଷ ) ଆଜି ଦିନ ପ୍ରାୟ ୩ ଘଟିକା ସମୟରେ ନିଜ ବାଡିରେ ଥିବା ନଡିଆ ଗଛକୁ ଚଢିଥିଲେ। ନଡିଆ ତୋଳୁଥିବା ସମୟରେ ଅସାବଧାନତା ବଶତ ତଳକୁ ଖସି ପଡିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶିଶିରଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ବାସହରା ପରିବାରକୁ ଆବାସ ଯୋଜନାରେ ମିଳୁନି ଘର

# କ୍ଲବ ଘରେ ବିତୁଛି ଜୀବନ



ବଡ଼ଗାଁ,୧୨।୪ (ସଂଚାର ବ୍ୟୁରୋ): ରାଜ୍ୟ ଓ କେନ୍ଦ୍ର ସରକାର ବାସହରା କିମ୍ବା ଭଙ୍ଗାଦଦରା ମାଟି ଘରେ ରହୁଥିବା ପରିବାର ଗୁଡ଼ିକ ପାଇଁ ଯୋଜନା ମାଧ୍ୟମରେ ପକ୍କା ଘର ଯୋଗାଇ ଦେବା ବ୍ୟବସ୍ଥା କରିଛନ୍ତି। ହେଲେ ରାଜନୈତିକ ତୁଷ୍ଟିକରଣ ଓ ଅସାଧୁ କର୍ମଚାରୀଙ୍କ ଅବହେଳା ଯୋଗୁଁ ପ୍ରକୃତ ହିତାଧିକାରୀ ଚିହ୍ନଟରେ ପ୍ରାଥମିକତାକୁ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଦୀର୍ଘ ବର୍ଷରୁ ଲୋକେ ଭଙ୍ଗାଦଦରା ବିପଦସଙ୍କୁଳ ଘରେ ରହି ଆସୁଛନ୍ତି। ଏଭଳି ଏକ ବାସହରା ପରିବାରର ଯନ୍ତ୍ରଣାଦାୟକ ଘଟଣା ଦୃଷ୍ଟିକୁ ଆସିଛି।

ଘଟଣା ଅନୁଯାୟୀ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ପଞ୍ଚାୟତ, ଜାଙ୍ଗଲୀ ଗ୍ରାମର ଶିବ ବେହେରା, ତାଙ୍କ ସ୍ତ୍ରୀ ଗୋଲାପି ବେହେରା ଓ ଦୁଇ ଛୋଟ ଝିଅଙ୍କୁ ନେଇ ପରିବାର। ଭଙ୍ଗାଦଦରା ମାଟି ଘରେ ରହି ଆସିଥିବା ଏହି ପରିବାର ଯଦିବା ପ୍ରକୃତ ହିତାଧିକାରୀ ତଥାପି ପ୍ରାଥମିକତା ଭିତ୍ତିରେ ହିତାଧିକାରୀ ଚିହ୍ନଟ ହେଉନଥିବାରୁ ସେ ଦୀର୍ଘ ବର୍ଷ ହେଲା ଭଙ୍ଗାଦଦରା ମାଟି ଘରେ ରହିଆସୁଥିଲେ। ଅନ୍ୟପଟେ ଏଭଳି ପରିବାର ଯୋଜନାରୁ ବଞ୍ଚିତ ହୋଇଥିଲା ବେଳେ ଏହି ଗ୍ରାମର ସକ୍ଷମ ପରିବାରଙ୍କୁ ମିଳିଛି ଆବାସ ଯୋଜନାର ଘର। ତେବେ ଶିବ ବେହେରାଙ୍କ ଘର ଝଡବର୍ଷାରେ ଭାଙ୍ଗି ଯାଇଥିଲା। ସେ ଦୁଇ ଛୋଟ ପିଲାଙ୍କୁ ଧରି ଗ୍ରାମବାସୀଙ୍କୁ ଜଣାଇବାରୁ ଗ୍ରାମବାସୀମାନେ କ୍ଲବ ଘରେ ମୁଣ୍ଡ ଗୁଞ୍ଜିବା ପାଇଁ ଜାଗା ଦେଇଛନ୍ତି।

ସରପଞ୍ଚ ଯୁଧିଷ୍ଠିର ବାଡ଼ାଙ୍କୁ ପଚରିବୁଝିବାରେ ସେ କହିଛନ୍ତି, ଶିବ ବେହେରାଙ୍କ ଘର ଭାଙ୍ଗି ପଡ଼ିବାରୁ ସେ ଏକ କ୍ଲବ ଘରେ ଆଶ୍ରୟ ନେଇଛନ୍ତି। ମୁଁ ଏ ନେଇ ବିଡ଼ିଓଙ୍କୁ ଜଣାଇଛି। ଆସନ୍ତା ପଞ୍ଚାୟତିରାଜ ଦିବସ ଦିନ ତାଙ୍କୁ ଅନ୍ତୋଦ୍ୟେୟ ଯୋଜନାରେ ଘର ଦିଆଯିବ ବୋଲି କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବଡ଼ଗାଁ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଆର୍ଥିକ ସକ୍ଷମ ପରିବାର ଆବାସ ଯୋଜନାର ଘର ପାଇଥିଲା ବେଳେ ଅନେକ ଭଙ୍ଗାଦଦରା ଘରେ ରହିଆସୁଛନ୍ତି। ପ୍ରାଥମିକତା ଭିତ୍ତିରେ ହିତାଧିକାରୀ ଚିହ୍ନଟ ହେଉନଥିବାରୁ ଯୋଜନା ଦିଗହରା ହୋଇପଡିଛି। ଫଳରେ ଦୀର୍ଘ ବର୍ଷ ହେଲା ପ୍ରକୃତ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଆସୁଛନ୍ତି।

### ଦଶରଥପୁରରେ ବିଜେପିର ମିଶ୍ରଣ ପର୍ବ

## ଯୋଗଦେଲେ ଅନ୍ୟ ଦଳର ନେତା ଓ କର୍ମୀ



ଯାଜପୁର ଟାଉନ, ୧୨।୪ (ସଂଚାର ବ୍ୟୁରୋ): ଦଶରଥପୁର ବ୍ଲକ୍‌ର ଅହିୟାସ କାଳିପଡ଼ିଆରେ ଆଜି ଆୟୋଜିତ ବିଜେପିର ବିଶାଳ ମିଶ୍ରଣ ପର୍ବ ଅଞ୍ଚଳର ରାଜନୈତିକ ପରିସ୍ଥିତିକୁ ନୂଆ ମୁହାଁ ଦେଇଛି। କେନ୍ଦ୍ରରେ ନରେନ୍ଦ୍ର ମୋଦୀ ଓ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ଡବଲ ଇଂଜିନ ସରକାରର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବହୁ ସଂଖ୍ୟକ ନେତା ଓ କର୍ମୀ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମନମୋହନ ସାମଲଙ୍କ ଦୃଢ଼ ସଂଗଠନାତ୍ମକ ନେତୃତ୍ୱକୁ ସମର୍ଥନ କରି ବିଭିନ୍ନ ପଞ୍ଚାୟତର ପ୍ରମୁଖ ବ୍ୟକ୍ତିତ୍ୱମାନେ ବିଧିବଦ୍ଧ ଭାବରେ ଦଳରେ ସାମିଲ ହୋଇଥିଲେ।

କସପା ପଞ୍ଚାୟତର ସରପଞ୍ଚ ଦୀପ୍ତିବାଳା ନାୟକ, ଯୁବ ସଂଗଠକ ବାପି ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଭାତ ନାୟକ, ଜୟନ୍ତରା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତୁଷାରକାନ୍ତ ନାୟକ, ଗୋଲଖି ସାମଲ, ସୌଭାଗ୍ୟ ଯେନା ଓ ପରମେଶ୍ୱର ରାଉତ ସମେତ ଅନେକ ସକ୍ରିୟ କର୍ମୀ ବିଜେଡି ଓ କଂଗ୍ରେସ ଛାଡ଼ି ବିଜେପିରେ ଯୋଗଦାନ କରିଥିଲେ। ଏହି ଅବସରରେ ଯୋଗଦାନକାରୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସମ୍ମାନ ସହ ସ୍ୱାଗତ କରାଯାଇଥିଲା। ସ୍ଥାନୀୟ ନେତୃତ୍ୱ ଏହାକୁ ଅଞ୍ଚଳରେ ବିଜେପିର ବୃଦ୍ଧିଶୀଳ ପ୍ରଭାବର ପ୍ରମାଣ ବୋଲି ମତ ପ୍ରକାଶ କରିଥିଲେ।

## ଉଦ୍‌ଘାଟିତ ହେଲା ‘ନିରୀକ୍ଷଣ ଟାୱାର ସହ ସଂଯୁକ୍ତ ଏକକ ଗୃହ’



ଫୁଲବାଣୀ, ୧୨।୪ (ସଂଚାର ବ୍ୟୁରୋ): ଖଜୁରୀପଡା ବନପାଳ ଅଧୀନରେ ଫୁଲବାଣୀ ବନ ଡିଭିଜନ ତରଫରୁ ପ୍ରଥମ ଥର ପାଇଁ ଲାକାଟି (ଗାଡ଼ିଆ ପଡା) ଘାଟିରେ ୩୫ଲକ୍ଷ ଅଧିକ ଟଙ୍କା ରୁ ନିର୍ମାଣ କରାଯାଇଛି, ଗୋଟିଏ ବର୍ଷ ରୁ ଅଧିକ ଦିନରେ ନିର୍ମାଣ ସରିଛି, ଆଜି ଫୁଲବାଣୀ ମାନ୍ୟବର ବିଧାୟକ ଉମା ଚରଣ ମଲ୍ଲିକ ଙ୍କ ଦ୍ୱାରା ଉଦ୍ଘାଟନ କଲେ, ଏହା ଫୁଲବାଣୀ ବନ ଡିଭିଜନ ତରଫରୁ ପ୍ରଥମ ଥର ନିର୍ମାଣ ହୋଇଛି, ଏହି ଉଦଘାଟନ କାର୍ଯ୍ୟକ୍ରମ ରେ ଫୁଲବାଣୀ ଡି ଏଫ ଓ ପ୍ରତାପ କୋଟପାଲି, ଏ ସି ଏଫ ଲିନା ସାହୁ,ବନାଞ୍ଚଳ ଅଧିକାର ଆଶାଲତା ଦିଗାଲ, ଖଜୁରୀପଡା ବନପାଳ ପ୍ରତାପ ଜୁଣ୍ଡି,ଫୁଲବାଣୀ ବନ ପାଳ ସରୋଜ ମିଶ୍ର,ପରିଷଦ ଉର୍ବଶୀ ଡିଗାଲ, ବିଧାୟକ ପ୍ରତିନିଧି ଅନନ୍ତ ଡିଗାଲ,ଅରବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୟୁଥ୍ ଫେଷ୍ଟ ତରଫରୁ ରକ୍ତଦାନ ଶିବିର

### ୫୭ ୟୁନିଟ୍ ରକ୍ତ ସଂଗୃହୀତ



ନୀଳଗିରି, ୧୨।୪ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ନୀଳଗିରୀ ଅଞ୍ଚଳ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳଗିରୀ ୟୁଥ୍ ଫେଷ୍ଟ ତରଫରୁ ଆଜି ସକ୍ରିୟ ସଦସ୍ୟ ସ୍ୱର୍ଗତ ଅସିତ୍ କୁମାର ପରିଡା ଏବଂ ପ୍ରତାପ ପରିଚ୍ଛା ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ୱର୍ଗତ କାଲୁ ଭାଇ ଓରଫ ଅସିତ ପରିଡ଼ା ଙ୍କ ବଡ଼ଭାଇ ପ୍ରଦୀପ୍ତ ପରିଡ଼ା ଏବଂ ସ୍ୱର୍ଗତ ଗଣ ପରିଚ୍ଛା ଙ୍କ ଝିଅ ଗ୍ଲାନିମୟୀ ଏବଂ ୟୁଥ ଫେଷ୍ଟର ସମସ୍ତ ସଦସ୍ୟଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ନୀଳଗିରୀ ସ୍ଥିତ କ୍ରିଏଟିଭ ଟ୍ୟୁଟୋରିୟାଲ ପରିସରରେ ଅନୁଷ୍ଠିତ ହୋଇଥିଲା ବେଳେ ମୋଟ୍ ୫୭ ୟୁନିଟ୍ ରକ୍ତ ସଂଗୃହ ହୋଇ ବାଲେଶ୍ୱର ମୁଖ୍ୟ ରକ୍ତ ଭଣ୍ଡାରକୁ ନିଆଯାଇଥିଲା।

### ୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣ ନିମ୍ନମାନର ଅଭିଯୋଗ

## ତଦନ୍ତ ନିର୍ଦ୍ଦେଶ ଦେଲେ ଜାତୀୟ ରାଜପଥ କର୍ତ୍ତୃପକ୍ଷ



କେନ୍ଦ୍ରାପଡ଼ା, ୧୨।୪ (ସଂଚାର ବ୍ୟୁରୋ): ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଜାତୀୟ ରାଜପଥ ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କୁ ଅଭିଯୋଗ ହେବା ପରେ ତୁରନ୍ତ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ନିର୍ମାଣାଧିନ ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଜାତୀୟ ରାଜପଥର ଦୁହୁରିଆ ଛକ ନିକଟରେ ଅତ୍ୟନ୍ତ ନିମ୍ନମାନର ରାସ୍ତା ନିର୍ମାଣ କରାଯାଉଛି। ଫଳରେ ସେହି ନିର୍ମାଣାଧିନ ରାସ୍ତାର ବିଭିନ୍ନ ଅଂଶ ଫାଟି ଯାଉଥିବା ବେଳେ କେଉଁଠି ନିର୍ମାଣଧିନ ରାସ୍ତାର ଅଂଶ ଭୁଷୁଡି ପଡୁଛି। ଯାହାଦ୍ୱାରାକି ଏହି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଦ୍ୱାରା ଭବିଷ୍ୟତରେ ଏହି ରାସ୍ତାଦେଇ ଯିବା ସମୟରେ ଜନସାଧାରଣଙ୍କ ଧନଜୀବନ କ୍ଷୟକ୍ଷତି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏହି ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ପଦାର୍ଥ ବ୍ୟବହାର କରାଯିବା ସହିତ ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଥିବା ମଧ୍ୟ ଅଭିଯୋଗ ହୋଇଛି।

ଯେଉଁ ନିୟମ ଅନୁସରଣ କରି ଠିକାସଂସ୍ଥା ନିର୍ମାଣ କାର୍ଯ୍ୟ କରିବା କଥା ସେଥିରେ ସାଙ୍ଘାତିକ ଉଲ୍ଲଙ୍ଘନ କରାଯାଇଛି । କେବଳ ଠିକାସଂସ୍ଥା ଯେ ନିର୍ମାଣ କାର୍ଯ୍ୟରେ ଅବହେଳା କରିଛି ତାନୁହେଁ ନିର୍ମାଣ ଦାୟିତ୍ୱ ତଦାରଖ କରୁଥିବା ସରକାରୀ ସଂସ୍ଥାର ଅଧିକାରୀମାନେ ମଧ୍ୟ ନିଜର କର୍ତ୍ତବ୍ୟ ସଠିକ ଭାବେ ସମ୍ପାଦନ କରୁନାହାନ୍ତି । ଯାହାର ଫଳ ସ୍ୱରୂପ ଜନତାଙ୍କ ଟିକସ ଅର୍ଥ ଅପବ୍ୟୟ ହେଉଛି। ଏଭଳି ବେପରୁଆ ତଥା ଦାୟୀତ୍ୱହୀନ ଭାବେ ରାସ୍ତା ନିର୍ମାଣ କରାଯିବା ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଏଥିନିମନ୍ତେ ଦାୟୀ ଅଧିକାରୀ ଓ ଠିକାସଂସ୍ଥା ବିରୋଧରେ ବିହୀତ ପଦକ୍ଷେପ ଗ୍ରହଣ କରାଯିବାକୁ ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା ।

## ଓଏଲଏମ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ଇନସେନଟିଭ ପ୍ରଦାନରେ ବ୍ୟାପକ ଜାଲିଆତି ଅଭିଯୋଗ

କେନ୍ଦ୍ରାପଡ଼ା,୧୨।୪ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକର ଓଡିଶା ଜୀବିକା ମିଶନ ଅଧିନରେ କାର୍ଯ୍ୟ କରୁଥିବା କମ୍ୟୁନିଟି ସପୋର୍ଟ ଷ୍ଟାଫ ଯଥା ଏମବିକେ, ସିଆରପି ଓ ବ୍ୟାଙ୍କ ମିତ୍ରଙ୍କ ପାରିଶ୍ରମିକ ପ୍ରଦାନରେ ବ୍ଲକ ଓଡିଶା ଜୀବିକା ମିଶନ କର୍ମଚାରୀଙ୍କ ଦ୍ୱାରା ବ୍ୟାପକ ଜାଲିଆତି ହୋଇଥିବା ନେଇ ଅଭିଯୋଗ ହୋଇଛି।

ସୂଚନା ଥାଉ କି ମିଶନ ଶକ୍ତି ବିଭାଗ ଅଧିନରେ ଥିବା ଓଡିଶା ଜୀବିକା ମିଶନରେ କାର୍ଯ୍ୟ କରୁଥିବା ବିଭିନ୍ନ କାମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ମାସିକ ସ୍ଥାୟୀ ପାରିଶ୍ରମିକକୁ ସରକାର ଉଛେଦ କରି ୨୦୨୫ ଏପ୍ରିଲ ମାସ ଠାରୁ ଏହାକୁ ଇନସେନଟିଭ ଅନୁଯାଇ ଦେବା ପାଇଁ ନିଷ୍ପତି ନେଇଥିଲେ । ଏହି ଅନୁସାରେ ଡେରାବିଶ ବ୍ଲକରେ ୨୦୨୫ ଅପ୍ରେଲରୁ ୨୦୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ଛ ମାସର ପାରିଶ୍ରମିକ ସମସ୍ତ କାମ୍ୟୁନିଟି ଷ୍ଟାଫଙ୍କୁ ପ୍ରଦାନ କରାଯାଇଛି । ହେଲେ ଏଥିରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ଅଭିଯୋଗ ହେଉଛି । କେତେକ ଷ୍ଟାଫ ନିଜ ନାମ ଗୋପନ ରଖି କହିଛନ୍ତିକି ବିପିଏମ ଦାୟିତ୍ୱରେ ଥିବା ଅମୀୟ କୁମାର ରାଉତ ପ୍ରତି କାମ୍ୟୁନିଟି ଷ୍ଟାଫଙ୍କ ଠାରୁ ମୋଟା ଅଙ୍କର ଲା ନେଇ ସେମାନଙ୍କ ପାରିଶ୍ରମିକ ପ୍ରଦାନ କରିଛନ୍ତି । ଯେଉଁମାନେ ବିରୋଧ କଲେ ସେମାନଙ୍କୁ ଚାକିରରୁ ବାହାର କରିଦେବାର ଧମକ ମଧ୍ୟ ସେ ଦେଉଛନ୍ତି ।

ଖାଲି ଏତିକି ନୁହେଁ ପାୟତ ମହାସଂଘର କାର୍ଯ୍ୟକାରୀ ପରିଷଦର ସଭ୍ୟାମାନଙ୍କ ପାଇଁ ଆସିଥିବା ସଭା, ମୋବାଇଲ ଓ ଯାତାୟତ ଭତ୍ତା ପ୍ରଦାନରେ ମଧ୍ୟ ଚକତା କରି ନିଜ ମନ ପସନ୍ଦର ମହିଳା ସଭ୍ୟାଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଏବାବଦରେ ସୂଚନା ଅଧିକାର ଆଇନ୍‌ରେ ତଥ୍ୟ ମାଗିଲେ ମଧ୍ୟ ତଥ୍ୟ ପ୍ରଦାନ କରାଯାଉନାହିଁ । ଏଥିରୁ ଅନୁମାନ କରାଯାଇପାରେ କି କିଭଳି ଢଙ୍ଗରେ ଜାଲିଆତି ଚାଲିଛି । ଏଥିରେ ଜିଲ୍ଲା ଓଡିଶା ଜୀବିକା ମିଶନ କାର୍ଯ୍ୟର୍କା ଙ୍କ ସମର୍ଥନ ଥିବାର ଚର୍ଚ୍ଚା ହେଉଛି । ଏହି ଘଟଣା ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟ ସାମନାକୁ ଆସିପାରିବ ବୋଲି ମହିଳା ମାନେ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ଏହାକୁ ନେଇ ଏକ ବଡ଼ ଆନ୍ଦୋଳନ ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ।

### ଭିନ୍ନକ୍ଷମଙ୍କ ପାଇଁ ପ୍ରଶାସନର ତତ୍ପରତା

## ମିଳିଲା ଶ୍ରବଣ ଯନ୍ତ୍ର, ଶୀଘ୍ର ମିଳିବ ବକେୟା ଭତ୍ତା




ବାଲିଆପାଳ,୧୨।୪ (ସଂଚାର ବ୍ୟୁରୋ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ଆବଶ୍ୟକତା ଅନୁସାରେ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରିବାର ବ୍ୟବସ୍ଥା ରହିଛି କିନ୍ତୁ ତୃଣମୂଳ ସ୍ତରରେ ଅନେକ ହିତାଧିକାରୀ ଏହି ସୁବିଧା ବିଷୟରେ ଅବଗତ ନ ଥିବାରୁ ଆବଶ୍ୟକ ଉପକରଣ ପାଇଁ ଧାର କରଜ କରି ଅର୍ଥନୈତିକ ଭାର ବହନ କରୁଛନ୍ତି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର ମହାବଳା ଗ୍ରାମର ପାର୍ଥ ସାରଥୀ ସାମଲ ଦୀର୍ଘଦିନ ଧରି ଶ୍ରବଣ ଶକ୍ତି ହରାଇ ଅସୁବିଧାରେ ଜୀବନଯାପନ କରୁଥିଲେ। ରିକ୍ସା ଚାଳକ ଭାବେ କାମ କରୁଥିବା ସେ ନିଜ କାନରେ ସଠିକ ଭାବେ ଶୁଣିପାରୁନଥିଲେ। ସେହିପରି ଏହି ପଞ୍ଚାୟତର ଶଙ୍କର ମୁର୍ମୁ ମଧ୍ୟ ଦୀର୍ଘ ଏକ ବର୍ଷ ଧରି ମାନସିକ ଯନ୍ତ୍ରଣାରେ ଦିନ କାଟୁଥିଲେ। ଉଭୟଙ୍କ ପାଖରେ ଅନଲାଇନ୍ ଭିନ୍ନକ୍ଷମ ପ୍ରମାଣପତ୍ର ନଥିବାରୁ ସେମାନେ ଏକ ବର୍ଷ ଧରି ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ରହିଥିଲେ। ଏହି ସମସ୍ୟା ବିଷୟରେ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ଜାଣିବା ପରେ ସେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଅନଲାଇନ ପ୍ରମାଣପତ୍ର ଯୋଗାଇଦେବା ପାଇଁ ଗୁହାରି କରିଥିଲେ। ପରେ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟରେ ଉଭୟଙ୍କ ପାଇଁ ଅନଲାଇନ୍ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରସ୍ତୁତି ହୋଇଥିଲା। ଗତ ଶୁକ୍ରବାର, ବିଡ଼ିଓ ଶ୍ରୀ ଦାସ ନିଜ ଅଫିସରେ ଭିନ୍ନକ୍ଷମ ଶ୍ରୀ ସାମଲଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିବା ସହିତ ଉଭୟ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଚଳିତ ମାସରୁ ପିଛିଲା ଭାବେ ଭତ୍ତା ଟଙ୍କା ପ୍ରଦାନ ପାଇଁ ବ୍ଲକ ସାମାଜିକ ସୁରକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ରାଜକିଶୋର ପାତ୍ର କହିଛନ୍ତି।

## ବିଜେଡିର ସାଙ୍ଗଠନିକ ବୈଠକ



ଯାଜପୁର, ୧୨।୪ (ସଂଚାର ବ୍ୟୁରୋ): ଯାଜପୁର ଜିଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଜଖପୁରା ପଞ୍ଚାୟତରଏକ ସାଙ୍ଗଠନିକ ବୈଠକଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ତାହାର ସାଙ୍ଗଠନିକ ରଣକୌଶଳ ଆରମ୍ଭ କରିଦେଇଛି। ଏପରିକି ସଂଗଠନକୁ ଅଧିକ ସୁଦୃଢ଼ କରିବାକୁ କମିଟି ଗଠନ କରାଯାଉଛି । ଏଥିରେ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ, ବିଜେଡି କର୍ମୀମାନଙ୍କ ମଧ୍ୟରେ ମନୋମାଳିନ୍ୟ ନ ରଖି ଏକତ୍ରିତ ହୋଇ ସାଙ୍ଗଠନିକ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ୍ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଧିର, ବରିଷ୍ଠ ନେତାପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, ଜିଲ୍ଲା ଉପସଭାପତି ଲୋକନାଥ ଧିର, ବରିଷ୍ଠ ବିଜେଡି ନେତା ପ୍ରଦୀପ କୁମାର ମହାନ୍ତି, ରାଧାମୋହନ ବିଶ୍ୱାଳ,ବସନ୍ତ ରା ଉତ,ସତ୍ୟସୁନ୍ଦର୍ ପାଲ,କାଳନ୍ଦୀ ସେଠୀ,ଜିତେନ୍ଦ୍ର କୁମାର ବ୍ରହ୍ମ ପ୍ରମୁଖ ସାମିଲ ହୋଇଥିଲେ ।

## ୧୯୯୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ପଟ୍ଟାମୁଣ୍ଡାଇ, ୧୨।୪ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ କଲେଜ ୧୯୯୩ ବ୍ୟାଚ ଛାତ୍ର ଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଅଧ୍ୟାପକ ନୃସିଂହ ଚରଣ ସ୍ୱାଇଁଙ୍କ ପୌରହିତ୍ୟ ରେ କଲେଜ ପ୍ରେକ୍ଷ୍ୟାଳୟ କକ୍ଷରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ମୁଖ୍ୟ ଅତିଥି ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡ ରମେଶ କୁମାର ସାହୁ, କଲେଜ ଆଲୁମୋନି ଆସୋସିଏସନ୍ ସଭାପତି ରଶ୍ମି ରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବକୁ ପ୍ରୋତ୍ସାହିତ କରିଥିଲେ। ଛାତ୍ରଛାତ୍ରୀମାନେ ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ କରିବା ସହିତ ପାଠ ପଢା ସମୟର ସ୍ମୃତି ମନେ ପକାଇଥିଲେ। ଉପେନ୍ଦ୍ର କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ପ୍ରଫୁଲ୍ଲ ଦାଶ ଓ ନିମାଇଁ ଦାଶଙ୍କ ସଂଯୋଜନାରେ ନାଚ ଓ ଗୀତ ପରିବେଷଣ କରାଯାଇଥିଲା।




## ଚକଚକିଆ ବୋର୍ଡ ରୁମ୍‌ରେ ବାବୁଙ୍କ ମନ

ଅଫିସରେ ଗୋଟିଏ ବୋର୍ଡ ରୁମ୍ ରହିଛି। ହେଲେ ତାହା ହାକିମଙ୍କ ମନକୁ ପାଇଲା ନାହିଁ। ତେଣୁ ଆଦେଶ ଦେଲେ ଦପ୍ତରରେ ଗୋଟିଏ ନୂଆ ବୋର୍ଡ ରୁମ୍ କରାଯାଉ। ହାକିମଙ୍କ ନିର୍ଦ୍ଦେଶ ପାଇଲାମାତ୍ରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଖର୍ଚ୍ଚ ହେବ ପ୍ରାୟ ୨ କୋଟି ଟଙ୍କା। ପୂରା କୁଆଡେ ତାରକା ହୋଟେଲ ଷ୍ଟାଇଲରେ। ସଚିବାଳୟରେ ଶକ୍ତି ବିଭାଗ ପାଖରେ ଚାଲିଥିବା ଏଭଳି ଆଲୋଚନା କାନରେ ପଡିବାରୁ ଆମେ ଟିକେ ଅଟକିଗଲୁ। ଆଲୋଚନା କରୁଥିବା ବାବୁ କହୁଛନ୍ତି ଶକ୍ତି ବିଭାଗ ଯେତିକି ଶକ୍ତିମାନ ଏହା ଅଧିନରେ ଶକ୍ତି ଉତ୍ପାଦନ କରୁଥିବା ଓପିଜିସି ବି ତାହାଠାରୁ ଆହୁରି ବଳବାନ। ତେବେ ଏଠାରେ ରହିଥିବା ମାଳ ମାଳ



ଅବସରପ୍ରାପ୍ତ ବାବୁଙ୍କ ଫର୍ମାଇସ୍ ଏବେ ସଂସ୍ଥାପାଇଁ କାଳ ହେଲାଣି। ଏହି ଶକ୍ତି ଉତ୍ପାଦନ କେନ୍ଦ୍ରର ପଞ୍ଚମ ଓ ଷଷ୍ଠ ୟୁନିଟ୍ ପ୍ରତିଷ୍ଠା କାର୍ଯ୍ୟ ଶୀତଳଭଣ୍ଡାରକୁ ଯାଇଥିବାବେଳେ ତାହା କିଭଳି ହେବ ସେଥିପ୍ରତି ଦୃଷ୍ଟି ନଦେଇ ବାବୁମାନେ ଏବେ ଅଫିସ ସଜାଇବାରେ ଲାଗିଛନ୍ତି। ଆଲୋଚନାରେ ତାଳ ଦେଇ ଆଉଜଣେ ବାବୁ କହିଲେ, ବୁଝିପାରୁ ନାହାନ୍ତି ବୋଧେ, କାମ ନହେଲେ ପଇସା ଖର୍ଚ୍ଚ ହେବ କିଭଳି ? ସରକାରୀ ପଇସା ଖର୍ଚ୍ଚ ହେଲେ ସିନା କିଛି ଲୋକ ଖୁସି ହେବେ। ତାହା ନବୁଝି ଆପଣ ଖାଲି ଆଲୋଚନା କରୁଛନ୍ତି। ଏଠାରେ ଥିବା ଅବସରପ୍ରାପ୍ତ ବାବୁମାନେ ହେଲେ ପୁରୁଣା ମୂଷା। ଶୁଖିଲା କାଠରୁ ପାଣି ବାହାର କରିବାର କାଇଦା ସେମାନଙ୍କୁ ଜଣା। ତେଣୁ ଯେତେବେଳେ କିଛି କାମ ନପାଉଛନ୍ତି ଏମିତି ମରାମତି ଓ ରକ୍ଷଣା ବେକ୍ଷଣ ଚଳାଇ ଖୁସି ହେଉଛନ୍ତି। ଏଭଳି ଆଲୋଚନା ଶୁଣି ସତରେ ଶକ୍ତି ବିଭାଗ ଅଧିନରେ ଥିବା ସଂସ୍ଥାମାନେ କେତେ ଶକ୍ତିମାନ ସେହିକଥା ଭାବି ସେଠାରୁ ପଳାଇ ଆସିବାକୁ ଉଚିତ୍ ମଣିଲୁ।

## ଝୁଲୁଛନ୍ତି ବରିଷ୍ଠ ଖାକି ବାବୁ

ରାଜ୍ୟରେ ଆଇପିଏସ୍ ଅଫିସରଙ୍କର ବଦଳିକୁ ନେଇ କିଛିଦିନ କସରତ ଚାଲିଥିବାବେଳେ ତାଲିକା କିନ୍ତୁ ପ୍ରକାଶ ପାଉନାହିଁ। ଫଳରେ ବହୁ ବରିଷ୍ଠ ଖାକିବାବୁ ଏବେ ଝୁଲନ୍ତା ଅବସ୍ଥାରେ। ତେବେ ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଆଖି ରହିଛି ପୁଲିସ୍ କମିଶନର ପଦବୀ ଉପରେ। ଏହି ଚଉକିରେ କିଏ ବସିବ ତାହାକୁ ନେଇ ନିଇତି ସାନ ଖାକିବାବୁମାନେ ଅଙ୍କ କଷିବା ଆରମ୍ଭ କରିଦେଇଛନ୍ତି। ସେହିଭଳି ରାଜଧାନୀରେ ଥିବା ଆଉ କିଛି ଖାକି ବାବୁଙ୍କର ବଦଳି ହେବ ବୋଲି ମଧ୍ୟ ଖବର ଉଡୁଛି। ଏହି ଖବର ପାଇଲା ପରେ ନିଜ ଘରେ କୋଡିଏରୁ ଅଧିକ ଖାକିଙ୍କୁ କାମରେ ଲଗାଇଥିବା ଜଣେ ବରିଷ୍ଠ ଖାକିବାବୁ ଏବେ ଚିନ୍ତାରେ ପଡିଥିବା ପୁଲିସ୍ ମହଲରେ ଆଲୋଚନା ହେଉଛି। ରାଜଧାନୀର କେନ୍ଦ୍ରସ୍ଥଳରେ ସରକାରୀ ବଙ୍ଗଳାରେ ରହୁଥିବା ଏହି ବାବୁ ଜଣଙ୍କ ଘରେ କୁଆଡେ କାମ କରିବାପାଇଁ ଦୁଇ ସିଫ୍ଟର ସାନ ଖାକି ରହିଛନ୍ତି। ରୋଷେଇ ଠାରୁ ବଗିଚା କାମ ସବୁକିଛି ସରକାରୀ ଖାକିବାବୁମାନେ କରନ୍ତି।



ତେବେ ବାବୁ ଯେବେଠାରୁ ବଦଳି କଥା ଶୁଣିଲେଣି ସେବେଠାରୁ ଘରେ ନିରାଶା ଭାବ। ଅନ୍ୟ ସ୍ଥାନକୁ ଗଲେ ଏତିକି କର୍ମଚାରୀ କାମ କରିବାକୁ ମିଳିବେ କି ନାହିଁ ସେଥିନେଇ ଆଲୋଚନା ଚାଲିଥିବାବେଳେ ବାବୁଙ୍କ ଘରେ କାମ କରୁଥିବା ସାନ ଖାକିବାବୁମାନେ କିନ୍ତୁ ଏଭଳି ଖବର ପାଇଁ ବେଶ୍ ଖୁସିଥିବା ଆଲୋଚନା ହେଉଛି।

## ଅପରାଜିତାଙ୍କ ମେଟ୍ରୋ ବାଣ




ରାଜଧାନୀରେ ମେଟ୍ରୋ ଚାଲିବାକୁ ନେଇ ଚାଲିଥିବା ବୟାନବାଜି ଭିତରେ ସାଂସଦ ଅପରାଜିତାଙ୍କ ମେଟ୍ରୋ ବାଣ ଏବେ ବଡବୋଲାଙ୍କୁ ଘାଇଲା କରିଛି। ଗଣମାଧ୍ୟମ ଆଗରେ ମେଟ୍ରୋକୁ ନେଇ ଏଣୁ ତେଣୁ ବୟାନବାଜି କରୁଥିବା ଏହି ନେତାମାନେ ଅପରାଜିତାଙ୍କୁ କ'ଣ କହିବେ ଜାଣିପାରୁ ନାହାନ୍ତି। ରାଜଧାନୀରେ ମେଟ୍ରୋ ଚଳାଚଳ ନେଇ ଚାଲିଥିବା କାର୍ଯ୍ୟ ବନ୍ଦ ରହିଲା ବୋଲି କ୍ୟାବିନେଟରେ ପ୍ରସ୍ତାବ ପାଶ୍ ହେବାପରେ ସରକାର କହିଥିଲେ ଯେ ଏହି ପ୍ରକଳ୍ପ ବାତିଲ ହେଲା। ଏଥିପାଇଁ ୨୭୦ କୋଟି ଟଙ୍କା ଖର୍ଚ୍ଚ ସରିଛି। ଏହାପରେ ରାଜଧାନୀରେ ମେଟ୍ରା ଚାଲିବାକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଥିବାବେଳେ ରାଜ୍ୟର ଦୁଇ ତିନି ଜଣ ମନ୍ତ୍ରୀଙ୍କ ସମେତ ଆଉ କିଛି ମୁଖପାତ୍ର କିନ୍ତୁ ମେଟ୍ରୋ ହେଲେ କେତେ କ୍ଷତି ହେବ ଓ ମେଟ୍ରୋ ଏବେ ଦରକାର ନାହିଁ ବୋଲି ଲୋକଙ୍କୁ ବୁଝାଉଥିଲେ। ହେଲେ ଏତିକିବେଳେ ଭୁବନେଶ୍ୱର ସାଂସଦ ମେଟ୍ରୋକୁ ନେଇ ଯେଉଁ ତେରେଛା ବାଣ ମାରିଛନ୍ତି ସେଥିରେ ବୟାନବାଜି କରୁଥିବା ମନ୍ତ୍ରୀମାନେ ଏକ ପ୍ରକାର ଘାଇଲା ହୋଇଛନ୍ତି। ଅପରାଜିତା ମେଟ୍ରୋ ସପକ୍ଷରେ ଯୁକ୍ତି କରିବାପରେ ମେଟ୍ରୋ ବିରୋଧିଙ୍କ ଅକଲ ଗୁଡୁମ ହୋଇଯାଇଛି। ଗଣମାଧ୍ୟମରେ ଆଗରେ ସିନା ଯାହା ଇଚ୍ଛା ତାହା କହି ଖସି ଯାଉଥିଲେ ଏବେ ଅପରାଜିତାଙ୍କୁ କ'ଣ କହିବେ ତାହାକୁ ନେଇ ଅଙ୍କକଷା ଆରମ୍ଭ କରିଛନ୍ତି। ତେବେ ଭୁବନେଶ୍ୱର ରାସ୍ତାରେ ମେଟ୍ରୋ ଚାଲୁ କି ନଚାଲୁ ରାଜଧାନୀବାସୀ କିନ୍ତୁ ଗଣମାଧ୍ୟମରେ ମେଟ୍ରୋ ଜୋରସୋରରେ ଦଉଡୁଥିବା ଦେଖିବାକୁ ପାଉଛନ୍ତି। ଆଗକୁ ମେଟ୍ରୋ କେଉଁ କେଉଁ ରାସ୍ତା ଦେଇ ଆଗକୁ ବଢ଼ିବ ତାହା ଉପରେ ସମସ୍ତଙ୍କ ନଜର।



## ବିଜେଡି ନେତାଙ୍କ ଭିନ୍ନେ ଗୋଠ

ରାଜ୍ୟସଭାରେ ବିଜେଡିର ସଦସ୍ୟ ସଂଖ୍ୟା ଖସି ଖସି ୬ରେ ପହଞ୍ଚିଥିବାବେଳେ ଏହି ଛଅ ଜଣ କିନ୍ତୁ ଏକାଠି ହୋଇପାରୁ ନାହାନ୍ତି। ଛଅ ଜଣ ନେତାଙ୍କର ତିନିଟି ମେଣ୍ଟ ବୋଲି କୁହାଯାଉଛି। ଏହି ମେଣ୍ଟ ପାଇଁ ଦଳର ବରିଷ୍ଠ ନେତା ସସ୍ମିତ ପାତ୍ର ରାଜ୍ୟସଭାରେ ବିଜେଡି ନେତା ପଦ ଛାଡିଛନ୍ତି। ତାଙ୍କର ପଦ ଛାଡିବାର କାରଣ ଏବେ ବି ପ୍ରଶ୍ନବାଚୀ ହୋଇଥିବାବେଳେ ନୂଆ ସାଂସଦ ସଂତୃପ୍ତ ମିଶ୍ର କହିଲେଣି ମୋର ସସ୍ମିତିଙ୍କ ଚଉକିରେ ବସିବାରନାହିଁ। ଆଉ ଚାରି ଜଣ ସାଂସଦ ଏ ସଂକ୍ରାନ୍ତରେ ପୂରା ନିରବ। ଦିଲ୍ଲୀରେ କାହାର କାହା ସହିତ ପଡୁନି। ଦୁଇ ଜଣ ଦେଖାହେଲେ ମେଣ୍ଟ ତିଆରି କରି ଅନ୍ୟମାନଙ୍କ ବିରୁଦ୍ଧରେ ଲାଗି ଯାଉଛନ୍ତି। ରାଜ୍ୟସଭାରେ କେବଳ ସୁଲତା ଓ ସସ୍ମିତଙ୍କ ସ୍ୱର ଶାଣିତ ଥିବାବେଳେ ଏବେ ସସ୍ମିତ ଆଉ ପୂର୍ବଭଳି କହିବାର ସୁଯୋଗ ପାଇବାର ସମ୍ଭାବନା ନାହିଁ। ଅନ୍ୟ ପକ୍ଷରେ ପୁରୀ ଠାରୁ କଟକ ଯେତେଆଡେ ବିଜେଡି ସମସ୍ୟା ଦେଖାଦେଲେ ବି ସେଠାକାର ବାସିନ୍ଦା ଥିବା ସାଂସଦମାନେ ମୁହଁ ଖୋଲୁ ନାହାନ୍ତି। ଶିଳ୍ପପତିରୁ ରାଜନେତା ପାଲଟିଥିବା ସଂତୃପ୍ତ ଏବେ ରାଜ୍ୟସଭାରେ ପହଞ୍ଚିବା ପରେ ବିଜେଡି ରାଜନୀତି ପୁଣିଥରେ ଗୋଳିଆ ହେବାରେ ଲାଗିଛି। ଦଳର ଛଅ ଜଣ ସାଂସଦ ଯଦି ଏକାଠି ହୋଇ ନପାରୁଛନ୍ତି ତେବେ ବିଜେଡି ଦଳର ଅବସ୍ଥା କିଭଳି ରହିଛି ବୋଲି ଏବେ କର୍ମୀମାନେ ନେତାଙ୍କୁ ପ୍ରଶ୍ନ କରିବା ଆରମ୍ଭ କରିଦେଲେଣି।

## ଲିଗାସି ମଙ୍ଗ ଧରିବ କିଏ ?




ବିଜୁ ଲିଗାସୀମାନେ ପୁଣିଥରେ ଏକାଠି ହୋଇ ବିଜେଡିକୁ ଚେକ୍ ଦେବାକୁ ଯୋଜନା କରୁଛନ୍ତି। ଓଡିଆ ନୂଆବର୍ଷରେ ଏମାନେ ଏକାଠି ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସ୍ଥିର ହୋଇଛି। ହେଲେ ଏହି ଲିଗାସୀର ମଙ୍ଗ କିଏ ଧରିବ ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଗଲାଣି। କାରଣ ଲିଗାସୀର ଆଗଧାଡିର ନେତାମାନଙ୍କ ମଧ୍ୟରେ ସମସ୍ତେ ବରିଷ୍ଠ। ଏମାନଙ୍କ ପଛରେ ରହିଛି ନିଜ ନିଜର ପୁଅ ପୁତୁରା। ତେଣୁ ଏହି ବରିଷ୍ଠଙ୍କ ମଧ୍ୟରୁ କିଏ ଲିଗାସୀର ନେତୃତ୍ୱ ନେବ ତାହାକୁ ନେଇ ଅଙ୍କକଷା ଆରମ୍ଭ ହୋଇଥିବାବେଳେ ଏହା ଏବେ ସମ୍ମାନର ପ୍ରଶ୍ନ ହୋଇଛି। ଯିଏ ମଙ୍ଗ ଧରିବ ତାହାକୁ ଅନ୍ୟମାନେ ବିଶେଷକରି ଅନ୍ୟ ବରିଷ୍ଠ ନେତାଙ୍କ ସନ୍ତାନମାନେ କେତେଦୂର ଗ୍ରହଣ କରିବେ ତାହା ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଏଣେ ଲିଗାସି ବିରୁଦ୍ଧରେ ଗୋଟିଏ ଗୋଷ୍ଠି ସୋସିଆଲ ମିଡିଆରେ ଅଭିଯାନ ଆରମ୍ଭ କରିଦେଇଛନ୍ତି। ସମସ୍ତଙ୍କ ଗୋହି ଖୋଳିବାରେ ଲାଗିଛନ୍ତି। କିଛି ବର୍ଷ ତଳେ ତତ୍କାଳୀନ ବରିଷ୍ଠ ନେତା ବିଜୁ ଲିଗାସିଙ୍କୁ ଧରି ନୂଆ ମଞ୍ଚ ଗଠନ ପାଇଁ ଡାକରା ଦେଇଥିଲେ। ଭୁବନେଶ୍ୱରରେ ଗୋଟିଏ ଦୁଇଟି ବୈଠକ ବି ହୋଇଥିଲା। ସେହି ବୈଠକରେ ଉପସ୍ଥିତ ଥିବା ଅନେକ ଏବେ ସ୍ୱର୍ଗରେ। ଏବେ ପୁଣି ଥରେ କିଛି ନେତା ବିଜୁଙ୍କ ନାଁରେ ମଞ୍ଚ ପାଇଁ ଆଗଭର ହୋଇଛନ୍ତି। ଏମାନଙ୍କ ମଞ୍ଚ କେତେଦୂର ସଶକ୍ତ ହେଉଛି ଓ କିଏ ଏହାର ମଙ୍ଗ ଧରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର।

## ପିଏମଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହରେ ମୁଖ୍ୟମନ୍ତ୍ରୀ

# ପିଏମ ଶ୍ରୀ ଯୋଜନାରେ ମଡେଲ୍ ସ୍କୁଲରେ ପରିଣତ ହେବ

- ବିଦ୍ୟାଳୟର ୭୫ ବର୍ଷର ସଫଳ ଯାତ୍ରାକୁ ପ୍ରଶଂସା
- ଶୃଙ୍ଖଳା, ସମୟ ପରିଚାଳନା ଓ ସୃଜନଶୀଳତାକୁ ଗୁରୁତ୍ୱ
- ଶିକ୍ଷାର୍ଥୀଙ୍କୁ ଜୀବନ ଯୁଦ୍ଧ ପାଇଁ ପ୍ରସ୍ତୁତ କରେ ସ୍କୁଲ୍
- ନିର୍ମାଣ ହେବ ନୂତନ ଅଡିଟୋରିଅମ
- ବାବା କୁଶଳେଶ୍ୱର ମହାଦେବ ପୀଠର ବିକାଶ ପାଇଁ ୩ କୋଟି




ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ବିଦ୍ୟାଳୟ କେବଳ ପାଠପଢ଼ାର ସ୍ଥାନ ନୁହେଁ, ଏହା ଜୀବନ ଗଢ଼ିବାର ଏକ ପବିତ୍ର କ୍ଷେତ୍ର। ଏଠାରେ ଜ୍ଞାନ ସହ ଜୀବନର ମୂଲ୍ୟବୋଧ ଓ ଶୃଙ୍ଖଳା ଶିକ୍ଷାଦାନ କରାଯାଏ, ପିଲାଙ୍କ ଚରିତ୍ର ଗଠନର ପ୍ରଥମ ସୋପାନ ବିଦ୍ୟାଳୟରୁ ହିଁ ଆରମ୍ଭ ହୋଇଥାଏ ବୋଲି ଆଜି କେନ୍ଦୁଝର ଜିଲ୍ଲା ପିଏମ ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଅବସରରେ ଆୟୋଜିତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ୧୯୫୦ରେ ଏହି ବିଦ୍ୟାଳୟ ଆଜି ଏକ ପ୍ରତିଷ୍ଠିତ ଶିକ୍ଷା ପୀଠରେ ପରିଣତ ହୋଇଛି ଓ ଏହାର ଉନ୍ନତି ପଛରେ ଅନେକ ଶିକ୍ଷାପ୍ରେମୀ , ଶିକ୍ଷକ ଓ ସ୍ଥାନୀୟ ଲୋକଙ୍କ ତ୍ୟାଗ ଓ ସମର୍ପଣ ରହିଛି। ଉତ୍କଳମଣିଙ୍କ ଆଦର୍ଶରେ ପ୍ରେରିତ ଏହି ବିଦ୍ୟାଳୟର ଶିକ୍ଷା ପ୍ରଣାଳୀକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏଠାରେ କେବଳ ପାଠ୍ୟଜ୍ଞାନ ନୁହେଁ, ନୈତିକତା, ଶୃଙ୍ଖଳା ଓ ମୂଲ୍ୟବୋଧର ଶିକ୍ଷା ମଧ୍ୟ ଦିଆଯାଉଛି। ଏଠାକାର ଅନେକ ଛାତ୍ରଛାତ୍ରୀ ରାଜ୍ୟ ଓ ଦେଶ ସ୍ତରରେ ନିଜ ପ୍ରତିଭା ପ୍ରମାଣ କରି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଶିକ୍ଷା କେବଳ ଚାକିରି ପାଇଁ ନୁହେଁ, ବରଂ ଜୀବନ ଗଢ଼ିବାର ଏକ ମାଧ୍ୟମ। ଆଜିର ପ୍ରତିସ୍ପର୍ଦ୍ଧାମୂଳକ ଯୁଗରେ ପାଠ୍ୟଜ୍ଞାନ ସହ ଦକ୍ଷତା, ସୃଜନଶୀଳତା ଓ ନୂତନ ଚିନ୍ତାଧାରା ଅତ୍ୟାବଶ୍ୟକ। ସମୟର ମୂଲ୍ୟ ବୁଝି ଶୃଙ୍ଖଳିତ ଜୀବନ ଅନୁସରଣ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଏକ ନୂତନ ଅଡିଟୋରିଅମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ବିଦ୍ୟାଳୟ ପିଏମ୍‌ଶ୍ରୀ ଯୋଜନାରେ ସାମିଲ ହୋଇଥିବାରୁ ଏଠାରେ ଆଧୁନିକ ଭିତ୍ତିଭୂମି, ଡିଜିଟାଲ୍ ଶିକ୍ଷା, ସ୍ମାର୍ଟ କ୍ଲାସ୍‌ରୁମ୍ ଓ ନବସୃଜନମୂଳକ ପାଠ୍ୟ ପ୍ରଣାଳୀର ଉନ୍ନତି ହେବ। କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ତେଲକୋଇ ବିଧାୟକ ଡା ଫକିର ମୋହନ ନାୟକ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଆୟୋଜକ କମିଟି ସଭାପତି ହାଡ଼ିବନ୍ଧୁ ପଟ୍ଟନାୟକ, ସମ୍ପାଦକ ରାମଚନ୍ଦ୍ର ନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

### ୨୧ରେ ଆସୁଛନ୍ତି ରାଷ୍ଟ୍ରପତି

## ରାଉରକେଲାରେ ୪ ପ୍ରକଳ୍ପର ଲୋକାର୍ପଣ କରିବେ

ରାଉରକେଲା,୧୨।୪(ସଂଚାର ବ୍ୟୁରୋ): ପୁଣି ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆସନ୍ତା ୨୧ରେ ଓଡିଶା ଗସ୍ତରେ ଆସି ରାଉରକେଲାରେ ୪ଟି ପ୍ରକଳ୍ପର ଲୋକାର୍ପଣ କରିବେ ମହାମହିମ। ରାଷ୍ଟ୍ରପତି ହେବା ପରେ ଶ୍ରୀମତୀ ମୁର୍ମୁଙ୍କର ଏହା ପ୍ରଥମ ରାଉରକେଲା ଗସ୍ତ। ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରିବା ପାଇଁ ଜୋରଦାର ପ୍ରସ୍ତୁତି କରାଯାଉଛି। ତେବେ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀରୁ ବାହାରି ଝାରସୁଗୁଡ଼ା ବିମାନ ବନ୍ଦରରେ ଅବତରଣ କରିବା ପରେ ସେଠାରୁ ସ୍ୱତନ୍ତ୍ର ହେଲିକପ୍ଟରରେ ଉଡ଼ାଣ ଭରି ପୂର୍ବାହ୍ନ ୧୧ଟା ୧୦ ମିନିଟ୍‌ରେ ରାଉରକେଲା ବିମାନବନ୍ଦରରେ ଅବତରଣ କରିବେ। ଆଦିବାସୀ ସଂସ୍କୃତି ପରମ୍ପରା ଆଦିବାସୀ ନୃତ୍ୟରେ ରାଷ୍ଟ୍ରପତିଙ୍କୁ କରାଯିବ ଭବ୍ୟ ସ୍ୱାଗତ। ପରେ ସେ ସେକ୍ଟର ୧୩ ମେଲଣ ପଡ଼ିଆରେ ହେବାକୁ ଥିବା ସଭାରେ ଯୋଗଦେବେ। ରାଷ୍ଟ୍ରପତିଙ୍କ ଦ୍ୱାରା ଲୋକାର୍ପଣ ହେବାକୁ ଥିବା ଏହି ୪ ପ୍ରକଳ୍ପ ପରିଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ। ସମ୍ପୂର୍ଣ୍ଣ ହୋଇଥିବା ୪ଟି ପ୍ରକଳ୍ପ ମଧ୍ୟରେ ରହିଛି ୪୨.୪୪ କୋଟିର କୋଏଲ ନଗର ମନୋରଞ୍ଜନ ପାର୍କ, ୨୭ କୋଟିର ଛେଣ୍ଡସ୍ଥିତ ସାଇନ୍ସ ପାର୍କ ଏଣ୍ଡ ପ୍ଲାନେଟୋରିୟମ, ୪୮ କୋଟିର ନିର୍ମାଣ ହୋଇଥିବା କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ଓ ୪୦ କୋଟିର ଆଦିବାସୀ ମ୍ୟୁଜିୟମ ଆଦି।

## ୧୯ କୋଟିର ନାଗେଶ୍ୱରଟାଙ୍ଗି ପିଏସଏସ ଉଦ୍‌ଘାଟିତ

### ବିଦ୍ୟୁତ୍ କାଟ ଓ ଲୋ-ଭୋଲ୍ଟେଜ୍ ସମସ୍ୟାର ସମାଧାନ: ସାଂସଦ



ଭୁବନେଶ୍ୱର,୧୨।୪ (ସଂଚାର ବ୍ୟୁରୋ): ଦୀର୍ଘ ଦିନ ପ୍ରତୀକ୍ଷାର ଅନ୍ତ ଘଟିଛି। ପୂରଣ ହୋଇଛି ପୁରୁଣା ଭୁବନେଶ୍ୱର, ନାଗେଶ୍ୱର ଟାଙ୍ଗି ଅଞ୍ଚଳବାସୀଙ୍କ ଦାବି। ଟାଟା ପାୱାର ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ଓଡିଏସ୍ଏସ୍‌ପି ଫେଜ୍-୪ ଅଧୀନରେ ନୂତନ ନାଗେଶ୍ୱରଟାଙ୍ଗି ପିଏସ୍ଏସ୍ ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହା ପୁରୁଣା ଭୁବନେଶ୍ୱରର ବିଦ୍ୟୁତ୍ ଢାଞ୍ଚାକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ କହିଛନ୍ତି। ୧୯ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ସବ୍‌ଷ୍ଟେସନ୍‌ରେ ୫ଟି ୧୧ କେଭି ଆଉଟଗୋଇଙ୍ଗ୍ ଫିଡର୍ ବ୍ୟବସ୍ଥା ରହିଛି। ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କର ଦୀର୍ଘଦିନର ଦାବିକୁ ପୂରଣ କରିବା ସହ ଲୋ ଭୋଲ୍ଟେଜ୍ ଓ ବିଦ୍ୟୁତ୍ ବିଚ୍ଛିନ୍ନ ସମସ୍ୟାର ଏକ ସ୍ଥାୟୀ ସମାଧାନ ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ଏହାଦ୍ୱାରା ଗୌତମ ନଗର, ନାଗେଶ୍ୱରଟାଙ୍ଗି, ଲୁଇସ୍ ରୋଡ୍, ଗୌରୀ ନଗର, ରଥ ରୋଡ୍, ଲିଙ୍ଗରାଜ ମନ୍ଦିର, ମାଉସୀମା' ମନ୍ଦିର ଓ କେଦାରଗୌରୀ ମନ୍ଦିର ଆଦି ଅଞ୍ଚଳକୁ ଅବିରତ ବିଦ୍ୟୁତ୍ ଯୋଗାଣ ହୋଇପାରିବ ବୋଲି ସାଂସଦ କହିଛନ୍ତି। କାର୍ଯ୍ୟକ୍ରମରେ ଟାଟା ପାୱାରର ସିଇଓ ଅରବିନ୍ଦ ସିଂହ, କର୍ପୋରେଟର ନୃପେଶ ନାୟକ, ସାଂସଦ ପ୍ରତିନିଧି ସଂଯୋଗ ରାଉତରାୟ, ବିଜେପି ନେତ୍ରୀ ରଶ୍ମି ମହାପାତ୍ର, ସିଦ୍ଧାନ୍ତ ଦାସ ଉପସ୍ଥିତ ଥିଲେ।

ଓଡ଼ିଶା ଶାସନ

## ଅଂଶୁଘାତ ସତର୍କତା

### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
DSPL/320920-10001/39/2627

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

### ରେଲୱେରେ ୮ ବଡ ପରିବର୍ତ୍ତନ

# ଗଡ଼ିବ ହାଇଡ୍ରୋଜେନ, ୧୨ ବନ୍ଦେ ଭାରତ ସ୍ଲିପର



ନୂଆଦିଲ୍ଲୀ,୧୨।୪: ଆର୍ଥିକ ବର୍ଷ ୨୦୨୬-୨୭ରେ ରେଲୱେରେ ୮ ବଡ ପରିବର୍ତ୍ତନ ଦେଖିବାକୁ ମିଳିବ। ଯାତ୍ରାକୁ ଆରାମଦାୟକ ଏବଂ ହାଇଟେକ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ରେଳ ମନ୍ତ୍ରଣାଳୟ ଟିକଟ ବାତିଲଠାରୁ ଆରମ୍ଭ କରି ରିଫଣ୍ଡ ନିୟମ, ହାଇଡ୍ରୋଜେନକୁ ଟ୍ରାକକୁ ଆଣିବା, ୧୨ ବନ୍ଦେ ଭାରତ ସ୍ଲିପର ଟ୍ରେନ ଚଳାଚଳ କରିବା ନେଇ ଜୋରଦାର ପ୍ରସ୍ତୁତି କରୁଛି। ୧୫ ଏପ୍ରିଲରୁ ଲାଗୁ ହେବ ରିଫଣ୍ଡର ନୂଆ ନିୟମ। ନୂଆ ନିୟମ ମୁତାବକ, ଟ୍ରେନ ଛାଡିବାର ୮ ଘଣ୍ଟା ଆଗରୁ ଟିକଟ ବାତିଲ କଲେ ସେ କ୍ଷେତ୍ରରେ ରିଫଣ୍ଡ ମିଳିବ। ଏହା ପୂର୍ବରୁ ୪ ଘଣ୍ଟା ଥିଲା ଯାହାକୁ ୮ ଘଣ୍ଟାକୁ ବୃଦ୍ଧି କରାଯାଇଛି। ସେହିଭଳି କାଉଣ୍ଟର ଟିକଟକୁ ଯେକୌଣସି ଷ୍ଟେଶନରୁ ବାତିଲ କରାଯାଇପାରିବ। ଏହା ରେଳ ଯାତ୍ରୀଙ୍କ ଲାଗି ବଡ ଆଶ୍ୱସ୍ତି। ଯାତ୍ରୀ ଚାର୍ଟ ପ୍ରସ୍ତୁତ ହୋଇ ସାରିବା ପରେ ମଧ୍ୟ ବୋର୍ଡିଂ ଷ୍ଟେଶନକୁ ପରିବର୍ତ୍ତନ କରିପାରିବେ। ସେହିଭଳି ଟ୍ରାଭେଲ କ୍ଲାସକୁ ଅପ୍ଗ୍ରେଡ ସୁବିଧା ମଧ୍ୟ ମିଳିବ। ହାଇଡ୍ରୋଜେନ ଟ୍ରେନ ଯୋଗୁ ପ୍ରଦୂଷଣ ମୁକ୍ତ ରେଳ ଯାତ୍ରା ସମ୍ଭବ ହେବ। ଦୂରଗାମୀ ଯାତ୍ରକୁ ନଜରରେ ରଖି ୧୨ ନୂଆ ବନ୍ଦେ ଭାରତ ସ୍ଲିପର ଟ୍ରେନ ଚଳାଚଳ କରିବାକୁ ଯାଉଛି। ଏଥିରେ ରହିବ ଅତ୍ୟାଧୁନିକ ଫିଚର। ସାରା ଦେଶରେ ୭୫ ପ୍ରମୁଖ ଷ୍ଟେଶନ ଗୁଡ଼ିକରେ ନୂଆ ହୋଲ୍ଡିଂ ଏରିଆ ସ୍ଥାପନ କରାଯିବ। ଏହା ଦ୍ୱାରା ଭିଡରୁ ମିଳିବ ଆଶ୍ୱସ୍ତି। ସେହିଭଳି ରେଲୱେର ବ୍ରଡ ଗେଜ୍ ନେଟୱର୍କରେ ୧୦୦% ବିଦ୍ୟୁତୀକରଣ ନିକଟବର୍ତ୍ତି ହୋଇଛି।



# ଡ. ତପନ ସାହୁ ହେଲେ ମାରୁତି ସୁଜୁକିର ସିନିୟର ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର



ଭୁବନେଶ୍ୱର,୧୨।୪ : ଭାରତର ଅଗ୍ରଣୀ ଯାତ୍ରୀବାହୀ କାର୍ ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ୧ ଏପ୍ରିଲ ୨୦୨୬ଠାରୁ ଡକ୍ଟର ତପନ ସାହୁଙ୍କୁ ବରିଷ୍ଠ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭାବେ ପଦୋନ୍ନତି ଦେଇଛି। ଏହି ପରିବର୍ତ୍ତନ ସହିତ, ଡକ୍ଟର ସାହୁ ବର୍ତ୍ତମାନ ସମଗ୍ର ଡିଜିଟାଲ୍ ଷ୍ଟାକର ତଦାରଖ କରିବେ। ଏକ ଗୁରୁତ୍ୱପୂର୍ଣ୍ଣ ଏକୀକରଣ ଯାହା ଭାରତର ସର୍ବବୃହତ କାର୍ ନିର୍ମାତାରେ ଆଇଟି, ସାଇବର ସୁରକ୍ଷା ଏବଂ ଏଣ୍ଟରପ୍ରାଇଜ୍ ୱାଇଡ୍ ଡିଜିଟାଲ୍ ରୂପାନ୍ତରଣର ବୃଦ୍ଧି ପାଉଥିବା ସମ୍ମିଶ୍ରଣକୁ ପ୍ରତିଫଳିତ କରେ। ଡ. ସାହୁ ଆଇଆଇଟି ଦିଲ୍ଲୀର ପୂର୍ବତନ ଛାତ୍ର (ଏମବିଏ ଏବଂ ପିଏଚଡି) ଏବଂ ଭିଏସଏସୟୁଟି (ୟୁସିଇ) ବୁର୍ଲାର ବିଶିଷ୍ଟ ପୂର୍ବତନ ଛାତ୍ର। ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ଡ. ସାହୁଙ୍କୁ "ଇଣ୍ଡିଆନ୍ ନ୍ୟାସନାଲ ଏକାଡେମୀ ଅଫ୍ ଇଞ୍ଜିନିୟରିଂ (ଆଇଏନଏଇ)" ଏବଂ "ସୋସାଇଟି ଫର୍ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ (ଏସଟିଇଏମ)" ଦ୍ୱାରା "ଫେଲୋ" ମାନ୍ୟତା ପ୍ରଦାନ କରାଯାଇଛି। ଡ. ସାହୁ ବିଭିନ୍ନ ଶିଳ୍ପ, ଶିକ୍ଷାବିତ୍, ବୃତ୍ତିଗତ ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ସଂସ୍ଥାର ସରକାରୀ ସଂସ୍ଥାରେ ଅଂଶ ଗ୍ରହଣ କରନ୍ତି ଏବଂ ଅବଦାନ ରଖିଛନ୍ତି ଯେପରିକି ସିଆମ୍ (ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫାକ୍ଚରର୍ସ)ର ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ଆଣ୍ଡ କନେକ୍ଟେଡ୍ ମୋବିଲିଟି ଗ୍ରୁପର ଚେୟାରମ୍ୟାନ୍ ଏବଂ ସଡ଼କ ପରିବହନ ମନ୍ତ୍ରଣାଳୟର ଇଣ୍ଡିଆ ଜିଆରଇ ଗ୍ରୁପର ଅଧ୍ୟକ୍ଷ।

# ଫେବ୍ରୁଆରିରେ ଯୋଡ଼ିହେଲେ ୨.୩୨ ଲକ୍ଷ ମୋବାଇଲ ଗ୍ରାହକ

ଭୁବନେଶ୍ୱର,୧୨।୪: ଚଳିତବର୍ଷ ଫେବ୍ରୁଆରି ମାସରେ ରାଜ୍ୟରେ ୨ ଲକ୍ଷ ୩୨ ହଜାର ୫୦୬ ଜଣ ନୂଆ ଗ୍ରାହକ ମୋବାଇଲ ଫୋନ ନେଟୱର୍କରେ ଯୋଡ଼ି ହୋଇଛନ୍ତି। ରାଜ୍ୟରେ ବର୍ତ୍ତମାନ ସେବା ପ୍ରଦାନ କରୁଥିବା ୪ କମ୍ପାନିଙ୍କ ମଧ୍ୟରୁ ୩ କମ୍ପାନିର ଗ୍ରାହକ ବଢ଼ିଥିବାବେଳେ ଗୋଟିଏ କମ୍ପାନିର ଗ୍ରାହକ ସଂଖ୍ୟା କମିଛି ବୋଲି ଭାରତୀୟ ଦୂରସଂଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ରିପୋର୍ଟରୁ ଜଣାଯାଇଛି।ଜାନୁଆରି ଶେଷ ସୁଦ୍ଧା ରାଜ୍ୟରେ ମୋଟ ମୋବାଇଲ ଫୋନ ଗ୍ରାହକଙ୍କ ସଂଖ୍ୟା ୩ କୋଟି ୭୫ ଲକ୍ଷ ୧୮ ହଜାର ୩୩୧ ରହିଥିଲା। ଫେବ୍ରୁଆରି ଶେଷବେଳକୁ ଏହି ସଂଖ୍ୟା ୩ କୋଟି ୭୭ ଲକ୍ଷ ୫୦ ହଜାର ୮୩୮ରେ ପହଞ୍ଚିଛି। ଫେବ୍ରୁଆରି ମାସରେ ଜିଓ ସର୍ବାଧିକ ୧ ଲକ୍ଷ ୭୪ ହଜାର ୮୧୦ ଜଣ ନୂଆ ଗ୍ରାହକ ଯୋଡ଼ିଛି। ଏହା ପଛକୁ ଏୟାରଟେଲ ୪୬,୧୯୨ ଏବଂ ଭୋଡାଫୋନ ଆଇଡିଆ ୧୭ ହଜାର ୬୭ ଜଣ ଗ୍ରାହକ ଯୋଡ଼ିଛନ୍ତି। କିନ୍ତୁ ବିଏସ୍ଏନ୍ଏଲ୍ ୫୫୩୨ ଗ୍ରାହକ ହରାଇଛି। ଏଥିଯୋଗୁ ରାଜ୍ୟରେ ଜିଓର ମୋବାଇଲ ଫୋନ ଗ୍ରାହକ ସଂଖ୍ୟା ୧କୋଟି ୭୫ ଲକ୍ଷ ୮୬ ହଜାର ୨୫୦ରେ ପହଞ୍ଚିଛି। ସେହିଭଳି ଏୟାରଟେଲର ଗ୍ରାହକ ସଂଖ୍ୟା ୧ କୋଟି ୩୧ ଲକ୍ଷ ୫୩ ହଜାର ୩୨୧, ଭୋଡାଫୋନ ଆଇଡିଆର ମୋବାଇଲ ଫୋନ ଗ୍ରାହକ ସଂଖ୍ୟା ୧୫ ଲକ୍ଷ ୩ ହଜାର ୬୪୬ ଏବଂ ବିଏସ୍ଏନ୍ଏଲ୍ର ଗ୍ରାହକ ସଂଖ୍ୟା ୫୫ ଲକ୍ଷ ୭ ହଜାର ୬୫୧ରେ ରହିଛି।



### ୟୁପିଆଇ ପାଇଁ ଚାର୍ଜ ଦେବାକୁ ପଡ଼ିଲେ

# ବ୍ୟବହାର ବନ୍ଦ କରିଦେବେ ୭୫% ଲୋକ: ସର୍ଭେ ରିପୋର୍ଟ

ନୂଆଦିଲ୍ଲୀ,୧୨।୪: ଭାରତରେ ୟୁପିଆଇ ବ୍ୟବହାର କରୁଥିବା ଅଧିକାଂଶ ଲୋକେ ଏବେବି ଏହାକୁ ସଂପୂର୍ଣ୍ଣ ମାଗଣା ରଖିବାକୁ ଚାହୁଁଛନ୍ତି। ଯଦି ଟ୍ରାଞ୍ଜାକ୍ସନ ଉପରେ କୌଣସି ଚାର୍ଜ ନିଆଯିବ ତେବେ ତିନିରୁ ପ୍ରାୟ ୨ ଜଣ ଏହାକୁ ବ୍ୟବହାର କରିବା ଛାଡ଼ିଦେଇପାରନ୍ତି। ଲୋକାଲସର୍କଲ୍ସର ଏକ ସର୍ଭେରେ ଏହି ତଥ୍ୟ ସାମ୍ନାକୁ ଆସିଛି। ସର୍ଭେରେ ସାମିଲ ୭୫ ପ୍ରତିଶତ ଲୋକେ କହିଛନ୍ତି ଯେ, ୟୁପିଆଇ ପାଇଁ କୌଣସି ଚାର୍ଜ ନଲାଗିବା ଦରକାର।

ଆଉ ଯଦି ଚାର୍ଜ ଲଗାଯାଉଛି ତେବେ ଏହାର ବ୍ୟବହାର ବନ୍ଦ କରିଦେବେ। କେବଳ ୨୫ ପ୍ରତିଶତ ଲୋକ ହିଁ ଚାର୍ଜ ଦେବା ପାଇଁ ପ୍ରସ୍ତୁତ ହୋଇଥିଲେ। ଏହି ଫଳାଫଳ ଦେଶର ୩୭୬ ଜିଲ୍ଲାର ଲୋକଙ୍କ ଠାରୁ ମିଳିଥିବା ୩୯ ହଜାରରୁ ଅଧିକ ଉତ୍ତର ଉପରେ ଆଧାରିତ। ଏମିତିରେ ୟୁପିଆଇ ପାଇଁ ଫିଂକୁ ନେଇ ହୋଇଥିବା ଏହି ସର୍ଭେକୁ ଏପର୍ଯ୍ୟନ୍ତର ସବୁଠୁ ବଡ଼ ଗ୍ରାହକ ମତ ସର୍ଭେ ଭାବରେ ଦେଖାଯାଉଛି। ଲୋକେ ୟୁପିଆଇକୁ ଏତେ ପସନ୍ଦ କରୁଛନ୍ତି ଯେ, ମାଗଣା ହେବା କାରଣରୁ ଦୈନନ୍ଦିନ ଛୋଟ- ବଡ଼ ପେମେଣ୍ଟ ପାଇଁ ଏହାକୁ ପ୍ରଥମ ପସନ୍ଦ କରିଛନ୍ତି। ୟୁପିଆଇ ଏବେ ଭାରତର ଡିଜିଟାଲ ପେମେଣ୍ଟର ସବୁଠୁ ବଡ଼ ପ୍ଲାଟଫର୍ମ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୟୁପିଆଇରେ ୨୪୦ ବିଲିୟନରୁ ଅଧିକ ଥର ଟ୍ରାଞ୍ଜାକ୍ସନ ସହ ୩୧୪ ଟ୍ରିଲିୟନ ଟଙ୍କାର ନେଣଦେଣ ହୋଇଛି। ଏତେ ବଡ଼ ସଂଖ୍ୟାରେ ଟ୍ରାଞ୍ଜାକ୍ସନ ହେବା ସତ୍ତ୍ୱେ ବି ସିଷ୍ଟମକୁ ଚଲାଇବାରେ ବ୍ୟାଙ୍କ ଏବଂ ଏହା ସହ ଜଡ଼ିତ ବିଭିନ୍ନ ସଂସ୍ଥାଙ୍କୁ ଲାଭ ହେଉନାହିଁ।

ବ୍ୟାଙ୍କଗୁଡ଼ିକ କହିଛନ୍ତି, ୟୁପିଆଇରେ କୌଣସି ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ (ଏମଡିଆର) ନାହିଁ। ଯେଉଁ କାରଣରୁ ସେମାନେ କେବଳ ଖର୍ଚ୍ଚ ଉଠାଉଛନ୍ତି। ଆକ୍ସିସ ବ୍ୟାଙ୍କ ଏମଡି ଅମିତାଭ ଚୌଧୁରୀ ପୂର୍ବରୁ କହିଥିଲେ ଯେ, ବ୍ୟାଙ୍କ ୟୁପିଆଇ ଟ୍ରାଞ୍ଜାକ୍ସନରେ କିଛି ବି ଆୟ ହେଉନାହିଁ। ହେଲେ ଭିତ୍ତିଭୂମି ପାଇଁ ଖର୍ଚ୍ଚ ବଢୁଛି। ଲଞ୍ଚ ହେବାର ୧୦ ବର୍ଷ ପରେ ବି ଇନସେନଟିଭ ହ୍ରାସ ଏବଂ ଶୂନ ରେଭେନ୍ୟୁ ମଡେଲ କାରଣରୁ ପୂରା ଇକୋସିଷ୍ଟମ ଚାପରେ।

ସର୍ଭେରେ ଏହା ମଧ୍ୟ ଜଣାପଡ଼ିଛି ଯେ, ୫୭ ପ୍ରତିଶତ ୟୁଜର୍ସଙ୍କୁ ଗତ ୧ ବର୍ଷରେ ଥରେ ଏଭଳି ସମୟ ଆସିଛି ଯେତେବେଳେ କେହି ଦୋକାନୀ ୟୁପିଆଇ ପେମେଣ୍ଟ ନେବାକୁ ମନା କରିବା ସହ ନଗଦ ମାଗିଛନ୍ତି। ଏଥିରେ ୧୯ ପ୍ରତିଶତ ଲୋକଙ୍କ ସହ ଏହି ସମସ୍ୟା ଅନେକ ସମୟରେ ହୋଇଛି। ବିଶେଷ କରି ଛୋଟ ବ୍ୟବସାୟୀ ଏହି କାରଣରୁ ଅସୁବିଧାର ନଜର ଆସୁଛନ୍ତି। କାରଣ ତାଙ୍କ ପାଇଁ ଫ୍ରି ୟୁପିଆଇରେ କୌଣସି ଫାଇଦା ହେଉନାହିଁ। ୟୁପିଆଇ ଆରମ୍ଭରୁ ହିଁ ମାଗଣା ଏବଂ ସହଜ ଟ୍ରାଞ୍ଜାକ୍ସନ କାରଣରୁ ଦ୍ରୁତ ଭାବରେ ଲୋକପ୍ରିୟ ହୋଇପାରିଛି। କିନ୍ତୁ ଏବେ ଯେତେବେଳେ ଟ୍ରାଞ୍ଜାକ୍ସନ ସଂଖ୍ୟା ବଢ଼ିବା ସହ ଭିତ୍ତିଭୂମିକୁ ବଜାୟ ରଖିବା ଏବଂ ଆଗକୁ ବଢ଼ାଇବା ଖର୍ଚ୍ଚ ମଧ୍ୟ ବଢୁଛି। ବ୍ୟାଙ୍କ ଏବଂ ପେମେଣ୍ଟ କମ୍ପାନି କହିଛନ୍ତି ବିନା କୌଣସି ରେଭେନ୍ୟୁ ମଡେଲର ଏହି ସିଷ୍ଟମ ଲମ୍ବା ସମୟ ପର୍ଯ୍ୟନ୍ତ ତିଷ୍ଠି ପାରିବନି।



# ପ୍ରିୟଙ୍କା ଚୋପ୍ରା ବେଣ୍ଟଲିର ନୂଆ ବ୍ରାଣ୍ଡ ଆମ୍ବାସାଡର




ନୂଆଦିଲ୍ଲୀ,୧୨।୪: ପ୍ରିୟଙ୍କା ଚୋପ୍ରା ଜୋନସ ହେଲେ ବେଣ୍ଟଲିର ନୂଆ ଗ୍ଲୋବାଲ୍ ବ୍ରାଣ୍ଡ ଆମ୍ବାସଡର। କମ୍ପାନି ତାଙ୍କ ସହ ଏକ ନୂଆ କ୍ୟାମ୍ପେନର ଝଲକ ମଧ୍ୟ ସେୟାର କରିଛି। ଯେଉଁଥିରେ ତାଙ୍କୁ ବେଣ୍ଟଲେ କଣ୍ଟନେଣ୍ଟାଲ ଜିଟି ସହ ଦେଖିବାକୁ ମିଳିଛି। ଏହି କ୍ୟାମ୍ପେନ ସହ ସେ ପୂର୍ବରୁ ଯୋଡ଼ି ହୋଇଥିବା ଗ୍ଲୋବାଲ ଆମ୍ବାସଡର ତାଲିକାରେ ସାମିଲ ହୋଇଛନ୍ତି। ଯେଉଁଥରେ ଗ୍ରେଗ ଓ୍ୱିଲିୟମ୍ସ ଏବଂ ମାଇ ଇକୁଜାବାଙ୍କ ଭଳି ନାଁ ସାମିଲ ରହିଛି। ନିଜ ୨୫ ବର୍ଷ କ୍ୟାରିୟରରେ ପ୍ରିୟଙ୍କା ଚୋପ୍ରା ଅନେକ ଚଳଚ୍ଚିତ୍ରରେ ଅଭିନୟ କରିବା ସହ ପ୍ରଯୋଜନା, ବ୍ୟବସାୟ ଏବଂ ସାମାଜିକ କାର୍ଯ୍ୟରେ ଦୃଢ଼ ଉପସ୍ଥିତି ସ୍ଥାପନ କରିଛନ୍ତି। ଖାଲି ସେତିକି ନୁହେଁ, ସେ ନ୍ୟୁୟର୍କ ଟାଇମ୍ସର ଜଣେ ବେଷ୍ଟସେଲିଂ ଲେଖିକା ଏବଂ ଅନେକ ଷ୍ଟାର୍ଟଅପ୍ ଏବଂ ନିବେଶ ପ୍ରକଳ୍ପରେ ଜଡ଼ିତ। ସେ ଶିଶୁ ଶିକ୍ଷା ଏବଂ ଅଧିକାରକୁ ପ୍ରୋତ୍ସାହିତ କରିବା ପାଇଁ ୟୁନିସେଫ୍ ସହିତ ମଧ୍ୟ କାମ କରିଛନ୍ତି। ଏହି ସହଭାଗିତା ବିଷୟରେ ପ୍ରିୟଙ୍କା ଚୋପ୍ରା କହିଛନ୍ତି, ବେଣ୍ଟଲିର ସ୍ୱତନ୍ତ୍ରତା ହେଉଛି ଏହାର କାରିଗରୀ ଏବଂ ଡିଟେଲିଂ। କମ୍ପାନିର ପ୍ରତ୍ୟେକ ଡିଜାଇନ୍ ଏବଂ ଫିଚରରେ ଉତ୍କୃଷ୍ଟ ଚିନ୍ତାଧାରା ଏବଂ ପରିଶ୍ରମର ପ୍ରତିଫଳନ। ପ୍ରିୟଙ୍କା ଆହୁରି କହିଛନ୍ତି, ଜଣେ କଳାକାର ଭାବରେ ସେ ସର୍ବଦା ସୃଜନଶୀଳତା ଏବଂ ପ୍ରକ୍ରିୟାକୁ ଗୁରୁତ୍ୱ ଦିଅନ୍ତି। ତେଣୁ ଏହି କ୍ୟାମ୍ପେନ ସ୍ୱାଭାବିକ ଏବଂ ସହଜ ଅନୁଭବ ହୋଇଥିଲା। ବେଣ୍ଟଲିର ମାର୍କେଟିଂ ନିର୍ଦ୍ଦେଶକ ବେନ୍ ହ୍ୱାଟହାମ୍ ମଧ୍ୟ ଏହି ପାର୍ଟନରସିପକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ପ୍ରିୟଙ୍କାଙ୍କ ପ୍ରାମାଣିକ ଦୃଷ୍ଟିକୋଣ ବ୍ରାଣ୍ଡର ଚିନ୍ତାଧାରା ସହ ସମ୍ପୂର୍ଣ୍ଣ ମେଳ ଖାଉଛି। ତାଙ୍କ ଅନୁସାରେ, ଏହି ଅଭିଯାନ ତାଙ୍କର ପ୍ରକୃତ ବ୍ୟକ୍ତିତ୍ୱକୁ ପ୍ରଦର୍ଶନ କରିବା ଏବଂ ପାରମ୍ପରିକ ବିଜ୍ଞାପନ ଅପେକ୍ଷା ଅଧିକ ପ୍ରାକୃତିକ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। କମ୍ପାନୀ ବେଣ୍ଟଲି କଣ୍ଟିନେଣ୍ଟାଲ GTକୁ ଏକ ଅଲ୍ଟ୍ରା-ଲଗଜୁରୀ ଗ୍ରାଣ୍ଡ ଟୁରର୍ ଭାବରେ ଲୋକପ୍ରିୟ। ବର୍ତ୍ତମାନ ଏହାର ଚତୁର୍ଥ ପିଢ଼ିରେ ଏହି କାରଟି ଏକ ଅଧିକ ଆଧୁନିକ ଏବଂ ଆକର୍ଷଣୀୟ ଡିଜାଇନ୍ ସହ ରହିଛି। ଏହା ହାଇବ୍ରିଡ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରେ। ଯେଉଁଥିରେ ପେଟ୍ରୋଲ ଇଞ୍ଜିନ୍ ଏବଂ ଇଲେକ୍ଟ୍ରିକ ମୋଟର ରହିଛି। ଏହାର ଟପ୍ ଭାରିଆଣ୍ଟରେ ରହିଛି ଶକ୍ତିଶାଳୀ ଇଞ୍ଜିନ୍ । ଯାହା ସ୍ପିଡ ଏବଂ ସ୍ମୁଥ୍ ଡ୍ରାଇଭିଂ ଏକ୍ସପିରିଏନ୍ସ ଦେଇଥାଏ। କାର ମାତ୍ର କିଛି ସେକେଣ୍ଡରେ ଘଣ୍ଟା ପ୍ରତି ୧୦୦ କିଲୋମିଟର ବେଗରେ ପହଞ୍ଚିପାରିବ। ଉନ୍ନତ ସସପେନସନ୍ ଏବଂ କଣ୍ଟ୍ରୋଲ ସିଷ୍ଟମ ଏହାକୁ ଦୀର୍ଘ ଦୂରତା ଯାତ୍ରା ପାଇଁ ଆହୁରି ଆରାମଦାୟକ କରିଥାଏ।



## ଆଜିର ସୁନା ଦର

ବର୍ତ୍ତମାନ ରୁପା ଦର ଏକ କେଜି ପିଛା ୧୦ ହଜାର ବଢ଼ି ହୋଇଛି ୨ ଲକ୍ଷ ୬୫ ହଜାର ଟଙ୍କା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୮୨୦ ୧,୪୧,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।



# ଅନାବିଳ ପ୍ରେମ

ଡଃ ତାନଶ୍ରୀ ପାଣିଗ୍ରାହୀ



ସୂର୍ଯ୍ୟ ଅସ୍ତାଚଳ ହେଲା ପରେ ସନ୍ଧ୍ୟାର ଆଗମନ ହୋଇଛି ଗୋପଦାଣ୍ଡରେ। ଧୀର ପଦକ୍ଷେପରେ ଆସିଛନ୍ତି ଲଳିତା କୃଷ୍ଣଙ୍କ ପାଖକୁ। କୃଷ୍ଣ ଆଶ୍ଚର୍ଯ୍ୟ ହେଲେ ଲଳିତାକୁ ଦେଖି। ସେ କିପରି ଜାଣିବେ କୃଷ୍ଣଙ୍କର ମନ ବୃନ୍ଦାବନର କେଳି କୁଞ୍ଜରେ ରାଧାଙ୍କ ପାଦର ନୂପୁର ସଦାସର୍ବଦା ଅନୁରଣିତ ହେଉଛି ବୋଲି। ଆକାଶରେ ଅଷ୍ଟମୀ ଜହ୍ନର ନିଶିଥ ଅଭିସାର। ଲଳିତା ଆଖିରେ ଅନେକ ପ୍ରଶ୍ନବାଚୀ...

କୃଷ୍ଣ କହିଲେ-ଆଗୋ ଲଳିତା କଣ କିଛି କହିବନି...?

ଲଳିତା କହିଲେ, ହଁ ଅନେକ କଥା କହିବା ପାଇଁ ତ ଆସିଛି... ଏବେ ରାଧା ବିବାହିତା... ବାଳିକାବଧୂ। ଏଇ ମାତ୍ର ଧୂଳି ଖେଳ ଛାଡି ପିତୃଗୃହ ତ୍ୟାଗ କରି ସାଂସାରିକ ବନ୍ଧନରେ ବନ୍ଦିନୀ। ଘର ସଂସାର ସମ୍ପର୍କରେ ସମ୍ପୂର୍ଣ୍ଣ ଅନଭିଜ୍ଞ। ମନ ଭିତରେ ଅନେକ ଆଶା ଓ ଆଖିରେ ଅନେକ ସ୍ୱପ୍ନ... ଶାଶୁ ନଣନ୍ଦଙ୍କ ଗଞ୍ଜଣା, ଗାଳି ମାଡ଼ ବିରୋଧରେ କିଛି କହିବାକୁ ତାଙ୍କର ଶକ୍ତି କି ସାହସ ନାହିଁ। ପୌରୁଷତ୍ୱ ବିହୀନ ସ୍ୱାମୀର ନୀରବ ସମର୍ଥନ ତାଙ୍କ ଜୀବନକୁ ଦୁର୍ବିସହ କରି ଦେଉଛି...।

କୃଷ୍ଣ ସବୁ ଶୁଣି ଗମ୍ଭୀର ହୋଇ ଗଲେ... ତେବେ ମୁଁ ତାଙ୍କ ପାଇଁ କଣ କରି ପାରିବି ଲଳିତା...?

ରାଧାଙ୍କୁ ଆପଣଙ୍କ ମୂରଲୀ ଧ୍ୱନିର ସମ୍ମୋହନ ଶକ୍ତିରେ ବଶ କରିବାର କ୍ଷମତା କେବଳ ଆପଣଙ୍କର ଅଛି ସଖା... କିଛି ନ କହିଲେ ବି ଆପଣ କଣ କିଛି ବୁଝି ପାରୁ ନାହାନ୍ତି ନାଁ ସବୁ ବୁଝି ନ ଜାଣିବାର ଅଭିନୟ କରୁଛନ୍ତି ସଖା...

ମୋର ଗୋଟିଏ ପ୍ରାର୍ଥନା ଅଛି...କୃଷ୍ଣ ଟିକିଏ ସ୍ମିତ ହାସ୍ୟ ଖେଳାଇ ପଚାରିଲେ କଣ ଲଳିତା କୁହ... ଲଳିତା ଆଖି ଛଳ ଛଳ କରି କହିଲେ- ମୋର ପ୍ରିୟ ସଖି ରାଧାର ଜୀବନ କଣ ଏମିତି ଅସହାୟ ଯନ୍ତ୍ରଣା ଭିତରେ କଟିବ... ତାକୁ ଯନ୍ତ୍ରଣା ମୁକ୍ତ କରନ୍ତୁ... ଆଶ୍ଚର୍ଯ୍ୟ ଲଳିତା... ନିଜ ପାଇଁ ନୁହେଁ... ନିଜ ବାନ୍ଧବୀର ସୁଖ ପାଇଁ ତୁମ ଭିତରେ ଏତେ ଆବେଗ... ସତରେ ଧନ୍ୟ ତୁମେ ଲଳିତା... ଧନ୍ୟ ତୁମ ବନ୍ଧୁତ୍ୱ ପ୍ରେମ। ଭସାମେଘ ଖଣ୍ଡେ ଆସି ଆକାଶର ଅଷ୍ଟମୀ ଜହ୍ନକୁ ଲୁଚାଇ ଦେଲା ତା ପଣତଭିତରେ... ଅନ୍ଧକାର ଭିତରେ କୃଷ୍ଣ ଓ ଲଳିତା ଦୁହେଁ ବିପରୀତ ଦିଗକୁ ଧୀରେ ଧୀରେ ପାଦ ପକାଇଲେ। ସତରେ ଦୁଃଖ ଶୋକ,ରୋଗ, ଭୋଗ, କର୍ମ ଓ ପ୍ରେରଣାର ଉତ୍ସ କେବଳ ପ୍ରକୃତ ବନ୍ଧୁ ହିଁ ଦେଇପାରେ...। ପ୍ରକୃତ ବନ୍ଧୁର ପ୍ରେମ ହିଁ ଅନାବିଳ ପ୍ରେମ।

ବାଲେଶ୍ୱର, ମୋବାଇଲ୍: ୯୩୩୭୩୦୪୨୯୫



## ପ୍ରିୟାର ଅନ୍ତଃସ୍ୱର

ଡ. ଭାରତୀ ହୋତା

ତୁମ ସହ ଚାଲୁ ଚାଲୁ
ହଠାତ୍ ମୋ ପାଦ ଯଦି ଖସିଯାଏ ଖସଡ଼ା ରାସ୍ତାରେ
ମୁଁ ପଡ଼ିଯିବା ଆଗରୁ ତୁମେ ମୋତେ ଯନ୍ତ୍ରବତ୍ ସମ୍ଭାଳି ନିଅ
ପୁଣି ସେଇ ରାସ୍ତାର କଣ୍ଟା କାଚ ବାଛିଦିଅ ସ୍ୱହସ୍ତରେ
ତୁମେ ସାଥିରେ ଥିଲେ ମେଘ ମାଘ ସବୁ ଋତୁ
ଫଗୁଣ ଫଗୁଣ ବାସେ
ସବୁ ରାତି ଜହ୍ନରାତି
ତୁମେ ପାଖରେ ଝରଣା ତା ପାଉଁଜି ପିନ୍ଧି ନାଚେ
କୋଇଲି ମଧୁର ଝଙ୍କାର ତୋଳେ ।
ମୋର ଗୋଟିଏ ମୁରୁକି ହସ ପାଇଁ
ତୁମେ ସମର୍ପି ଦିଅ ତୁମ ସମସ୍ତ ପାରିବାପଣ ।
କିଏ ଅଛି ସାକ୍ଷୀ ଏଇ ସବୁ ଦୃଶ୍ୟର
ଭୂମି ନା ଆକାଶ
ମେଘ କି ପବନ
ଫୁଲ କି ଫଗୁଣ
କେହି ନୁହେଁ ମ '
ଯେ ତ ମୋର ଅତି ନିଜର
ମିଠା ଅନୁଭବ
ମୋ କବିତାର ପ୍ରତି ପଂକ୍ତିର ବିହ୍ୱଳ ଭାବ
ହୃଦୟ ଗହ୍ୱରର ସାଇତା ଅଟଳ ବିଶ୍ୱାସ
ଅନ୍ତଃସ୍ୱରର ମିଠା ରାଗିଣୀ
ଯାହାକୁ ଗୁନଗୁନେଇ ହୁଏ ଅହରହ ।
ଏଇ ବିଶ୍ୱାସ ଟିକକ ମୋ ସାଇତା ସମ୍ପତ୍ତି
ଯାହା ଆତ ଜାତ ହୁଏ ସର୍ବଦା ମୋ ପ୍ରାଣରେ ଅପାନରେ
ଉର୍ଦ୍ଧରେ ଅଧଃରେ
ସବୁ ସୁଖ ଦୁଃଖ ଲୁହ ଲହୁ
ଅତୀତ ବର୍ତ୍ତମାନ ଭବିଷ୍ୟତରେ ।
ସେଇ ବିଶ୍ୱାସ ଟିକକ ଅଛି ବୋଲି
ବଗିଚାରେ ମହ ମହ ବାସୁଚି ଫୁଲ
ହସୁଛି ତୁଳସୀ ଚଉରା
ଦପ୍ ଦପ୍ ଜଳୁଚି ସଂଜବତୀ
ଖଟୁଲିରେ ବିରାଜିତ ଜ୍ୟୋତିର୍ମୟ ଠାକୁର ।

ନୂଆପଡ଼ା





## ଆମ ମାତୃଭାଷା ଆମ ଜୀବନ

ଡଃ ନାରାୟଣ ଚନ୍ଦ୍ର ସେନାପତି

ଆମକୁ ଦେଇଛି ମାଆ ଓ ମାଉସୀ
ସାହି ପଡୋଶୀଙ୍କ ମମତା ସ୍ନେହ
ଯାହାଙ୍କ ଓଠରୁ ମହୁ ଝରା କଥା
ପୋଛି ଦିଏ ଛାତି ଭିତର କୋହ।
ଛନ୍ଦୁଛି ବାନ୍ଧୁଛି ତା ଭାବ ବନ୍ଧନେ
ପରକୁ କରୁଛି ଅତି ଆପଣା
ତା କୁହୁକୀ ଛୁଆଁ କରୁଛି କିମିଆଁ
ଲାଗୁଛି ଗଳାରେ ଦାମୀ ଗହଣା।
ମୋହନ ମୂରଲୀ ଠାରୁ ମିଠା ସ୍ୱନ
ଲାଗେ ତା ଲହର ଜଗାର ନେତ
ଲହୁ ଲୁହ ପୋଛି ଆଶ୍ୱାସନା ଦିଏ
ଯେସନେ ଛୁଏଁ ମୋ ମାଆ ପଣତ।
ତାକୁ କହି ଜିଣେ କୋଟିଏ ହୃଦୟ
ସାଜେ ପ୍ରିୟ ପାତ୍ର ପାଏ ସମ୍ମାନ
ସେ ମୋ ପରିଚୟ ମୁଁ ତାର ପ୍ରତିମା
ତା ଛୁଆଁ ଲାଗଇ ମୃଦୁ ଚନ୍ଦନ।
ଶିକ୍ଷାରେ ଥାଏ ସେ ଦୀକ୍ଷାରେ ବି ଥାଏ
ଥାଏ ଜୀବିକାରେ ମୂମୂର୍ଷୁ ପାଶେ
ରୋଗରେ ଦୁଃଖରେ ଶୋକରେ ଶଙ୍କାରେ
ସଭିଙ୍କୁ ଛୁଇଁ ସେ ଖୁସି ବରଷେ।
ଆମକୁ ଶିଖାଏ ଏକତା ସଦ୍ଭାବ
ଶୃଙ୍ଖଳା ସଂସ୍କାର ଆପଣା ପଣ
ଲୁଚେଇ ଚୋରେଇ ଦିଏ ସ୍ନେହ ଶ୍ରଦ୍ଧା
ପ୍ରେମ ପ୍ରୀତି ଖୁସି ମାୟା ବନ୍ଧନ।
ତା ଠାରୁ ଶିଖିଲେ ମଣିଷ ପଣିଆ
ସବୁଠି ମିଳଇ ଆଦର ଯତ୍ନ
ତାକୁ ଭକତିରେ ଆଲିଙ୍ଗନ କଲେ
ପରୋକ୍ଷେ ତିଆରେ ଜୀବନ୍ତ ରତ୍ନ।
ବଞ୍ଚିବା ବଢ଼ିବା ତା ଦ୍ୱାରା ସମ୍ଭବ
ସେ ଆମ ଶରୀର ଆମ୍ଭେ ତା ପ୍ରାଣ
ସେ ଆମ ବିକାଶ ସେ ଆମ ନିଃଶ୍ୱାସ
ଆଶା ଭରସାର ସ୍ୱତଃ ସ୍ପନ୍ଦନ।

ଜମ୍ବିରା, କେନ୍ଦୁଝର

ସମୟର ସ୍ଥାୟିତ୍ୱ



# ଓଡ଼ିଶାରେ ପାରମ୍ପରିକ ଦଣ୍ଡନାଟ





ଡକ୍ଟର ଲକ୍ଷ୍ମଣ ସାହୁ

ଓଡ଼ିଶାର ଦଣ୍ଡନାଟ ଏକ ପ୍ରାଚୀନ ଓ ପାରମ୍ପରିକ ନାଚ। ବିଶେଷ କରି ଏହା ଗଞ୍ଜାମ ଜିଲ୍ଲାର ଏକ ଲୋକ ପର୍ବ। ଏହା ଗ୍ରାମାଞ୍ଚଳରେ ଏହା କାମନା ଦଣ୍ଡ ଭାବେ ପରିଚିତ। ଏହି ନୃତ୍ୟ ଦ୍ୱାରା ଧର୍ମୀୟ ଧାରଣା ଓ ଈଶ୍ୱର ବିଶ୍ୱାସ ଜାଗ୍ରତ ହୋଇଥାଏ। ଆଦି ନାଟକର ସୃଷ୍ଟି ରହସ୍ୟମୟ। ତାହା କେବେ ଆରମ୍ଭ ହୋଇଥିଲା ଯଥାର୍ଥ ଉତ୍ତର ନାହିଁ, ବିବାଦୀୟ ହୋଇ ରହିଛି। ତଥାପି ଆଧୁନିକ ନାଟକ ସୃଷ୍ଟିର ବହୁ ପୂର୍ବରୁ ଲୋକନାଟକଗୁଡ଼ିକ ସୃଷ୍ଟି ହୋଇଥିବା ବିଷୟକୁ ଅସ୍ୱୀକାର କରିହେବ ନାହିଁ। କାରଣ ବେଦ, ଭରତମୁନିଙ୍କ ନାଟ୍ୟଶାସ୍ତ୍ର,ବୌଦ୍ଧ ନିକାୟ,ପାଣିନି,କୃଶାଶ୍ୱ ଓ ବିଭିନ୍ନ ପୌରାଣିକ ଗ୍ରନ୍ଥରୁ ଲୋକନାଟକ ସମ୍ପର୍କରେ ସଂକେତ ମିଳିଥାଏ। ଲୋକନାଟକ ବର୍ହିଲକ୍ଷ ଓ ଅନ୍ତର୍ଲକ୍ଷ ହେଉଛି ଶିକ୍ଷା ପ୍ରଦାନ କରିଥାଏ। ଜନଜୀବନର କାହାଣୀକୁ ବିଶ୍ୱସ୍ତ ଭାବେ ଉପସ୍ଥାପିତ କରିବା ଲୋକନାଟକର ଲକ୍ଷ। ନାଟକ ହେଉଛି ଦୃଶ୍ୟକାବ୍ୟ ଓ କାବ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ। ନାଟକର ସ୍ରଷ୍ଟା ନାଟ୍ୟ ଶିଳ୍ପିର ମାୟାଜାଲ ବିସ୍ତାର କରି ଦର୍ଶକର ଚିତ୍ତ ବିନୋଦନ ସହିତ ସତ୍ୟ ,ଶିବ ଓ ମଙ୍ଗଳର ଜୟଗାନ କରିଥାନ୍ତି। ଲୋକ ନାଟକର କାରଣ ହେଉଛି -ପ୍ରକୃତି ପ୍ରଭାବ, ଧର୍ମ ଚିନ୍ତନ, କୃଷି ସଭ୍ୟତା, ସାମରିକ ପରମ୍ପରା, କାରୁକଳା, ଆଦିବାସୀ ଓ ଓଡଶୀ ନୃତ୍ୟ।

ଦଣ୍ଡ ନାଟ୍ୟର ଉତ୍ପତ୍ତି ଓ ବିଶ୍ୱାସ ପୁରାଣ ସମ୍ବଳିତ କଥାକୁ ନେଇ।ଥରେ ଦକ୍ଷ ପ୍ରଜାପତି ଯଜ୍ଞର ଆୟୋଜନ କରି ନିଜ କନ୍ୟା ସତୀ ଓ ଜାମାତା ଶିବଙ୍କ ଛାଡି ଅନ୍ୟ ଦେବତାମାନଙ୍କୁ ଆମନ୍ତ୍ରିତ କରିଥିଲେ। ନିମନ୍ତ୍ରିତ ନଥିବାରୁ ସତୀ ଯଜ୍ଞସ୍ଥଳକୁ ଯିବାରୁ ଦକ୍ଷ ତାଙ୍କୁ ଭର୍ତ୍ସନା କରିବା ସହ ଶିବଙ୍କୁ ଚରମ ଅପମାନ ଦେଲେ। ଏହା ସହି ନ ପାରି ସତୀ ଯଜ୍ଞକୁଣ୍ଡରେ ଝାସଦେଇ ପ୍ରାଣତ୍ୟାଗ କଲେ। ଏହି ଦୁଃଖଦ ଖବର ପାଇ ଶିବ କ୍ରୋଧାନ୍ୱିତ ହୋଇ ଦକ୍ଷଙ୍କର ଶିରଚ୍ଛେଦ କରିଥିଲେ। ତାଙ୍କର ଉଗ୍ରରୂପକୁ ଶାନ୍ତ କରିବାପାଇଁ ଦକ୍ଷ ପତ୍ନୀ ପ୍ରସୂତୀ ଅର୍ଘ୍ୟ ଦେଇ ବନ୍ଦାପନା କରିବାକୁ ଆସିବା ବେଳେ ଶିବଙ୍କର ଦିଗମ୍ବର ରୂପକୁ ଦେଖି ତାଙ୍କୁ ଲିଙ୍ଗରୂପରେ ପୂଜା ପାଇବାକୁ ଅଭିଶାପ ପ୍ରଦାନ କଲେ। ସେହି ଅଭିଶାପରେ ଶିବଲିଙ୍ଗ ଭୂପତିତ ହେଲା ଓ ଆଦିଶକ୍ତି ଉଭା ହୋଇ ଏହି ଲିଙ୍ଗକୁ ଧାରଣ କଲେ। ସେହିଦିନଠାରୁ ଶିବଶକ୍ତି ଦଣ୍ଡ ଓ ଘଡ଼ି ରୂପରେ ପୂଜା ପାଉଛନ୍ତି। ବ୍ରହ୍ମା ଏହି ଦଣ୍ଡ-ଘଡ଼ି ପୂଜା କରିବାକୁ ଚଢ଼େଇଆକୁ ଦେବା ଦିନ ଠାରୁ ଦଣ୍ଡଯାତ୍ରାର ଆରମ୍ଭ ଘଟିଛି।

ସେଭଳି ଅନ୍ୟ ଏକ ପୌରାଣିକ କାହାଣୀ ରହିଛି। ବ୍ରହ୍ମାଙ୍କ ପାଞ୍ଚ କୁମାର ମରୀଚି, ପୁଳହ, ପୁଲସ୍ତ୍ୟ, କ୍ରତୁ ଓ ଅଙ୍ଗିରା ଇନ୍ଦ୍ରଙ୍କ ପାଞ୍ଚ ପୁଅ ଜୟନ୍ତ, ପାକଶାସ୍ତ୍ରୀ, ସୁବସ୍ତ, ସୁରସେନ, ଗନ୍ଧର୍ବସେନ ଓ କୁବେରଙ୍କ ତିନିପୁତ୍ର ନଳ, ମଣିଭଦ୍ର, ସୁକୁବେର ସତ୍ୟ ଯୁଗରେ ଦେବଗୁରୁ ବୃହସ୍ପତିଙ୍କଠାରୁ ବିଦ୍ୟାଶିକ୍ଷା କରି ଫେରୁଥିବା ସମୟରେ ପିତୃଲୋକଙ୍କୁ ଜଳଦାନ କରୁଥିବା ଋଷି କର୍ତ୍ତୃଙ୍କୁ ଦେଖି ହସିବାରୁ ଶାପିତ ହୋଇ କୁଷ୍ଠରୋଗାକ୍ରାନ୍ତ ହେଲେ। ଏଥିରୁ ମୁକ୍ତି ପାଇବାକୁ ସେମାନେ ମହାଦେବ ଶିବଙ୍କ କୃପାପ୍ରାର୍ଥୀ ହେଲେ। ତେବେ ମହାଦେବ ସ୍ୱୟଂ ଆଦିଶକ୍ତିଙ୍କୁ ସ୍ମରଣ କରୁଥିଲେ। ଏ ସମୟରେ ମା କାଳୀ ଆବିର୍ଭୂତା ହୋଇ ୧୩ ଦିନ ରୁଦ୍ରକାଳୀ ଦଣ୍ଡବ୍ରତ ପାଳନ କରିବାକୁ କହିବାରୁ ଦଣ୍ଡଯାତ୍ରାର ଆରମ୍ଭ ହୋଇ ଆସୁଛି। ଆଉ ଏକ ପୌରାଣିକ କାହାଣୀ ହେଉଛି ତରଣୀ ଋଷିଙ୍କର ୧୪ ଜଣ ଉଦ୍ଧତ ପୁଅ ଅନେକ ଅନ୍ୟାୟ ଅତ୍ୟାଚାର କରୁଥିଲେ। ସେମାନଙ୍କ ଭିତରୁ ଜଣେ ଅଭକ୍ଷ୍ୟ ଭକ୍ଷଣ କରି ମୃତ୍ୟୁବରଣ କଲା ଓ ଅନ୍ୟମାନଙ୍କୁ ବ୍ରହ୍ମା ଉଇହୁଙ୍କା ପାଲଟି ଯିବାକୁ ଅଭିଶାପ ଦେଇଥିଲେ। ସେହି ତେରଜଣଙ୍କ ଭିତରୁ ଜଣେ ଶିବଙ୍କ ଶରଣାପନ୍ନ ହୋଇ ଦଣ୍ଡ ପାଳନ କରି ବ୍ରହ୍ମାଙ୍କୁ ତୁଷ୍ଟ କରିବାରୁ ତେରଭାଇ ଶାପମୁକ୍ତ ହୋଇଥିଲେ। ଏହି ତେର ଋଷିପୁତ୍ରଙ୍କୁ ନେଇ ତେର ଦଣ୍ଡନାଟର ଆରମ୍ଭ ବୋଲି ବିଶ୍ୱାସ ରହିଛି।

ଭିନ୍ନ ଏକ ପୌରାଣିକ କିମ୍ବଦନ୍ତୀ ହେଉଛି ଅଷ୍ଟାବକ୍ର ଋଷିଙ୍କର କୁରୂପ ଶରୀରକୁ ଦେଖି ବୃହସ୍ପତି, ଇନ୍ଦ୍ର ଓ କୁବେରଙ୍କର ୧୩ ପୁତ୍ର ପରିହାସ କରିବାରୁ ଋଷିଙ୍କ ଅଭିଶାପରେ ସେମାନେ ଚଢ଼େୟା ଶବର ଭାବେ ପୃଥିବୀ ପୃଷ୍ଠରେ ଜନ୍ମ ହେଲେ। ଥରେ ନିଷିଦ୍ଧ ଅଞ୍ଚଳରେ ପକ୍ଷୀ ଶିକାର କରିବାରୁ ପକ୍ଷୀମାନେ ଗରୁଡ଼ଙ୍କୁ ନିଜର ଦୁଃଖ ଜଣାଇଲେ। ଫଳତଃ ଗରୁଡ଼ଙ୍କ ଆଦେଶରେ ଶିବଙ୍କର ସର୍ପ ଦଂଶନ କରି ମାରିଦେଲେ। ସେମାନଙ୍କ ପତ୍ନୀ ମା କାଳୀଙ୍କୁ ପ୍ରାର୍ଥନା କରିବାରୁ ସେ ୧୩ ଜଣ ଚଢ଼େୟାଙ୍କୁ ଜୀବଦାନ ଦେଲେ। ତେଣୁ ଏହି ମହିମାକୁ ପ୍ରଚାର କରିବାପାଇଁ ୧୩ ଜଣ ଦଣ୍ଡୁଆ ଦଣ୍ଡକାଳୀ ବ୍ରତ ଧାରଣ କରିବାର ପ୍ରଥା ରହିଛି। ନିଷ୍ଠା ଓ ବିଶ୍ୱାସ ଅଛି ଯେ ଏହି ଦଣ୍ଡନାଚରେ ପ୍ରଭା, ନାଗ, ଫାସ, ଦଣ୍ଡ, ଗୌରୀବେତ, ମୟୂରଚନ୍ଦ୍ରିକା, ଚମ୍ପାବର, ଗୁଆ, କଷାୟବସ୍ତ୍ର, ପତାକା ଓ ବେତ ଏକାନ୍ତ ଆବଶ୍ୟକ। ଗୌରୀବେତରେ ସ୍ୱୟଂ ଶିବ ବିରାଜମାନ କରିଥିବା ବିଶ୍ୱାସ ଅଛି। ଏହି ପର୍ବ ପ୍ରାଚୀନ କାଳରୁ ଓଡ଼ିଶାରେ ଚଳି ଆସୁଛି। ଏପରିକି ଓଡ଼ିଶା ବାସୀଙ୍କର ନୂଆ ବର୍ଷ ଦିନ ଅର୍ଥାତ୍ ମହାବିଷୁବ ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି ଦିନ ଏହା ଉଦଯାପିତ ହୁଏ। ଦଣ୍ଡନାଚରେ ଉଭୟ ଭଗବାନ ଶିବ ଓ ମା କାଳୀଙ୍କୁ ଉପାସନା କରାଯାଏ। ଏହା ବୈଶାଖ ମାସରେ ଆରମ୍ଭ ହୋଇ ୧୩ ଦିନ ପର୍ଯ୍ୟନ୍ତ ପାଳନ ହୁଏ। ୧୩ ଦିନ ଶେଷର ଦିନକୁ ମେରୁ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି କୁହାଯାଏ।

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହି ଦଣ୍ଡପୂଜା ହୋଇ ଆସୁଛି। କଟକ, ଢେଙ୍କାନାଳ, ଗଂଜାମ, ନୟାଗଡ଼ ଆଦି ଦଣ୍ଡ ପୂଜା ବହୁ ପୁରୁଷ ଧରି ଚାଲିଛି। ଦଣ୍ଡନାଚର ପାଳନରେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଶୈବ ଧର୍ମରୁ ଏହାର ଉତ୍ପତ୍ତି। ରଣ ଶିବ ସକଳ ନାଟ୍ୟପ୍ରକଟ ଶାସ୍ତ୍ର ମୂଳ ଦେବତା। କୋଠର ନିୟମରେ ରହି ଶିବ ପାର୍ବତୀଙ୍କ କଥା ପ୍ରଚାର କରିବା ଦଣ୍ଡ ନାଚର ଲକ୍ଷ୍ୟ। ମାନସିକ ପୂରଣ ପାଇଁ ସାଧାରଣତଃ ଏହା କରାଯାଏ। ଏହାର ସୃଷ୍ଟି ସମ୍ପର୍କରେ ଶିବ ପୁରାଣରେ ବର୍ଣ୍ଣନା ଅଛି। ଚୈତ୍ର ବୈଶାଖ ମାସ ଶିବଶକ୍ତି ଉପାସନା ପାଇଁ ଉପଯୁକ୍ତ ସମୟ। ଏହି ଦଣ୍ଡ ବ୍ରତ ୧୩ କିମ୍ବା୨୧ ଦିନ ଧରି ଆରମ୍ଭ ହୋଇ ପଣା ସଂକ୍ରାନ୍ତି ଦିନ ଶେଷ ହୁଏ। ପାରିବାରିକ କଷ୍ଟ ଦୂରୀକରଣ, କୃଷିର ଉନ୍ନତି ବା ମନସ୍କାମନା ପୂର୍ତ୍ତିର ଫଳ ସ୍ୱରୂପ ଶରୀରକୁ କଷ୍ଟ ଦେଇ ୧୩, ୧୮ ବା ୨୧ ଦିନ ପର୍ଯ୍ୟନ୍ତ ମା' ଦଣ୍ଡକାଳୀ ଓ ରୁଦ୍ର ମହାଦେବଙ୍କୁ ଧ୍ୟାନ କରି ଚୈତ୍ରମାସ ପୂର୍ଣ୍ଣିମା ପରଠାରୁ ଭକ୍ତମାନେ ରହିଥାନ୍ତି।

ପାରମ୍ପରିକ ବିଧି ଅନୁସାରେ ୨୧ ଦିନ ପର୍ଯ୍ୟନ୍ତ ଆମିଷ, ମଦ୍ୟ, ନାରୀସଂସର୍ଗ ପରିହାରର ସଂକଳ୍ପ କରି ୧୩ ଜଣ ଦଣ୍ଡୁଆ ବା ଭୋକ୍ତା ଗେରୁଆ ବସ୍ତ୍ର ପିନ୍ଧି କାମନା ମନ୍ଦିର ପୀଠରେ ଯାତ୍ରା ଆରମ୍ଭ ଦିନର ମଧ୍ୟରାତ୍ରରେ ଏକାଠି ହୁଅନ୍ତି। କାମନା ଘଟ ସ୍ଥାପିତ ହୁଏ ଓ ତା ପରେ ଦୁଇଟି ବେତକୁ ଶିବ ଓ ଗୌରୀଙ୍କ ପ୍ରତୀକରୂପେ ସ୍ଥାପନ କରାଯାଏ। ଦଳର ମୁଖ୍ୟ ପାଟ ଦଣ୍ଡୁଆ ଓ ଅନ୍ୟ ଦଣ୍ଡୁଆମାନେ ଉପବୀତ ଧାରଣ ପୂର୍ବକ ବାଉଁଶକାଠକୁ ଘର୍ଷଣ କରି ଶିବାଗ୍ନି ବାହାର କରନ୍ତି। ଏଥିରେ ନଡ଼ାରେ ତିଆରି ରମ୍ଭାବରକୁ ପ୍ରଜ୍ୱଳିତ କରାଯାଏ ଯାହା ୧୩ ଦିନ ପର୍ଯ୍ୟନ୍ତ ଜଳିରହେ। କାଳୀଙ୍କ ଚିତ୍ରପଟ, ମହାଦେବଙ୍କ ପ୍ରତୀକ ନାଗ ମୂର୍ତ୍ତି, ମୟୁରପୁଚ୍ଛ, ପତାକା ପୂଜାପରେ ଦଣ୍ଡନାଟ ଆରମ୍ଭ ହୁଏ। ଢୋଲ, ମହୁରୀ, ସାହାନାଇ, ଘଣ୍ଟ, ଶଙ୍ଖ,କାହାଳୀ, ଝାଞ୍ଜ, ଘୁଙ୍ଗୁର, ଘାଗୁଡ଼ି, ଦାସକାଠି, ରାମତାଳି, ଘୁଡୁକୀ, ଖଞ୍ଜଣୀ ପ୍ରଭୃତି ପାରମ୍ପାରିକ ବାଦ୍ୟର ତାଳେ ତାଳେ ଦଣ୍ଡନାଟ ପ୍ରଥମେ କାମନା ମନ୍ଦିର ପରିସରରେ ଆରମ୍ଭ ହୋଇ ପରେ ମାନସିକଧାରୀ ଭକ୍ତମାନଙ୍କ ଗୃହ ସମ୍ମୁଖରେ ଅନୁଷ୍ଠିତ ହୋଇଥାଏ।

ପାରମ୍ପରିକ ବିଧି ଅନୁସାରେ ୨୧ ଦିନ ପର୍ଯ୍ୟନ୍ତ ଆମିଷ, ମଦ୍ୟ, ନାରୀସଂସର୍ଗ ପରିହାରର ସଂକଳ୍ପ କରି ୧୩ ଜଣ ଦଣ୍ଡୁଆ ବା ଭୋକ୍ତା ଗେରୁଆ ବସ୍ତ୍ର ପିନ୍ଧି କାମନା ମନ୍ଦିର ପୀଠରେ ଯାତ୍ରା ଆରମ୍ଭ ଦିନର ମଧ୍ୟରାତ୍ରରେ ଏକାଠି ହୁଅନ୍ତି। କାମନା ଘଟ ସ୍ଥାପିତ ହୁଏ ଓ ତା ପରେ ଦୁଇଟି ବେତକୁ ଶିବ ଓ ଗୌରୀଙ୍କ ପ୍ରତୀକରୂପେ ସ୍ଥାପନ କରାଯାଏ। ଦଳର ମୁଖ୍ୟ ପାଟ ଦଣ୍ଡୁଆ ଓ ଅନ୍ୟ ଦଣ୍ଡୁଆମାନେ ଉପବୀତ ଧାରଣ ପୂର୍ବକ ବାଉଁଶକାଠକୁ ଘର୍ଷଣ କରି ଶିବାଗ୍ନି ବାହାର କରନ୍ତି। ଏଥିରେ ନଡ଼ାରେ ତିଆରି ରମ୍ଭାବରକୁ ପ୍ରଜ୍ୱଳିତ କରାଯାଏ ଯାହା ୧୩ ଦିନ ପର୍ଯ୍ୟନ୍ତ ଜଳିରହେ। କାଳୀଙ୍କ ଚିତ୍ରପଟ, ମହାଦେବଙ୍କ ପ୍ରତୀକ ନାଗ ମୂର୍ତ୍ତି, ମୟୂରପୁଚ୍ଛ, ପତାକା ପୂଜାପରେ ଦଣ୍ଡନାଟ ଆରମ୍ଭ ହୁଏ। ଢୋଲ, ମହୁରୀ, ସାହାନାଇ, ଘଣ୍ଟ, ଶଙ୍ଖ,କାହାଳୀ, ଝାଞ୍ଜ, ଘୁଙ୍ଗୁର, ଘାଗୁଡ଼ି, ଦାସକାଠି, ରାମତାଳି, ଘୁଡୁକୀ, ଖଞ୍ଜଣୀ ପ୍ରଭୃତି ପାରମ୍ପାରିକ ବାଦ୍ୟର ତାଳେ ତାଳେ ଦଣ୍ଡନାଟ ପ୍ରଥମେ କାମନା ମନ୍ଦିର ପରିସରରେ ଆରମ୍ଭ ହୋଇ ପରେ ମାନସିକଧାରୀ ଭକ୍ତମାନଙ୍କ ଗୃହ ସମ୍ମୁଖରେ ଅନୁଷ୍ଠିତ ହୋଇଥାଏ।

ଏପରି ୧୩, ୧୮, ୨୧ ଦିନ ବୁଲିବା ପରେ ଦଣ୍ଡଦଳ ବିଷୁବ ସଂକ୍ରାନ୍ତି ଦିନ କାମନା ମନ୍ଦିର ପାଖରେ ରୁଣ୍ଡ ହୁଅନ୍ତି। ସେଠାରେ ମେରୁଯାତ୍ରା ଅନୁଷ୍ଠିତ ହୁଏ। ଅନ୍ୟକ ଜାଗାରେ ମେରୁକୁଣ୍ଡର ଦୁଇପାଖରେ ବେଲକାଠଦ୍ୱାରା ଦୁଇଟି ଖୁଣ୍ଟ ପୋତାଯାଏ। ସେ ଦୁଇଟିକୁ ଗୋଟିଏ କାଠଦ୍ୱାରା ସଂଯୁକ୍ତ ହୋଇଥାଏ। ମୁଖ୍ୟ ଦଣ୍ଡୁଆ ସ୍ନାନସାରି ଓଦାବସ୍ତ୍ରରେ ପ୍ରଭୁଙ୍କୁ ଦର୍ଶନ କରନ୍ତି। ତାଙ୍କ ଦେହରେ କାଳୀ ଲାଗିଲା ପରେ କେତକ ଲୋକ ମିଶି ତାଙ୍କୁ ନିୟନ୍ତ୍ରଣ କରନ୍ତି। ପରେ ତାଙ୍କୁ ସେହି କାଠରେ ଓଲଟା ଲଟକାଇ ଦିଆଯାଏ। ତଳେ ଝୁଣା ଧୂଆଁର ଝାସରେ ତାଙ୍କ ନାସାରୁ ତିନିଟୋପା ରକ୍ତ ପଡ଼ିବାପରେ ସେ ଅଚେତ ଅବସ୍ଥାରେ ସେଥିରେ ଝୁଲି ରହନ୍ତି। ତାଙ୍କୁ ନିକଟସ୍ଥ ଜଳାଶୟକୁ ନେଇ ତାଙ୍କ ଚେତା ଫେରାଇ ଆଣିବାପରେ ଦଣ୍ଡନାଚ ଶେଷ ହୁଏ। ଏହି ପର୍ବରେ ମିଶିଥିବା ଭକ୍ତଙ୍କୁ ଦଣ୍ଡୁଆ ବା ଭୋକ୍ତା କୁହାଯାଏ। ଭୋକ୍ତାମାନେ ବହୁ କଷ୍ଟ କରି ଶରୀରକୁ ଦଣ୍ଡ ଦେଉଥିବାରୁ ଏହାକୁ ଦଣ୍ଡନାଚ କୁହାଯାଏ।

ଦଣ୍ଡ ନାଟରେ ମିଶିବାଦ୍ୱାରା ମା'କାଳୀଙ୍କ କୃପାରୁ ପାପ ଓ ଦୁଖ ଦୂର ହୋଇ ମାନବ ଶାନ୍ତି ଓ ଧନ ପ୍ରାପ୍ତ ହୁଏ ବୋଲି ବିଶ୍ୱାସୀ ଓଡ଼ିଆ ଏହି ପର୍ବକୁ ପାଳନ କରେ। ଦଣ୍ଡନାଚରେ ୧୩ଜଣ ମୁଖ୍ୟଭୋକ୍ତା ଥାଆନ୍ତି। ଏହି ୧୩ଜଣ ତେର ବର୍ଷ ପାଇଁ ଅଂଶଗ୍ରହଣ କରିବାକୁ ବାଧ୍ୟ। ସେମାନଙ୍କ ମଧ୍ୟରେ ଜଣେ ପାଟଭୋକ୍ତା ଥାଆନ୍ତି। ଭୋକ୍ତାମାନଙ୍କ ପାଇଁ କଠିନ ଆଚରଣ, ନିଷ୍ଠା ଓ ତ୍ୟାଗର ବିଧିବିଧାନ ରହିଛି। ଭୋକ୍ତାମାନେ ଯେଉଁ ୧୬ପ୍ରକାର ଦଣ୍ଡ ପରମ୍ପରା ଅନୁସାରେ ଗ୍ରହଣ କରନ୍ତି। ସେଗୁଡ଼ିକ ମଧ୍ୟରେ ଆହାର, ଉଜାଗର (ନିଦ୍ରା), ମୈଥୁନ ତ୍ୟାଗ, ଗୃହତ୍ୟାଗ, ପଦଗମନ, ଶ୍ମଶାନ, ନୃତ୍ୟ, ଧୂଳି, ପାଣି, ଅଗ୍ନି, ଗୃହଦଣ୍ଡ, ଅଙ୍ଗବଳୀ, ମେରୁପଟା (କଣ୍ଟା ଫୋଡ଼ିବା), ଶୁଦ୍ଧିକ୍ରିୟା, କୁଳଭୋଜି ଓ ଅଗ୍ନି ପରୀକ୍ଷା (ଅଗ୍ନିରେ ଚାଲିବା) ଆଦି।

ଲିଆ, ପଣା ତଥା ମୁଗସିଝା ଏମାନଙ୍କର ଖାଦ୍ୟ। ଭୋକ୍ତାମାନେ ଶିବ, ପାର୍ବତୀ, କାଳୀ, କଳସ, ବେତ, ଛତ୍ର, ବାନା, ଆଲଟ, ଚାମର, ଘଣ୍ଟ, ଢୋଲ, ମହୁରୀ, ଶଙ୍ଖ, ତୁରୀ ଧରି ଗାଁକୁ ଗାଁ ବୁଲନ୍ତି। ମାନସିକ କରିଥିବା ବ୍ୟକ୍ତି ସେମାନଙ୍କୁ ନିମନ୍ତ୍ରଣ କରନ୍ତି। ଷୋହଳ ସୁଆଙ୍ଗ ଦଣ୍ଡନାଚର ମୁଖ୍ୟ ଆକର୍ଷଣ। ଯଜମାନଙ୍କ ମନସ୍କାମନା ପୂର୍ଣ୍ଣ ପାଇଁ ପ୍ରାର୍ଥନା କରି ପାଣିଦଣ୍ଡ, ଧୂଳି ଦଣ୍ଡ, ବଜ୍ର ଦଣ୍ଡ, ଅଗ୍ନି ଦଣ୍ଡ, ନୃତ୍ୟ ଦଣ୍ଡ ଆଦି ବରଣ କରନ୍ତି। ପ୍ରଚଣ୍ଡ ଖରାରେ ତତଲା ବାଲି ଉପରେ ଗଡ଼ି, ପିରାମିଡ଼ କରି ଭୋକ୍ତାମାନେ ପାଣିଦଣ୍ଡ ନୃତ୍ୟ ପରିବେଷଣ କରନ୍ତି। ଶିବ ପାର୍ବତୀ, ଯୋଗିଯୋଗିଆଣୀ, କେଳା କେଳୁଣୀ, ଶବର ଶବରୁଣୀ, ହାଡ଼ି ହାଡ଼ିଆଣୀ, ଚଢ଼େୟା ଚଢ଼େୟାଣୀ, ବୀଣାକାର ଇତ୍ୟାଦି ସୁଆଙ୍ଗ ଦର୍ଶକମାନଙ୍କୁ ଆକୃଷ୍ଟ କରେ। ସୁଆଙ୍ଗବେଳେ ଚରିତ୍ରକୁ ଚାହିଁ ବେଶ ପୋଷାକ ପିନ୍ଧିଥାନ୍ତି।

ବାସ୍ତବରେ ପୌରାଣିକ, କୃଷିଭିତ୍ତିକ ଓ ସାଧାରଣ ଜୀବନ ଦର୍ଶନର ପ୍ରଭାବ ଦଣ୍ଡନାଟରେ ଦେଖିବାକୁ ମିଳିଥାଏ। ଏଥିରେ ଅତି ସରଳ ଗ୍ରାମୀଣ ଭାଷା ବ୍ୟବହାର କରାଯାଇଥାଏ। ବିଷୁବ ସଂକ୍ରାନ୍ତି ଦିନ ଦଣ୍ଡନାଚ ଶେଷ ହୁଏ। ଏହି ଶେଷଦିନକୁ ମେରୁ ପୂଜା କୁହାଯାଏ। ପ୍ରଜ୍ୱଳିତ ଅଗ୍ନି ଉପରେ ମେରୁ ଖୁଣ୍ଟରେ ଝୁଲି ପାଟଭୋକ୍ତା ଭକ୍ତମାନଙ୍କ ପାଇଁ ଶାରିରୀକ କଷ୍ଟ ଗ୍ରହଣ କରନ୍ତି। ଘଣ୍ଟ, ଝାଞ୍ଜ ଓ ଢୋଲ ଇତ୍ୟାଦି ବାଦ୍ୟଯନ୍ତ୍ର ବାଜୁଥିବା ବେଳେ ଭୋକ୍ତାମାନଙ୍କ କଳାରୁଦ୍ରମଣିକି ଭଜ ହେ ଧ୍ୱନି ଶ୍ରଦ୍ଧାଳୁଙ୍କ ମନରେ ଭୟ ମିଶ୍ରିତ ଭକ୍ତି ଭାବ ସୃଷ୍ଟି କରିଥାଏ। ଏହାର ପରଦିନ କୁଳଭୋଜି ହୁଏ। ସମସ୍ତେ ଏକାଠି ବସି ଖାଆନ୍ତି ଓ ନିଜ ନିଜର ଶୁଦ୍ଧିକ୍ରିୟା କରି ଭୋକ୍ତାମାନେ ଘର ବାହୁଡ଼ା କରନ୍ତି।

ବୈଦିକ ଯୁଗରୁ ଏହି ଲୋକ ନାଟକ ସୃଷ୍ଟି ଘଟିଛି। କିନ୍ତୁ ଏବେ ଏହା ଲୋକ ସମାଜରେ ମୁମୂର୍ଷ ଅବସ୍ଥାରେ ବଞ୍ଚିରହିଛି। ପୁନରୁଦ୍ଧାର ପାଇଁ ସମଗ୍ର ବିଶ୍ୱ ପ୍ରୟାସ ରଖିଛି। କାରଣ ବିଶ୍ୱରେ ନାନା ପ୍ରକାରର ଲୋକନାଟକ ପ୍ରଚଳିତ। ଚୀନ, ଆମେରିକା, ଲୋହିତ ଭାରତୀୟ , ଆଫ୍ରିକାର ଆଦିବାସୀ, ୟୁରୋପର ଅନୁନ୍ନତ ଅଞ୍ଚଳ ତଥା ଭାରତର ବିଭିନ୍ନ ପ୍ରଦେଶରେ ବିଭିନ୍ନ ପ୍ରକାରର ଲୋକନାଟ୍ୟ ଦେଖିବାକୁ ମିଳେ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪ ୭୫**

ସଞ୍ଚାର SANCHAR ସୋମବାର ୧୩ ଏପ୍ରିଲ ୨୦୨୬
ସ୍ୱାସ୍ଥ୍ୟ

# ସାରା ଦିନ ଶରୀରକୁ ଶକ୍ତି ଯୋଗାଏ ସାଗୁ



ଆପଣମାନେ ଜାଣିଥିବେ ଅଧିକାଂଶ ଘରେ ସାଗୁ ବ୍ୟବହାର କରାଯାଇଥାଏ। ସାଗୁକୁ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ।ପ୍ରାୟତଃ ଅନେକ ଲୋକ ଉପବାସ ସମୟରେ ସାଗୁ ଖାଇଥାନ୍ତି। ସାଗୁ ଖାଇବା କେବଳ ଉପବାସ ସମୟରେ ନୁହେଁ ବରଂ ଗ୍ରୀଷ୍ମ ଋତୁ ପାଇଁ ମଧ୍ୟ ସର୍ବୋତ୍ତମ ଖାଦ୍ୟ ହୋଇଥାଏ। ଯାହା ଅନେକ ରୋଗର ଆଶଙ୍କା କମାଇଥାଏ। ତେଣୁ ପ୍ରତିଦିନ ଖାଇବା ଲିଷ୍ଟରେ ସାଗୁକୁ ଆଡ୍ କରିପାରିବେ।

ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ଏଥିରେ ଅଧିକ ପରିମାଣର କ୍ୟାଲୋରୀ ରହିଥାଏ। ଏହା ବ୍ୟତୀତ ଫାଇବର, ଆଇରନ୍, ପୋଟାସିୟମ୍, କ୍ୟାଲସିୟମ୍ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି। ଯେଉଁଥିରେ କାର୍ବସ ମଧ୍ୟ ଥାଏ। ଯାହା ଶରୀରକୁ ଶକ୍ତି ଯୋଗାଇବାରେ ସାହାଯ୍ୟ କରିଥାଏ। କେବଳ ସ୍ୱାସ୍ଥ୍ୟଗତ ଭାବେ ନୁହେଁ ଚମକଦାର ତ୍ୱଚା ଏବଂ କେଶ ପାଇଁ ମଧ୍ୟ ଲାଭକାରୀ ହୋଇଥାଏ ସାଗୁ। ତେବେ ସାଗୁ ଖାଇବା ଦ୍ୱାରା ଆମର କଣ କଣ ଉପକାର ହୋଇଥାଏ ଆସନ୍ତୁ ଜାଣିବା। ସାଗୁରେ ଭିଟାମିନ୍ 'କେ' ଏବଂ କ୍ୟାଲସିୟମ ଗୁଣ ଥିବାରୁ ହାଡ଼ ପାଇଁ ବେଶ୍ ଉପଯୋଗୀ ହୋଇଥାଏ। ଯାହା ଖାଇବା ଦ୍ୱାରା ହାଡ଼ ବିକାଶ କରିବାରେ ସହାୟକ କରିଥାଏ।

**ଓଜନ ବଢାଏ:** ଯଦି ଆପଣ ଓଜନ ବଢାଇବା ପାଇଁ ଚେଷ୍ଟା କରୁଛନ୍ତି, ତେବେ ସାଗୁକୁ ନିଜ ଖାଦ୍ୟରେ ସାମିଲ କରିବା ଉଚିତ। କାରଣ ସାଗୁରେ କାର୍ବସ ଭରପୂର ମାତ୍ରାରେ ଥାଏ ଯାହା ଶରୀରରେ ଅତ୍ୟାବଶ୍ୟକ ଫ୍ୟାଟ ଟିସୁ ଗଠନ କରିବାରେ ସାହାଯ୍ୟ କରିଥାଏ। ଯାହା ଫଳରେ ଖୁବ୍ ସହଜରେ ଓଜନ ବୃଦ୍ଧି କରିପାରିବେ।

**ହଜମ ପ୍ରକ୍ରିୟାରେ ଲାଭଦାୟକ:** ହଜମ ପକ୍ରିୟାକୁ ଠିକ ରଖିବା ପାଇଁ ସାଗୁ ଖାଇବା ଅତ୍ୟନ୍ତ ଆବଶ୍ୟକ। କାରଣ ଏଥିରେ ଥିବା ଷ୍ଟାର୍ଚ ପାଚନକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏହା ସହିତ ଏଥିରେ ଥିବା ଫାଇବର କୋଷ୍ଠକାଠିନ୍ୟ ସମସ୍ୟାକୁ ରୋକିବାରେ ସହାୟକ କରିଥାଏ। ହାର୍ଟ ପାଇଁ ମଧ୍ୟ ସାଗୁକୁ ଭଲ ବୋଲି କୁହାଯାଇଥାଏ।

**ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରେ:** ଉଚ୍ଚ ରକ୍ତଚାପରେ ଲୋକମାନେ ବିଭିନ୍ନ ପ୍ରକାରର ଔଷଧ ଏବଂ ଘରୋଇ ଉପଚାର ନିଅନ୍ତି। ଆପଣ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସାଗୁଦାନା ଏଥିପାଇଁ ଖାଇ ପାରିବେ।ଏଥିରେ ପୋଟାସିୟମ୍ ପ୍ରଚୁର ପରିମାଣରେ ମିଳିଥାଏ, ଯେଉଁଥିପାଇଁ ଶରୀରରେ ରକ୍ତ ସଞ୍ଚାଳନ ସଠିକ୍ ଭାବରେ କରାଯାଇଥାଏ। ଏହା ମଧ୍ୟ ରକ୍ତ ପ୍ରବାହରେ ଗତି ଯୋଗାଏ। ଏହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ। ସାଗୁ ଖାଇବା ଦ୍ୱାରା ଚାପ କମିଯାଏ, ଯାହା ଷ୍ଟ୍ରୋକ୍ ଏବଂ ହାର୍ଟ ଆଟାକ୍ ଭଳି ଆଶଙ୍କାକୁ ହ୍ରାସ କରିଥାଏ।

**କେଶ ଏବଂ ଚର୍ମ ପାଇଁ ଉପକାରୀ:** ସାଗୁରେ ଭିଟାମିନ୍ ଇ ଏବଂ ସେଲେନିୟମ୍ ଭଳି ପୋଷକ ତତ୍ତ୍ୱ ରହିଛି। ଯାହା କେଶ ଏବଂ ଚର୍ମ ପାଇଁ ଉପଯୋଗୀ ହୋଇଥାଏ। ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଉଜ୍ଜ୍ୱଳ ତ୍ୱଚା ଏବଂ କେଶ ମଜବୁତ କରିବାରେ ସାହାଯ୍ୟ କରିଥାଏ। ପ୍ରତ୍ୟେକଟି ଜିନିଷ ଖାଇବାର ଗୋଟିଏ ଉପାୟ ଏବଂ ସଠିକ୍ ପରିମାଣ ରହିଥାଏ। ସେହିପରି ଭାବେ ସାଗୁ ଖାଇବାର ମଧ୍ୟ ଗୋଟିଏ ଉପଯୁକ୍ତ ସମୟ ରହିଛି। ଯାହା ଦ୍ୱାରା ଫଳପ୍ରଦ ହୋଇଥାଏ। ତେଣୁ ସକାଳ ଜଳଖିଆରେ ସାଗୁ ଖାଇବା ବହୁତ ଲାଭଦାୟକ ବୋଲି ପ୍ରମାଣିତ। ଏହାକୁ ଖାଇବା ଦ୍ୱାରା ଶରୀରକୁ ସାରା ଦିନ ପାଇଁ ଶକ୍ତି ମିଳିଥାଏ। ଏହା ସହିତ, ଏହାର ଲାଭ ମଧ୍ୟ ଶୀଘ୍ର ଦେଖାଯାଏ।



# ମସ୍ତିଷ୍କର ବୟସ ବଢ଼ାଉଛି ପ୍ରଦୂଷଣ

କେବଳ ବୟସ ନୁହେଁ, ଆଖପାଖର ବାତାବରଣ ମଧ୍ୟ ମସ୍ତିଷ୍କକୁ ପ୍ରଭାବିତ କରିଥାଏ। ବାତାବରଣ ସହ ସାମାଜିକ ପରିସ୍ଥିତି ମସ୍ତିଷ୍କ ଉପରେ ପ୍ରଭାବ ପକାଏ। ଆଜିକାଲି ପ୍ରାୟ ଲୋକ ନିଜର ଶାରୀରିକ ଫିଟ୍ନେସ୍ ଓ ଖାଦ୍ୟପାନୀୟ ଉପରେ ଧ୍ୟାନ ଦେବାରେ ଲାଗିଛନ୍ତି। କିନ୍ତୁ କେବେ ଭାବିଛନ୍ତି ଯେଉଁ ବାତାବରଣରେ ଆମେ ରହୁଛେ ଓ ସାମାଜିକ ପରିସ୍ଥିତି ଦେଇ ଆମେ ବଞ୍ଚୁଛେ ତାହା ଆମ ମାନସିକ ସ୍ଥିତିକୁ କେତେ ପ୍ରଭାବିତ କରୁଛି ?

ନିକଟରେ ୩୪ଟି ଦେଶର ୧୮,୭୦୧ ଲୋକଙ୍କ ଉପରେ କରାଯାଇଥିବା ଗବେଷଣାରୁ ମିଳିଥିବା ତଥ୍ୟ ପ୍ରାୟ ଲୋକଙ୍କୁ ଆଚମ୍ବିତ କରିଦେଇଛି। ପ୍ରଦୂଷଣ, ଅଭାବ ଓ ସାମାଜିକ ଏକଲାପଣ ମିଶି ବ୍ୟକ୍ତିର ମସ୍ତିଷ୍କକୁ ୯ ଗୁଣା ତୀବ୍ର ବେଗରେ ବୟସ୍କ କରିବାରେ ଲାଗିଛନ୍ତି। ଏହି ଗବେଷଣା କେବଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟର କଥା କହି ନଥାଏ, ବରଂ ଏକ୍ସପୋଜୋମ୍ ବିଷୟରେ କହୁଛି, ଯାହା ଦ୍ୱାରା ଆମେ ନିଶ୍ୱାସପ୍ରଶ୍ୱାସ ନେବା ସହ ବଞ୍ଚୁଛେ। ଗବେଷଣା ଅନୁସାରେ ବାୟୁ ପ୍ରଦୂଷଣ ଓ ପାଣିର ଖରାପ ଗୁଣବତ୍ତାର ସିଧାସଳଖ ପ୍ରଭାବ ମସ୍ତିଷ୍କର ସଂରଚନାକୁ ପ୍ରଭାବିତ କରିଥାଏ। ଯେତେବେଳେ ଆମେ ପ୍ରଦୂଷିତ ବାୟୁକୁ ପ୍ରଶ୍ୱାସରେ ଭିତରକୁ ନେଉଛେ,ସେତେବେଳେ ଛୋଟ ଛୋଟ ଧୂଳି କଣା ଫୁସ୍ଫୁସ୍ ଜରିଆରେ ମସ୍ତିଷ୍କରେ ପହଞ୍ଚିଥାଏ। ଏହା ୩ ପ୍ରକାରର ସମସ୍ୟା ସୃଷ୍ଟି କରିଥାଏ।ନ୍ୟୁରୋଇନ୍ଫ୍ଲାମେସନ୍- ମସ୍ତିଷ୍କର ଟିସୁରେ ପ୍ରଦାହ ହେବା ,ଅକ୍ସିଡେଟିଭ୍ ଷ୍ଟ୍ରେସ୍ - କୋଷିକାଗୁଡିକ ତୀବ୍ର ବେଗରେ ହ୍ରାସ ପାଇଥାନ୍ତି , ବ୍ଲଡ୍ ଭେସେଲ୍ସ ଖରାପ ହୁଏ- ମସ୍ତିଷ୍କରେ ଅମ୍ଳଜାନ ପହଞ୍ଚିବାରେ ବାଧା ପହଞ୍ଚିଥାଏ। ଏହାବ୍ୟତୀତ ସହରୀ ଜୀବନରେ ସବୁଜିମାର ଅଭାବରୁ ବଢୁଥିବା ତାପମାତ୍ରା ଚିନ୍ତାର ସ୍ତରକୁ ବଢାଇଥାଏ, ଫଳରେ ସ୍ମରଣ ଶକ୍ତି ଓ ଭାବନାକୁ ନିୟନ୍ତ୍ରିତ କରୁଥିବା ଅଙ୍ଗ ସମୟ ପୂର୍ବରୁ ଦୁର୍ବଳ ହୁଏ। ଆର୍ଥିକ ଅଭାବ ଓ ଅସମାନତାର ବୋଝ ଆର୍ଥିକ ଅଭାବ କେବଳ ପକେଟ୍ ଖାଲି କରି ନଥାଏ। ବରଂ ମସ୍ତିଷ୍କକୁ ମଧ୍ୟ ସଙ୍କୁଚିତ କରିଦିଏ। ସାମାଜିକ ଓ ଆର୍ଥିକ ଅସମାନତା କାରଣରୁ ବ୍ୟକ୍ତି ସବୁବେଳେ ଜୀବନ ବଞ୍ଚିବାକୁ ନେଇ ସଂଘର୍ଷ କରୁଥାଏ।ସୁବିଧାସୁଯୋଗର ଅଭାବ ମସ୍ତିଷ୍କର ଏକ ଅଂଶକୁ ପ୍ରଭାବିତ କରିଥାଏ, ଯାହା ତାର୍କିକ ଭାବନା ଓ କଗ୍ନେଟିଭ ପଙ୍କ୍ସନକୁ ଦାୟୀ କରିଥାଏ। ସାମାଜିକ ଅସୁରକ୍ଷା କାରଣରୁ ହେଉଥିବା ମାନସିକ ଚିନ୍ତା ନ୍ୟୁରୋନ୍ସ ଭିତରେ ଥିବା ସମ୍ପର୍କକୁ ଦୁର୍ବଳ କରିଦେଇଥାନ୍ତି। ଏକଲାପଣ ମଧ୍ୟ ଏକ କାରଣ ଏକଲାପଣ ଆଜିକାଲି ଏକ ମହାମାରୀ ପରି ମାଡି ଚାଲିଛି। ଗବେଷଣାରୁ ଜଣାପଡିଛି ଯେଉଁମାନଙ୍କ ପାଖରେ ସାମାଜିକ ସହଯୋଗର ଅଭାବ ରହିଥାଏ, ସେମାନଙ୍କରେ ବୟସ ବଢିବାର ଲକ୍ଷଣ ସାମାଜିକ ଭାବେ ସକ୍ରିୟ ଥିବା ଲୋକଙ୍କଠାରୁ ଅଧିକ ରହିଥାଏ। ଏକଲାପଣ ମସ୍ତିଷ୍କରେ କର୍ଟିସୋଲ୍ ହର୍ମୋନ୍ ସ୍ତରକୁ ବଢାଇଥାଏ, ଯାହା ସିଧାସଳଖ ଭାବେ ଖୁସିକୁ ପ୍ରଭାବିତ କରିଥାଏ। ମସ୍ତିଷ୍କ ଉପରେ ଏକା ସାଙ୍ଗରେ ଆକ୍ରମଣ ଯେତେବେଳେ ମସ୍ତିଷ୍କ ଉପରେ ଭୌତିକ ଓ ସାମାଜିକ କାରକଗୁଡିକ ଏକା ସାଙ୍ଗରେ ଆକ୍ରମଣ କରିଥାନ୍ତି, ଏହାର ପ୍ରଭାବ ବହୁଗୁଣା ବଢିଯାଇଥାଏ।

# ନିରୋଗ ସ୍ୱାସ୍ଥ୍ୟ ପାଇଁ ହୋମିଓପାଥି

ହୋମିଓପାଥି ଚିକିତ୍ସାର ଜନକ ଭାବେ ବିବେଚିତ ଡା. ସାମୁଏଲ ହ୍ୟାନିମାନ ୧୭୯୬ ଏପ୍ରିଲ ୧୦ରେ ଜନ୍ମଗ୍ରହଣ କରିଥିଲେ। ସେହି ବିଶିଷ୍ଟ ଡାକ୍ତରଙ୍କ ଜନ୍ମଦିନ ଅବସରରେ ପ୍ରତିବର୍ଷ ଏପ୍ରିଲ ୧୦ରେ ପାଳିତ ହୋଇଆସୁଛି 'ବିଶ୍ୱ ହୋମିଓପାଥି ଦିବସ'। ଚଳିତ ବର୍ଷ ଏହି ଦିବସ ଲାଗି ପ୍ରସଙ୍ଗ ରହିଛି-'ନୀରୋଗ ସ୍ୱାସ୍ଥ୍ୟ ପାଇଁ ହୋମିଓପାଥି'। ହୋମିଓପାଥିର ବିକାଶରେ ଡା. ହ୍ୟାନିମାନଙ୍କ ଅବଦାନ ଚିର ସ୍ମରଣୀୟ। ଏ ବିଷୟରେ ବିଜୁ ପଟ୍ଟନାୟକ ହୋମିଓପାଥି



ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ବ୍ରହ୍ମପୁରର ଅଧ୍ୟାପିକ ଡା. ସୁକାନ୍ତି ସୁଚରିତା ଷଡ଼ଙ୍ଗୀ କୁହନ୍ତି, ''ଦୀର୍ଘ ବର୍ଷ ଧରି ହୋମିଓପ୍ୟାଥି ଚିକିତ୍ସା ସମଗ୍ର ବିଶ୍ୱରେ ବେଶ୍ ଆଦୃତ ହୋଇଛି। ପ୍ରାୟ ୮୦ରୁ ଅଧିକ ଦେଶରେ ଏହି ଚିକିତ୍ସା ପ୍ରଣାଳୀ ଚାଲୁ ରହିଛି। ହୋମିଓପାଥିକ ଚିକିତ୍ସା ମାଧ୍ୟମରେ ଥଣ୍ଡା, କାଶ, ଜ୍ୱର ପରି ସାଧାରଣ ରୋଗ ବ୍ୟତୀତ ଆଜ୍‌ମା (ଶ୍ୱାସ), ଆଣ୍ଠୁଗଣ୍ଠି ସମସ୍ୟା, ଗ୍ୟାଷ୍ଟ୍ରିକ, ସ୍ନାୟୁ ରୋଗ, ସ୍ପଣ୍ଡିଲୋସିସ, ପାରାଲିସିସ ବା ପକ୍ଷାଘାତ, ମାନସିକ ରୋଗ ଏବଂ ଆମର ଜୀବନଶୈଳୀ ସହ ଜଡିତ ଉଚ୍ଚ ରକ୍ତଚାପ, ମଧୁମେହର ମଧ୍ୟ ସଫଳ ଚିକିତ୍ସା କରାଯାଇପାରୁଛି। ଏକଥା ଜାଣିବା ଦରକାର ଯେ ଏହି ଚିକିତ୍ସାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଯଦି ଜଣେ ବ୍ୟକ୍ତି ହୋମିଓପାଥି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଠିକ୍ ଭାବରେ ଚିକିତ୍ସିତ ହୁଅନ୍ତି ତେବେ ଚିକିତ୍ସା କରାଯାଉଥିବା ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ସମ୍ଭବ ହୋଇଥାଏ। ଏଥିସହ ଏହି ଚିକିତ୍ସା ପଦ୍ଧତିରେ ରୋଗୀକୁ ସ୍ୱଳ୍ପ ଖର୍ଚ୍ଚ କରିବାକୁ ପଡ଼ିଥାଏ। ମୂଳ କଥା ହେଲା ହୋମିଓପାଥି ଚିକିତ୍ସା ସମୟରେ ରୋଗୀର କେବଳ ରୋଗକୁ ନୁହେଁ, ରୋଗୀର ଶାରୀରିକ ଏବଂ ମାନସିକ ଅବସ୍ଥାକୁ ଲକ୍ଷଣ ରୂପେ ବିଚାରକୁ ନେଇ ଚିକିତ୍ସା କରାଯାଏ। ହୋମିଓପାଥି ଚିକିତ୍ସା ପଦ୍ଧତିକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମାନ୍ୟତା ଦେଇଛି।

# କେଉଁ ବୋତଲରେ ପାଣି ପିଇବା ଉଚିତ

**ଜଳ ହିଁ ଜୀବନ। ପାଣି ପିଇବା ପାଇଁ କିଏ ପ୍ଲାଷ୍ଟିକ୍ ବଟଲ ବ୍ୟବହାର କରନ୍ତି ତ ଆଉ କିଏ ତମ୍ବା ନ ହେଲେ ଷ୍ଟିଲ୍। ଘରୁ ବାହାରିବା ସମୟରେ ଅଧିକାଂଶ ଲୋକ ପାଣି ବଟଲ ନିଜ ବ୍ୟାଗ୍‌ରେ ନେଇ ଚାଲିଥାଆନ୍ତି। କିନ୍ତୁ ଆପଣ ଏହା ଜାଣିଛନ୍ତି କି ଷ୍ଟିଲ୍ କି ତମ୍ବା ବଟଲ କେଉଁଥିରେ ପାଣି ପିଇବା ଭଲ । ଜାଣନ୍ତୁ ଏ ସମ୍ପର୍କରେ...**

ବିଶେଷଜ୍ଞଙ୍କ ମତରେ ଆପଣ ଯେଉଁପରି ଭାବେ ବୋତଲରେ ପାଣି ପିଉଛନ୍ତି ଏହାର ପଜିଟିଭ୍ ଏବଂ ନେଗେଟିଭ୍ ପ୍ରଭାବ ପଡ଼ିଥାଏ। ଯଦି ଆପଣ ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଛନ୍ତି ଆଜି ଏହି ଅଭ୍ୟାସ ଛାଡ଼ି ଦିଅନ୍ତୁ। ପ୍ଲାଷ୍ଟିକ୍ ବୋତଲ ସ୍ୱାସ୍ଥ୍ୟ ଲାଗି କ୍ଷତିକାରକ ହୋଇଥାଏ।

- ❑ ଆୟୁର୍ବେଦିକ ଅନୁସାରେ ତମ୍ବା ବୋତଲରେ ପ୍ରାକୃତିକ ଆଣ୍ଟିମାଇକ୍ରୋବିୟଲ ଗୁଣ ରହିଛି। ଏହା ଶରୀରରେ ଥିବା ହାନିକାରକ ବ୍ୟାକ୍ଟେରିଆକୁ ଦୂରକରିଥାଏ। ଯଦି ଆପଣ ତମ୍ବା ବୋତଲରେ ପାଣି ରଖୁଛନ୍ତି ସେହି ପାଣି ପିଇବା ଦ୍ୱାରା ଇମ୍ୟୁନିଟି ବୃଦ୍ଧି ହୋଇଥାଏ।
- ❑ ତମ୍ବା ବୋତଲରେ ପାଣି ପଇଲେ ଏହା ପାଚନ କ୍ରିୟାକୁ ଭଲ କରିଥାଏ। ଏହା ଶରୀରରେ ଥାଇରଏଡ୍‌କୁ ନିୟନ୍ତୟଣରେ ରଖିଥାଏ। ଏହା ମଧ୍ୟ ଭୋକ ବଢ଼ାଇବା ସହ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ।
- ❑ ତମ୍ବା ବୋତଲକୁ ପ୍ରତିଦିନ ସଫାକରିବା ଆବଶ୍ୟକ। ଏଥିପାଇଁ ଲେମ୍ବୁ, ଲୁଣ ସିର୍‌କା ଘୋଳର ବ୍ୟବହାର କରି ବୋତଲକୁ ସଫା କରିପାରିବେ। ବୋତଲ ସଫା କରିସାରିବା ପରେ ତାକୁ ଭଲଭାବେ ଧୋଇଦିଅନ୍ତୁ।
- ❑ ଷ୍ଟିଲ୍ ବୋତଲରେ ପାଣି ରଖିବା ଦ୍ୱାରା ଏଥିରୁ କୌଣସି ପ୍ରକାର ରସାୟନ ଗନ୍ଧ ଆସି ନ ଥାଏ। ଏଥିରେ ମଧ୍ୟ ପାଣି ଥଣ୍ଡା ଗରମ ରହିଥାଏ।
- ❑ ଷ୍ଟିଲ୍ ବୋତଲକୁ ସଫା କରିବାକୁ ହେଲେ ଆପଣ ଲିକ୍ୟୁଇଡ୍ ୱାସ୍ ଦ୍ୱାରା ସଫା କରିପାରିବେ। ଭିତର ପାଖ ସଫା କରିବାକୁ ହେଲେ ଗୋଟେ ବ୍ରଶ୍ ନେଇପାରିବେ।



# ଅବ୍ୟବସ୍ଥା ଘେରରେ ଅଙ୍ଗନବାଡ଼ି କେନ୍ଦ୍ର

**ଫିରିଙ୍ଗିଆ,୧୨।୪(ସଂଚାର ବ୍ୟୁରୋ)ः** ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର ରେ କୋମଳ ମତୀ ଶୁଶୁ ମାନଙ୍କ ସୁରକ୍ଷା ନିମନ୍ତେ ପାଚେରୀ, ବିଶୁଦ୍ଧ ପାନୀୟ ଜଳ ର ବ୍ୟବସ୍ଥା, ରୋଷେଇ ଗୃହ ନିର୍ମାଣ କାର୍ଯ୍ୟ କରୁଥିବା ର ଡିଣ୍ଡିମ୍ ପିଟୁଥିବା ବେଳେ ଆଜି ପର୍ଯ୍ୟନ୍ତ ବଟାଭାହାଲି ଅଙ୍ଗନବାଡ଼ି କେନ୍ଦ୍ର ରେ ଅବ୍ୟବସ୍ଥା ଘେରରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର ଏଠି ଯାହା ପ୍ରଶ୍ନ ଉଠୁଛି ସ୍ଥାନୀୟ ପ୍ରତିନିଧି ଓ ପ୍ରଶାସନ ଇଛା ଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ କୌଣସି ସମ୍ପୂର୍ଣ୍ଣ ହୋଇ ପାରୁନାହିଁ ବୋଲି ବୃଦ୍ଧି ଜିବୀ ମହଲରେ ଚର୍ଚ୍ଚା ହେଉଛି। ଏ ନେଇ ଠିକାଦାରଙ୍କୁ ପଚାରିବାରୁ ପାଚେରୀ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଥିବା କହିଛନ୍ତି। ହେଲେ ଅନ୍ୟ ପଟେ ଦେଖିବାକୁ ମିଳିଛି ପାଚେରୀ କାର୍ଯ୍ୟ ର ସରକାରୀ ନିୟମ ଅନୁଯାୟୀ ପୋଲକ ନିର୍ମାଣ ହୋଇ ନାହିଁ କି ପାଚେରୀ କାର୍ଯ୍ୟର ଉଲ୍ଲେଖ କରା ହେଇନି ତାହା ଏକ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତେଣୁ ନଳକୂପ ନୂତନ ଭାବରେ ଖୋଲା ଯାଇଛି ହେଲେ ଆଜି ପର୍ଯ୍ୟନ୍ତ ନଳକୂପ ଚାନ୍ଦିନୀ କରା ଯାଇନି।ଏ ବିଷୟରେ ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କନିଷ୍ଠ ଯନ୍ତ୍ରୀ ଅମର ବେହେରା ଙ୍କୁ ପଚାରିବାରୁ ଶିଘ୍ର ଚାନ୍ଦିନୀ କାମ ଆରମ୍ଭ କରାଯିବ କହିଛନ୍ତି।



## ସ୍କୁଲ ଡ୍ରେସ୍ ଯୋଗାଣରେ ଅବ୍ୟବସ୍ଥା

**ନର୍ଲା,୧୨।୪(ସଂଚାର ବ୍ୟୁରୋ)ः** ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ସ୍କୁଲ ଡ୍ରେସ ଯୋଗାଇ ଆସୁଛନ୍ତି ସରକାର। କିନ୍ତୁ ଗତବର୍ଷ କାର୍ଯ୍ୟାଦେଶ ପାଇଥିବା ନର୍ଲା ବ୍ଲକ ଅଞ୍ଚଳର କେତେକ ଏସଏଚଜି ସ୍କୁଲ ଡ୍ରେସ ଯୋଗାଣରେ ଅବ୍ୟବସ୍ଥା କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଏସଏଚଜି ମାନେ ନିଜେ ପୋଷାକ ସିଲେଇ କରି ପ୍ରଦାନ କରିବା କଥା। କିନ୍ତୁ ସେମାନଙ୍କ ପାଖରେ ଭିତ୍ତିଭୂମି ନଥିଲା। ତେଣୁ ସେମାନେ ଅନ୍ୟ କପଡ଼ା ବ୍ୟବସାୟୀମାନଙ୍କ ଠାରୁ ଡ୍ରେସ ନେଇ ସ୍କୁଲମାନଙ୍କରେ ପ୍ରଦାନ କରିଥିଲେ। ଯଦି କୌଣସି ଛାତ୍ରଛାତ୍ରୀମାନଙ୍କ ଡ୍ରସ ଛୋଟ କିମ୍ବା ବଡ଼ ହୋଇଥିଲା ତାହାକୁ ବଦଳାଇବା ଦିଗରେ ସେମାନେ ମୋଟେ ଧ୍ୟାନ ଦେଇନଥିଲେ। ଏହାସହ କେତେକ ଏସଏଚଜି ଯୋଗାଇ ଦେଇଥିବା ପୋଷାକର ମାନ ମଧ୍ୟ ନିମ୍ନମାନର ଥିବା ବିଦ୍ୟାଳୟ ପରିଚାଳନା କମିଟି ଓ ଅବିଭାବକମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟାଦେଶ ପାଇଥିବା ରୁପ୍ରାରୋଡର ସମସ୍ତ ଏଜେନ୍ସି ଠିକ୍ ଭାବେ ପୋଷାକ ଯୋଗାଇ ଥିଲେ। ପିଲାମାନେ ଉତ୍ତମ ମାନର ହାଉସ ଡ୍ରେସ ମଧ୍ୟ ପାଇଥିଲେ। ତେଣୁ ଅବ୍ୟବସ୍ଥା ସୃଷ୍ଟି କରିଥିବା ସଂପୃକ୍ତ ଏସଏଚଜି ମାନଙ୍କୁ ବାଦ୍ ଦେଇ ଗତବର୍ଷ କାର୍ଯ୍ୟାଦେଶ ପାଇଥିବା ଠିକ୍ ଏଜେନ୍ସିକୁ ଏହି ଦାଇତ୍ୱ ନ୍ୟସ୍ତ କରିବାକୁ ଦାବି କରିଛନ୍ତି ଅନେକ ବିଦ୍ୟାଳୟ ପରିଚାଳନା କମିଟି।

## ପଞ୍ଚୁଦଣ୍ଡ ମହାମିଳନ ସମାରୋହ ଅନୁଷ୍ଠିତ

**କନ୍ଧମାଳ,୧୨।୪(ସଂଚାର ବ୍ୟୁରୋ)ः** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକର ସାରଙ୍ଗଡ଼ ପଞ୍ଚାୟତ ଲକ୍ଷ୍ମୀ ବଜାର ସାରଙ୍ଗଡ଼ ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୨୨ ତମ ପଞ୍ଚୁଦଣ୍ଡ ଦଣ୍ଡ ମହାମିଳନ କାର୍ଯ୍ୟକ୍ରମ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚୁଦଣ୍ଡ ମହାମିଳନ କାର୍ଯ୍ୟକ୍ରମ କୁ ପଞ୍ଚୁଦଣ୍ଡ ପରିଚାଳନା କମିଟିର ଆୟୋଜନ କରିଥିବା ବେଳେ କମିଟି ର ସଭାପତି ରୋହିତାଶ୍ୱ ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଚଳିତ ବର୍ଷ ବନେ ଗାଁ, କରଣ୍ଡାଗଡ଼, ମଣିପଦର, ଲେଡିଙ୍ଗିଆ, ବାଗାରାମା ପଞ୍ଚ ଟି ଦଣ୍ଡ ଥଳ ନିଜ ନିଜର ପାରମ୍ପରିକ ଦଣ୍ଡ ନୃତ୍ୟ ପରିବେଷଣ କରିଥିଲେ ଓ ସକାଳ ନଅ ଟା ସମୟରେ ସମସ୍ତ ଦଣ୍ଡ ଥଳ ମନ୍ଦିର ପରିକ୍ରମା କରିସାରିଲା ପରେ ବନ୍ଦନା ସାରି ଦିନ ଏଗାର ଟା ରେ ଧୂଳି ଦଣ୍ଡ ସହ ବିଭିନ୍ନ ନୃତ୍ୟ ପରିବେଷଣ ପରେ ଅପରାହ୍ନ ଚାରିଟା ସମୟରେ ଜଳ ଘାଟ ସାରି ସନ୍ଧ୍ୟା ପାଞ୍ଚଟା ସମୟରେ ପ୍ରତିବର୍ଷ ଭଳି ପଞ୍ଚୁଦଣ୍ଡ ଶମ୍ଭୁ, ପଞ୍ଚୁ ଦଣ୍ଡ, ମିଳନ ଅନୁଷ୍ଠିତ ହୋଇଥିଲା ଓ ରାତ୍ର ଏଗାର ଟା ସମୟରେ ଦଣ୍ଡ ଚରିତ୍ର ନାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ସକାଳ ସାତ ଘଣ୍ଟା ସମୟରେ ବୀଣାକାର ମେଲଣ ସହ ଦଣ୍ଡ ମେଲାଣି ପର୍ବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିବା ପରିଚାଳନା କମିଟି ତରଫରୁ ସୂଚନା ମିଳିଛି। ପରିଚାଳନା କମିଟ ସଭାପତି ରୋହିତାଶ୍ୱ ନାୟକ, ଉପ ସଭାପତି ରାଧାନାଥ ତ୍ରିପାଠୀ, ସମ୍ପାଦକ ବୈଦ୍ୟନାଥ ସାହୁ, ସଂଘ ସଦସ୍ୟ ସନ୍ତୋଷ କୁମାର ପାଣିଗ୍ରାହୀ ଙ୍କ ସହ ପରିଚାଳନା କମିଟି ସଦସ୍ୟ ଏବଂ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବରପୁତ୍ରଙ୍କ ସ୍ମୃତିଚାରଣ ଓ କବିତା ପାଠୋତ୍ସବ



**ବଲାଙ୍ଗୀର,୧୨।୪(ସଂଚାର ବ୍ୟୁରୋ)ः** ଦିବଂଗତ ବନ୍ଦନୀୟ ବରପୁତ୍ରମାନଙ୍କର କର୍ମ ଓ ସାମର୍ଥ୍ୟ ଆମ ସମୃଦ୍ଧ ଐତିହ୍ୟର ପରିଚୟ। ସେମାନଙ୍କ ପ୍ରଦର୍ଶିତ ମାର୍ଗରେ ଆମେ ଓ ଆମର ଉତ୍ତରପିଢ଼ି ଆଗକୁ ବଢ଼ିଲେ, ଜାତି ପ୍ରତି କର୍ତ୍ତବ୍ୟକୁ ପୂରଣ କରିପାରିବୁ। ଭାଷା, ସାହିତ୍ୟ ଓ ଇତିହାସକୁ ନେଇ ଗର୍ବ କରିବା ଆବଶ୍ୟକ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଗାଳ୍ପିକା ଶ୍ରୀମତୀ ଗାୟତ୍ରୀ ସରାଫ କହିଛନ୍ତି। ଓଡ଼ିଆ ପକ୍ଷ ପାଳନ ଅବସରରେ, ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଓଡ଼ିଶା ସାହିତ୍ୟ ଏକାଡେମୀର ଆୟୋଜନରେ ବଲାଙ୍ଗୀର ସଂସ୍କୃତି ଭବନରେ ବନ୍ଦନୀୟ ବରପୁତ୍ରଙ୍କ ସ୍ମୃତିଚାରଣ ଓ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ଆରମ୍ଭରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରାଜେନ୍ଦ୍ର ମାଝୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ମଂଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଡା. ଜ୍ୟୋତିର୍ମୟୀ ସାହୁ, ଡା. ସଞ୍ଜୟ କୁମାର ମିଶ୍ର ଓ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ପ୍ରମୁଖ ମଂଚାସୀନ ହୋଇଥିଲେ।

## ମହୁରୀ ଉଡ଼ା ଯାତ୍ରା ପାଇଁ ଭକ୍ତାଙ୍କ ପୂଜାର୍ଚ୍ଚନା

**ବୈଶିଙ୍ଗା,୧୨।୪(ସଂଚାର ବ୍ୟୁରୋ)ः** ବହୁ ପ୍ରସିଦ୍ଧ ମହୁରୀ ଉଡା ଯାତ୍ରା ଆସନ୍ତା ଏପ୍ରିଲ ୧୫ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ବେଳେ ଭକ୍ତା ମାନେ ସାତଦିନ ଧରି ଶୁଦ୍ଧପୂତ ଭାବେ ହବିଷାନ୍ନ ଖାଇ ବ୍ରତ ରଖିଥାନ୍ତି। ପଣା ସଂକ୍ରାନ୍ତି ୧୪ ତାରିଖ ଦିନ ଏଥିପାଇଁ ଏହି ଭକ୍ତା ମାନେ କଣ୍ଟାପାଟ, ଝୁଲା ପାଟ ଓ ନିଆଁ ପାଟରେ ଭାଗନେଇ ନିଜକୁ ସମର୍ପିତ କରିଥାନ୍ତି। ଉଡା ଯାତ୍ରା ଦିନ ଅପରାହ୍ନରେ ସ୍ନାନ ସାରି ପ୍ରଥମେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଆ ବାନୁଳୀ ଙ୍କ ପୀଠରେ ଆରାଧନା କରିବା ପରେ ଗ୍ରାମର ଆରାଧ୍ୟ ଦେବ ଦେବ ମୁକ୍ତେଶ୍ୱର ମହାଦେବ ଙ୍କ ପୀଠରେ ଦର୍ଶନ କରି ଉଡା ପଡ଼ିଆ କୁ ଆସିଥାନ୍ତି।ସେଠାରେ ଉଡା ଖୁଣ୍ଟି ରେ ଝୁଲି ଝୁଲି ହଜାର ହଜାର ଭକ୍ତ ଙ୍କୁ ଫୁଲ, ଲଡୁ, ଖଇ ଆଦି ଉପରୁ ଫିଙ୍ଗି ଥାଆନ୍ତି। ତଳେ ଅପେକ୍ଷାରତ ଭକ୍ତମାନେ ଏହାକୁ ସାଦରେ ଗ୍ରହଣ କରିଥାନ୍ତି। ମାଆ ବାପା ମାନେ ଯେଉଁ ପିଲା ମାନଙ୍କର ମାନସିକ ରଖିଥାନ୍ତି ଉଡା ଖୁଣ୍ଟି ରେ ଝୁଲାଇବା ପାଇଁ ସେମାନେ ପାଟଭକ୍ତା ଙ୍କ ଜରିଆରେ ଝୁଲାଇଥାନ୍ତି। ଏହି ଉଡା ଯାତ୍ରାରେ ହଜାର ହଜାର ସଂଖ୍ୟାର ପାଖ ଆଖ ୫୦ ଖଣ୍ଡ ଗ୍ରାମରୁ ଲୋକମାନେ ଗୁଣ୍ଡ ହୋଇ ଥାଆନ୍ତି।



## ପାଣି ପାଇଁ କଲବଲ ପେଡେଣିବାରୁ ଗ୍ରାମବାସୀ

**ଫିରିଙ୍ଗିଆ,୧୨।୪(ସଂଚାର ବ୍ୟୁରୋ)ः** ପାନୀୟ ଜଳ ପାଇଁ ସରକାରଙ୍କ ମାଳ ମାଳ ଯୋଜନା। ହେଲେ ଲୋକଙ୍କ ପାଖରେ ପିଇବା ପାଣି ଏବେ ମଧ୍ୟ ସାତ ସପନ ହୋଇ ପାଲଟିଛି। ଲୋକେ ବର୍ଷ ସାରା ନାଳ ପାଣି ଉପରେ ଭରସା କରୁଛନ୍ତି। କାହିଁ କେଉଁ କାଳରୁ ଜଳ ଯନ୍ତ୍ରଣା ଭୋଗୁଛନ୍ତି ଗାଁର ଲୋକେ। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର କୁଏରିମାଣ୍ଡୁ ପଞ୍ଚାୟତ ଅନ୍ତର୍ଗତ ପେଡେଣିବାରୁ ସାହିରେ। ଲାଗି ରହିଛି ପିଇବା ପାଣିର ସମସ୍ୟା। ଗାଁ ଲୋକଙ୍କ ପାଇଁ ସୁଦ୍ଧ ପିଇବା ପାଣି ସାତ ସପନ ପାଲଟିଛି। ଲୋକେ ବର୍ଷସାରା ନାଳରୁ ଦୁଷିତ ପିଇବା ପାଣି ସଂଗ୍ରହ କରୁଛନ୍ତି। ଫଳରେ ଜଳ ଜନିତ ବିଭିନ୍ନ ରୋଗରେ ପିଲାଛୁଆଙ୍କ ସହିତ ବଡ ଲୋକ ମଧ୍ୟ ଆକ୍ରାନ୍ତ ହେଉଛନ୍ତି। ନାଳ ଚୁଆ ସେଥିରୁ ଗୋଳିଆ ପାଣି ବାହାରୁ ଥିବାରୁ ତାହା ବ୍ୟବହାର ଉପଯୋଗ୍ୟ ହୋଇ ପାରୁନାହିଁ। ଫଳରେ ଲୋକେ ଖରାଦିନରେ ନାଳରେ ଚୁଆ ଖୋଳି ପିଇବା ପାଣି ସଂଗ୍ରହ କରୁଥିବା ବେଳେ ଅନ୍ୟ ସମୟରେ ନାଳରେ ବହି ଯାଉଥିବା ଦୁଷିତ ପାଣିକୁ ପିଇବା ପାଇଁ ବାଧ୍ୟ ହେଉଛନ୍ତି। ଖାଲି ସେତିକି ନୁହେଁ ନାଳଟି ଗାଁ ଠାରୁ କିଛି ଦୂରରେ ଥିବାରୁ ପିଇବା ପାଣି ସଂଗ୍ରହ ପାଇଁ ଯିବାବେଳେ ଭୟ ମଧ୍ୟ ରହୁଛି। ଏ ସମ୍ପର୍କରେ ବାରମ୍ବାର ପ୍ରଶାସନ କୁ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଲୋକେ ଅଭିଯୋଗ କରିଛନ୍ତି।ଯଥା ଶିଘ୍ର ପିଇବା ପାଣିର ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ବୋଲେରୋ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

## ୨୦ ଘଣ୍ଟା ପରେ ବି ହୋଇନି ମୃତଦେହ ବ୍ୟବଚ୍ଛେଦ



**ଦାରିଙ୍ଗବାଡ଼ି,୧୨।୪(ସଂଚାର ବ୍ୟୁରୋ)ः** ବୋଲେରୋ ଧକ୍କାରେ ବାଇକ୍‌ଚାଳକଙ୍କ ମୃତ୍ୟୁ ଘଟଣାର ଇତିମଧ୍ୟରେ ପ୍ରାୟ ୨୦ ଘଣ୍ଟା ବିତିଯାଇଥିଲେ ମଧ୍ୟ କୌଣସି ମାମଲା ରୁଜୁ ହୋଇ ନ ଥିବା ଓ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିବା ବେଳେ ଗାଡ଼ିଚାଳକଙ୍କୁ ମଧ୍ୟ ପୋଲିସ ଗିରଫ କରିପାରି ନ ଥିବା ନେଇ ଦେଖାଯାଇଛି ଉତ୍ତେଜନା। ମୃତଦେହକୁ ପୋଲିସ ଜବତ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗରେ ଦାରିଙ୍ଗବାଡ଼ି ଚାରି ଛକରେ ପୀଡ଼ିତା ପରିବାର ଓ ଅଞ୍ଚଳବାସୀ ଅବରୋଧ କରି ରଖିଛନ୍ତି। ଫଳରେ ଦାରିଙ୍ଗବାଡ଼ିରୁ ବ୍ରହ୍ମପୁର, ଫୁଲବାଣୀ, ଗଜପତି ଆଦି ଅଞ୍ଚଳକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ପ୍ରକାଶ ଯେ, ଶନିବାର ଅପରାହ୍ନରେ ଦାରିଙ୍ଗବାଡ଼ିରୁ ଏକ ବୋଲେରୋ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଉକ୍ତ ଥାନା କୁମ୍ଭାରବାଡ଼ି ଅଞ୍ଚଳରୁ ଏକ ବାଇକ୍ ଯୋଗେ ଉକ୍ତ ଗ୍ରାମର ଯୁବକ ଶାଶ୍ୱତ ନାୟକ ଦାରିଙ୍ଗବାଡ଼ି ଅଭିମୁଖେ ଆସୁଥିବା ସମୟରେ ବୋଲେରୋ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଶାଶ୍ୱତଙ୍କ ମୃତ୍ୟୁ ଘଟିଥିଲା। ଆମ୍ବୁଲାନ୍ସ ଶାଶ୍ୱତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଘୋଷଣା ପରେ ଅଞ୍ଚଳରେ ଘଟଣାକୁ ନେଇ ଉତ୍ତେଜନା ଦେଖାଯିବା ସହ ବୋଲେରୋକୁ ଜଣେ ନାବାଳକ ଚଳାଉଥିବା ଅଭିଯୋଗ ହୋଇଛି। ତୁରନ୍ତ ନାବାଳକ ଚାଳକଙ୍କୁ ଗିରଫ କରିବାକୁ ପୀଡ଼ିତାଙ୍କ ପରିବାର ଦାବି କରୁଥିବା ବେଳେ ମୃତ ଶାଶ୍ୱତ ଙ୍କ ସ୍ତ୍ରୀ ଚୁମୁକି ଜେନା ବର୍ତ୍ତମାନ ଗର୍ଭବତୀ ରହିଥିବାରୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

## ଜିଲ୍ଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆଥଲେଟିକ୍ସ



**ସୁବର୍ଣ୍ଣପୁର,୧୨।୪(ସଂଚାର ବ୍ୟୁରୋ)ः** ସୁବର୍ଣ୍ଣପୁର ଜିଲ୍ଲାର ଗାନ୍ଧୀ ଷ୍ଟାଡିଅମ, ସୋନପୁରରେ ସକାଳ ୮.୩୦ ରେ ଜିଲ୍ଲା ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ୨୦୨୬ ଆଥଲେଟିକ୍ସ ଅନୁଷ୍ଠିତ ହୋଇଅଛି। ପୂର୍ବରୁ ବ୍ଲକ ସ୍ତରୀୟ ପ୍ରତିଯୋଗିତା ରେ ଉତ୍ତୀର୍ଣ୍ଣ ହୋଇ ଛାତ୍ରଛାତ୍ରୀ ମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ତରଫରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁସାରେ ଜିଲ୍ଲା କ୍ରୀଡା ଓ ଯୁବ ସେବା ଅଧିକାରୀ ଶ୍ରୀ ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇ ଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଏବଂ ଅନ୍ୟ ଶାରୀରିକ ଶିକ୍ଷକ ମାନେ ଉପସ୍ଥିତ ଥିଲେ ଏବଂ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ। ଏହିପରି ଆସନ୍ତା ୧୬.୦୪.୨୦୨୬ରେ 'ଖୋଖୋ' ଏବଂ ୧୭.୦୪.୨୦୨୬ ରେ 'ଭଲିଭଲ' ଖେଳ ପାଇଁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ର ଦିନ ଧର୍ଯ୍ୟ ହୋଇଛି।

## କୋରାପୁଟ ଜିଲ୍ଲା ଇପିଏଫ ପେନସନର୍ସ ଆସୋସିଏସନ୍ ବୈଠକ

**ଜୟପୁର,୧୨।୪(ସଂଚାର ବ୍ୟୁରୋ)ः** ଜୟପୁର ଯାଦବ ଭବନ ଠାରେ ଇପିଏଫ୍ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟିର ବୈଠକ ନଳିନୀ କାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏଜେଣ୍ଡା ଉପସ୍ଥାପନ କରି ସଭାପତି କହିଛନ୍ତି ଯେ, ଦୀର୍ଘ ୨୦୧୮ ମସିହାରୁ ଇପିଏସ୍ -୯୫ ପେନସନଭୋଗୀ ମାନଙ୍କୁ ମାସିକ ସର୍ବନିମ୍ନ ୯୦୦୦/ ଟଙ୍କା ସହ ମହଙ୍ଗା ଭତା ଯୋଡ଼ିବା ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ପାଇଁ ବ୍ୟବସ୍ଥା କରିବା ପାଇଁ ଦାବି କରି ଦିଲ୍ଲୀର ଯନ୍ତର ମନ୍ତର ଠାରେ କ୍ରମାଗତ ଧାରଣା ଜାରି ରହିଛି। କେନ୍ଦ୍ରୀୟ ଏବଂ ରାଜ୍ୟ କମିଟି ପରବର୍ତ୍ତୀ ଆନ୍ଦୋଳନ ପନ୍ଥା ଘୋଷଣା କଲେ ତାକୁ ପାଳନ କରାଯିବ। ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି ଯେ, ବର୍ତ୍ତମାନ ଚାଲିଥିବା ନିର୍ବାଚନରେ ଶାସକ ବିଜେପି ଓ ଅନ୍ୟ ଦଳ ମାନେ କ୍ଷମତାକୁ ଆସିଲେ ପ୍ରତି ଘର ମହିଳା ମାନଙ୍କୁ ୩୦୦୦/ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଦେବା ପାଇଁ ଘୋଷଣା କରିଛନ୍ତି। କେତେକ ରାଜ୍ୟରେ ବାର୍ଦ୍ଧକ୍ୟ ଭତା ମାସିକ ୩୦୦୦/- ଟଙ୍କାରୁ ଅଧିକ ଦିଆଯାଉଛି। କିନ୍ତୁ ବିଡ଼ମ୍ବନାର ବିଷୟ ଯେଉଁ ଶ୍ରମିକ କର୍ମଚାରୀ ମାନେ ଚାକିରୀ କାଳ ଭିତରେ ପ୍ରୋଭିଡେଣ୍ଟ ଫଣ୍ଡ କୁ ପ୍ରତି ମାସରେ ହଜାର ହଜାର ଟଙ୍କା ଦୀର୍ଘ ୩୦/ ୪୦ ବର୍ଷ ଧରି

## କଲେଜରେ ସ୍ୱାସ୍ଥ୍ୟ ସଚେତନତା ଶିବିର



**ସୁବର୍ଣ୍ଣପୁର,୧୨।୪(ସଂଚାର ବ୍ୟୁରୋ)ः** ସୋନପୁର ମହାବିଦ୍ୟାଳୟ ରେ ଜାତୀୟ ସେବା ଯୋଜନା ତରଫରୁ ଏକ ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଟି ମହାବିଦ୍ୟାଳୟ ର ଅଧ୍ୟକ୍ଷ ରାଧାକାନ୍ତ ନାଏକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଲିନା ପ୍ରଧାନ ମୁଖ୍ୟ ଅତିଥି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ର କାର୍ଯ୍ୟକ୍ରମ ସଂଯୋଜକ ଡ଼. ବଂଶୀଧର ଦୀପ, ବଲାଙ୍ଗୀର ଜିଲ୍ଲା ନୋଡାଲ ଅଧିକାରୀ, ଏନ ଏସ ଏସ, ଡ଼ ଅଜିତ ଭୋଇ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡ଼. ବଶୁମତି ଚୌଧୁରୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଶିବିର କୁ ଉଦଘାଟନ କରିଥିଲେ। ଉଦଘାଟନୀ ସଭା କୁ କାର୍ଯ୍ୟକ୍ରମ ଅଧିକାରୀ ତଥା ଜିଲ୍ଲା ନୋଡାଲ ଅଧିକାରୀ ଏନ ଏସ ଏସ ଧୀରେନ୍ଦ୍ର କୁମାର ମିଶ୍ର ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଯାମିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିର ରେ ଜିଲ୍ଲା ର ନଅ ଟି ମହାବିଦ୍ୟାଳୟ ରୁ ମୋଟ ୨୦୦ ଜଣ ଛାତ୍ରୀ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ। ଶିବିର ରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରୁ ଡ଼. ଚୌଧୁରୀ ଙ୍କ ନେତୃତ୍ୱ ରେ ଆସିଥିବା ଏକ ଟିମ ସହଯୋଗ ରେ ସମସ୍ତଙ୍କର ହିମୋଗ୍ଲୋବିନ ପରୀକ୍ଷା କରାଯିବା ସହିତ ରକ୍ତହୀନତା ନିରାକରଣ ସମ୍ବନ୍ଧରେ ଦୁଇ ଗୋଟି ସଚେତନତା ଅଧ୍ୟୟନ ମୂଳକ ଶ୍ରେଣୀ ଯଥାକ୍ରମେ ଡ଼ ବଶୁମତି ଚୌଧୁରୀ ଓ ଡ଼.ଚିତ୍ତରଞ୍ଜନ ତ୍ରିପାଠୀ ଶିବିରାର୍ଥୀ ମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରେଇଥିଲେ।

## କାଠ ବୋଝେଇ ପିକଅପ୍ ଜବତ



**ପଦ୍ମପୁର,୧୨।୪(ସଂଚାର ବ୍ୟୁରୋ)ः** ପଦ୍ମପୁର ବନ ବିଭାଗକୁ ସଫଳତା । ଶନିବାର ଜଗଦଳପୁର ଥାନା ଅନ୍ତର୍ଗତ ଲୋହରା କୋଟ ଗ୍ରାମ ପାଖରୁ ଏକ ସାଗୁଆନ ଗଣ୍ଡି ବୋଝେଇ ମେକ୍ସ ପିକଅପ୍ ଭ୍ୟାନ (ଓଆର-୧୭କେ ୬୧୬୭)କୁ ଜବତ କରାଯାଇଛି। ଉକ୍ତ ଗାଡି ରେ ୧୭ଗଣ୍ଡି ସାଗୁଆନ ଓ ୫ଗଣ୍ଡି ଗମ୍ଭାରୀ ଗଛ ଥିଲା, ଯାହାର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏ ସଂପର୍କରେ ପଦ୍ମପୁର ବନ ବିଭାଗ କେଶ ନମ୍ବର୧୧/୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଭେଉଁରିଆ ଗ୍ରାମର ପ୍ରେମରାଜ ସାହୁଓ ସରେଇକେଲା ଗ୍ରାମର ମନୋଜ ପଟେଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହାସହ ଗାଡି ଓ କାଠକୁ ଜବତ କରାଯାଇଛି । ଏହି ଚଢ଼ାଉରେ ଫରେଷ୍ଟର ରାଧାକାନ୍ତ କୁମ୍ଭାର, ଗାର୍ଡ ରଞ୍ଜନ ବରିହା, ମନ ଟେଟୁଆ ଓ ରାଜା ଡ଼ନସନା ସାମିଲ ହୋଇଥିଲେ ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ବଲାଙ୍ଗୀର,୧୨।୪(ସଂଚାର ବ୍ୟୁରୋ)ः** ଓଡିଆ ପକ୍ଷ ପାଳନ ଅବସରରେ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ବଙ୍ଗୋମୁଣ୍ଡା ଆନୁକୂଲ୍ୟରେ 'ସ୍ୱେଚ୍ଛାକୃତ ରକ୍ତଦାନ ଶିବିର' ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ଶୋଭେନ୍ଦ୍ର କୁମାର ମେହେର ଉଦ୍ଘାଟନ କରି ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ତଥା ସ୍ୱେଚ୍ଛାସେବୀଙ୍କ ଉଦ୍ଦେଶ୍ୟରେ ରକ୍ତଦାନ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ। ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ପକ୍ଷରୁ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ୨୨ ଜଣ ଛାତ୍ରୀଛାତ୍ର ତଥା ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଟିଟିଲାଗଡ଼ ଉପଖଣ୍ଡ ରକ୍ତ ଭଣ୍ଡାର କେନ୍ଦ୍ରର ଅଧିକାରୀ ଡକ୍ଟର ଓଁକାର ହୋତାଙ୍କ ତତ୍ତ୍ୱାବଧାନରେ ଲେବ୍ରୋଟାରୀ ଟେକ୍ନିସିଆନ ଅଚ୍ୟୁତାନନ୍ଦ ମହାପାତ୍ର, ଆଟେଡ୍ୟାଂଟ ଜୟରାମ ମଚ୍ଛଖଣ୍ଡ ଓ ଡି.ଏମ୍. ଆସିସଟ୍ୟାଂଟ ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

## ବରପୁତ୍ର ସମ୍ମିଳନୀ ଓ କବିତା ପାଠୋତ୍ସବରେ ଓଡ଼ିଆ ସଂସ୍କୃତିର ଗୌରବ ଉଲ୍ଲେଖ



**ସୁବର୍ଣ୍ଣପୁର,୧୨।୪(ସଂଚାର ବ୍ୟୁରୋ)ः** ସୁବର୍ଣ୍ଣପୁର ଜିଲ୍ଲା ଗ୍ରନ୍ଥାଗାରରେ ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିନରେ ବୀରପୁତ୍ର ସମ୍ମିଳନୀ ଓ କବିତା ପାଠୋତ୍ସବ ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ପୂର୍ବାହ୍ନ ୧୦ଟାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଆତିଥି ଭାବରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଲୀନା ପ୍ରଧାନ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥି ଭାବରେ ସୁଦାମ ନାଏକ, ସୁଦାମ ଦୀପ ଓ ଦେବଦାସ ମହାପାତ୍ର ଯୋଗଦେଇ ଓଡ଼ିଶାର ସଂସ୍କୃତି ପୁରୁଷ, ବିପ୍ଳବୀ ଓ ନାରୀ ସଂଗ୍ରାମୀମାନଙ୍କ ଉପରେ ଆଲୋଚନା କରିଥିଲେ। ଜଣାଶୁଣା ଲେଖକ ଗୋରେଖ ନାଥ ସାହୁ ଆଲୋଚନା ଚକ୍ରକୁ ସମୀକ୍ଷା କରିଥିଲେ। ଏହି ଅବସରରେ ସୁବର୍ଣ୍ଣପୁରର ୫୦ ଜଣ ଲେଖକ, ଲେଖିକା, ବୁଦ୍ଧିଜୀବୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ କବିତା ପାଠୋତ୍ସବରେ ଅଂଶଗ୍ରହଣ କରିଥିଲେ।

## ୫ କେଜି ବିଶିଷ୍ଟ ଗ୍ୟାସ୍ ସିଲିଣ୍ଡର ବିକ୍ରି ଆରମ୍ଭ

**ବଲାଙ୍ଗୀର,୧୨।୪(ସଂଚାର ବ୍ୟୁରୋ)ः** ବଲାଙ୍ଗୀର ଜିଲ୍ଲା ଲୋଇସିଂହାରେ ମା ସନ୍ତୋଷି ଗ୍ରାମୀଣ ବିତରକ ଗ୍ୟାସ ଏଜେନ୍ସି ପକ୍ଷରୁ ୫ କେଜି ବିଶିଷ୍ଟ ଗ୍ୟାସ୍ ସିଲିଣ୍ଡର ବିକ୍ରି ଆରମ୍ଭ ହୋଇଛି। ଏବ୍ରି ଗ୍ୟାସ ୫କେଜି ସିଲିଣ୍ଡର ପିଛା ୧୫୩୭ ଟଙ୍କା ଦର ରହିଥିବାବେଳେ ଯେ କୌଣସି ବ୍ୟକ୍ତିବିଶେଷ ନିଜର ଆଧାରକାର୍ଡ ପ୍ରଦାନ କରି ଉକ୍ତ ସିଲିଣ୍ଡର କ୍ରୟ କରିପାରିବେ ବୋଲି କୁହାଯାଇଛି। ସନ୍ତୋଷି ଗ୍ରାମୀଣ ବିତରକ ଗ୍ୟାସ ଏଜେନ୍ସି ପକ୍ଷରୁ ଲୋଇ ସିଂହା କଲେଜ୍ ସମ୍ମୁଖରେ ବିକ୍ରୟ ଆରମ୍ଭ ହୋଇଛି। ଏହି କ୍ରମରେ ବହୁ ଗ୍ରାହକ ସିଲିଣ୍ଡର କ୍ରୟ କରୁଥିବା ଦେଖାବାକୁ ମିଳିଛି। ସୂଚନା ଯୋଗ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧଯୋଗୁଁ ଗତ ଏକମାସ ହେଲା ଗ୍ୟାସ ସଙ୍କଟ ଲାଗି ରହିଛି। ଫଳରେ ବହୁ ଲୋକେ ଗ୍ୟାସ ପାଇବାରୁ ବଞ୍ଚିତ ରହିଥିବାବେଳେ ଅନେକ ବ୍ୟବସାୟୀ ଦୋକାନ ବନ୍ଦ କରି ଦେଇଛନ୍ତି। ତେବେ ବିନା ସବ୍ସିଡିରେ ଉକ୍ତ ସିଲିଣ୍ଡର ବିକ୍ରି କରାଯାଉଥିବା ବେଳେ ଗ୍ରାହକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

## ହିଞ୍ଜିଳି ଥାନାଧିକାରୀ ସମ୍ମାନିତ

**ଗଞ୍ଜାମ,୧୨।୪(ସଂଚାର ବ୍ୟୁରୋ)ः** ଗତ ଫେବୃଆରୀ ମାସରେ ଗଞ୍ଜାମ ଜିଲ୍ଲାର ୨୬ଟି ଥାନା ମଧ୍ୟରେ ସାଇବର ସୁରକ୍ଷା ସଚେତନତା ତଥା ସାଇବର୍ କବଚରେ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଲୋକଙ୍କୁ ଠକୁଥିବା ନଅ ଅପରାଧୀଙ୍କୁ ଧରି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ସେମାନଙ୍କ ୩୫ ଲକ୍ଷ ଟଙ୍କାର ଆକାଉଣ୍ଟ କୁ ଜବତ କରିବା, ଅଧିକରୁ ଅଧିକ ତଦନ୍ତ ଜାରି ରଖିବା ଓ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କୁ ସମ୍ମାନିତ କରାଯାଇଛି। ଆଜି ଗଞ୍ଜାମ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ସାଇବର ଅପରାଧ ବୃଦ୍ଧି ପାଉଥିବା ପରିପ୍ରେକ୍ଷିରେ ହିଞ୍ଜିଳି ଥାନା ପକ୍ଷରୁ ବିଭିନ୍ନ ସ୍କୁଲ, କଲେଜ ଓ ଗ୍ରାମାଚଂଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଲୋକମାନଙ୍କୁ ଅନଲାଇନ ଠକେଇ, ଓଟିପି ଠକେଇ, ଭୁଆ ଲିଙ୍କ ଓ ସୋସିଆଲ ମିଡିଆ ଦୁରୁପଯୋଗ ସମ୍ପର୍କରେ ସଚେତନ କରାଯାଇଥିଲା। ଏହା ଫଳରେ ଅନେକ ଲୋକ ସାଇବର ଠକେଇରୁ ସୁରକ୍ଷିତ ରହିପାରିବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏହି ସଫଳତା ପାଇଁ ହିଞ୍ଜିଳି ଥାନା ଅଧିକାରୀ ଓ କର୍ମଚାରୀଙ୍କ ଉଦ୍ୟମକୁ ଏସପି ପ୍ରଶଂସା କରିଥିଲେ।

## ପଞ୍ଚାୟତ ନିର୍ବାଚନ ବିଗୁଲ ବାଜିଲାଣି: ରାଜନୈତିକ ମହଲରେ ଚଳଚଞ୍ଚଳ



**ବୈଶିଙ୍ଗା,୧୨।୪(ସଂଚାର ବ୍ୟୁରୋ)ः** ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ = ୨୦୨୬ ପାଇଁ ସରକାର ଙ୍କ ତରଫରୁ ସବୁଜ ସଙ୍କେତ ମିଳିବା ସହିତ ଏଥିପାଇଁ ଆନୁସଙ୍ଗିକ ପ୍ରକ୍ରିୟା କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ଇତି ମଧ୍ୟରେ ନିର୍ଦ୍ଦେଶନାମା ଜାରି କରାଯାଇଥିବା ପ୍ରଶାସନିକ ସୂତ୍ରରୁ ଜଣାଯାଇଛି, ଏଥିପାଇଁ ରାଜନୈତିକ ଦଳ ମାନେ ଯେତିକି ତତ୍ପର ହୋଇ ଉଠିଛନ୍ତି ତାଠାରୁ ପଞ୍ଚାୟତ ସ୍ତରୀୟ ଛାମୁଆ ନେତା ଅଧିକ ସକ୍ରୀୟ ଥିବାର ଦେଖିବାକୁ ମିଳିଛି। ବଡସାହି ନିର୍ବାଚନ ମଣ୍ଡଳୀ (ସଂ) କୁ ବିଚାରକୁ ନିଆଯାଏ ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ଚୟନ ନେଇ ଶାସକ ବିଜେପି ଦଳକୁ ବେଶୀ ଘାଇଲା କରିଛି। ଚବିଶ ବର୍ଷର ବିଜେଡି ଶାସନ ବନାମ ଦୁଇ ବର୍ଷର ବିଜେପି ଶାସନ ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି ଓ ଚବିଶ ବର୍ଷ ଧରି ଗାଁ ଗଣ୍ଡାରେ ଲୋକମାନେ ଯେତିକି ସୁବିଧା ପାଉଥିଲେ ଏହି ଦୁଇ ବର୍ଷରେ କାନ୍ଦି ଗଲେଣି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ କହିଥିଲେ ଆମ ଶାସନରେ ପିସି କାରବାରକୁ ପଞ୍ଚାୟତ ସ୍ତର ଠାରୁ ବ୍ଲକ ଏବଂ ଜିଲ୍ଲା ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ତଥାପି ଏହି ପିସି କାରବାର ଲୁଚା ଛପା ଚାଲିଥିଲା। ମାତ୍ର ବର୍ତ୍ତମାନ ବିଜେପି ଶାସନରେ ଖୋଦ ବିଧାୟକ ମାନେ ପ୍ରଶାସନିକ ଅଧିକାରୀ ଙ୍କୁ ହାତବାରସି କରି ପିସି ଲୁଟି ଚାଲିଛନ୍ତି ବୋଲି ଠିକାଦାର ମାନେ ପ୍ରକାଶ କରିଛନ୍ତି, ପଞ୍ଚାୟତ ସ୍ତରୀୟ ଛାମୁଆ ନେତାମାନେ ନିର୍ବାଚନ ସମୟରେ ବିଧାୟକ ପଛରେ ଗୋଡ଼ାଇ ଥାଆନ୍ତି କେବଳ ପରବର୍ତ୍ତୀ ସମୟରେ ଛୋଟ ମୋଟ ଗ୍ରାମୀଣ କାମଟିଏ ମିଳିଲେ ନିଜର ଗୁଜୁରାଣ ମେଣ୍ଟାଇ ପାରନ୍ତେ। ମାତ୍ର ତାହାବି ତାଙ୍କ ଭାଗ୍ୟରେ ଜୁଟୁନାହିଁ। ଯଦିବା ମିଳୁଛି ପ୍ରଥମେ ୨୦ ପ୍ରତିଶତ ଜମା କର ତାପରେ କାମ କର। ଏହାଦ୍ୱାରା ପଞ୍ଚାୟତ ନିର୍ବାଚନ ରେ କୁ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଏ। ଆଉ ଗୋଟିଏ ବଡ କଥା ହେଉଛି ଯେଉଁ ପୁରୁଣା କର୍ମୀମାନେ ବିଜେପିର ସୂତ୍ରଧର ଥିଲେ ଏବଂ ମନ ପ୍ରାଣ ଦେଇ ଦଳକୁ ଭଲ ପାଉଥିଲେ। ବାଜପେୟୀ ଜୀ ଙ୍କ ଠାରୁ ଆରମ୍ଭ କରି ମୋଦି ଜୀ ଙ୍କ ପଯ୍ୟନ୍ତ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଦଳୀୟ ନେତାମାନଙ୍କୁ ଅକୁଣ୍ଠ ଚିତ୍ତରେ ସମର୍ଥନ କରି ଚାଲିଥିଲେ।

## ଜଳିଗଲା ୩ ଭାଇଙ୍କ ଘର

**ବେଲଗୁଣ୍ଠା,୧୨।୪(ସଂଚାର ବ୍ୟୁରୋ)ः** ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଟିକରପଡା ମିଲ ସାହିରେ ଅଗ୍ନିକାଣ୍ଡ ଘଟି ୩ଭାଇଙ୍କ ୩ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ସେମାନେ ହେଲେ ଟିକରପଡା ଗ୍ରାମର ମିଛା ନାୟକ, ଅନନ୍ତ ନାୟକ ଓ ଅଚୁତ ନାୟକ। ଅଗ୍ନିକାଣ୍ଡର ସଠିକ କାରଣ ଜଣାପଡି ନ ଥିବା ବେଳେ ଶଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସମସ୍ତେ ଚାଷୀ ପରିବାର ହୋଇଥିବାରୁ ସମସ୍ତଙ୍କ ଧାନ, ଚାଉଳ, ମୁଗ, ଲୁଗାପଟା ଓ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବା ଜଣାପଡିଛି। ଖବର ପାଇ ଡ଼ନାରଡାରୁ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।